RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-306 • TUESDAY • 05 MAY 2026 • PAGE-12 • ₹ 7.00 | PANIKOILI | ବର୍ଷ-୪୩ • ସଂଖ୍ୟା-୩୦୬ • ମଙ୍ଗଳବାର • ୦୫ ମେ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦



ମାଦ୍ରିଦ୍ ଓପନ୍ ଜିତିଲେ ସିନ୍ନର୍

▶ପୃଷ୍ଠା ୧୨ ଦେଖନ୍ତୁ...

## ମଉଳିଲା ଘାସଫୁଲ; ଫୁଟିଲା ପଦ୍ମ

# ବଙ୍ଗରେ ବିଜେପିର ବାଜିମାତ୍

■ନୂଆଦିଲ୍ଲୀ, ୪।୫(ଏଜେନ୍ସି): ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଫଳାଫଳକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ସୋମବାର ଅନୁଷ୍ଠିତ ଭୋଟ ଗଣତିରୁ ମିଳିଥିବା ଆପାତତଃ ଫଳାଫଳ ଅନୁସାରେ, ପଶ୍ଚିମବଙ୍ଗରେ ଦୀର୍ଘ ୧୫ ବର୍ଷ ଧରି ଶାସନରେ ଥିବା ମମତା ବାନାର୍ଜୀଙ୍କୁ ପରାସ୍ତ କରି ଇତିହାସ ରଚିଛି ବିଜେପି। ତାମିଲନାଡୁରେ ଷ୍ଟାଲିନଙ୍କ ଡିଏମ୍‌କେ ସରକାରକୁ କ୍ଷମତାଚ୍ୟୁତ କରି ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି ନବଗଠିତ ଟିଭିକେ। ଆସାମରେ ବିଜେପି ପୂର୍ବ ଅପେକ୍ଷା ଅଧିକ ଆସନ ପାଇ କ୍ଷମତା ବଜାୟ ରଖିଥିବା ବେଳେ କେରଳରେ ୧୦ ବର୍ଷ ଧରି କ୍ଷମତାରେ ଥିବା ପି. ବିଜୟନଙ୍କ ବାମ ସାମ୍ମୁଖ୍ୟ ସରକାରକୁ ଚିତ୍‌ପଟାଙ୍ଗ କରିଛି କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍। ପୁଡୁଚେରୀ କେନ୍ଦ୍ର ଶାସିତ ଅଞ୍ଚଳରେ ବିଜେପି ମେଣ୍ଟ କ୍ଷମତା ବଜାୟ ରଖିଛି।

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହୋଇଥିଲେ ମଧ୍ୟ ସାରା ଦେଶର ନଜର ପଶ୍ଚିମବଙ୍ଗ ଉପରେ ରହିଥିଲା। ପଶ୍ଚିମବଙ୍ଗ ଜିତିବା ଲାଗି ବିଜେପି ଗତ ୧୦ ବର୍ଷ ଧରି ସଂଘର୍ଷ କରିଥିଲେ ମଧ୍ୟ ଏଥର ସ୍ୱତନ୍ତ୍ର ରଣନୀତି ସହିତ ମଇଦାନକୁ ଓହ୍ଲାଇଥିଲା। ବିଜେପି ବିରୋଧରେ ରଣହୁଙ୍କାର ଦେଉଥିବା ମମତାଙ୍କ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଏହାର ମୁକାବିଲା କରିବାରେ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଥିବା ଆଜିର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ପଶ୍ଚିମବଙ୍ଗରେ ଟିଏମ୍‌ସିର ଶକ୍ତିଶାଳୀ ଦୁର୍ଗ ରୂପେ ପରିଚିତ ନିର୍ବାଚନମଣ୍ଡଳୀଗୁଡ଼ିକୁ ଟାର୍ଗେଟ କରି ବିଜେପି ଯେଉଁ ରଣନୀତି ତିଆରି କରିଥିଲା, ସେଥିରେ ସଫଳ ହୋଇଛି। ନିର୍ବାଚନରେ ଟିଏମ୍‌ସିର ସେହି ଦୁର୍ଗଗୁଡ଼ିକ ଭୁଶୁଡ଼ି ପଡ଼ିଛି। ମୋଦୀ ହାୱା ସତ୍ତ୍ୱେ ଗତ ନିର୍ବାଚନରେ ୨୧୫ ଆସନ ଜିତିଥିବା ଟିଏମ୍‌ସିକୁ ଏଥର ମାତ୍ର ୮୨ଟି ଆସନ ସହ ସନ୍ତୁଷ୍ଟ ହେବାକୁ ପଡ଼ିଛି। ରାଜ୍ୟ ବିଧାନସଭାର ୨୯୪ ଆସନ ମଧ୍ୟରୁ ୨୦୫ ଆସନ ଦଖଲ କରି ବିଜେପି ପ୍ରଥମ ଥର ଲାଗି ସରକାର ଗଠନ କରିବାକୁ ଯାଉଛି। ଗତ ନିର୍ବାଚନରେ ମାତ୍ର ୭୭ଟି ଆସନ ପାଇଥିବା ବିଜେପି ପାଇଁ ଏହାଠାରୁ ବଡ଼ ବରଦାନ କିଛି ହୋଇନପାରେ। ଏହି ନିର୍ବାଚନରେ ମମତା ୧୩୨ଟି ଆସନ ହରାଇଥିବା ବେଳେ ବିଜେପି ଅଧିକ ୧୨୮ଟି ଆସନ ଜିତି କମ୍ପନ ସୃଷ୍ଟି କରିଛି।

ଆଜି ଆଉ ଏକ ରାଜ୍ୟର ଫଳାଫଳ ରାଜନୈତିକ ପଣ୍ଡିତମାନଙ୍କୁ ଝଟ୍‌କା ଦେଇଛି। ତାମିଲନାଡୁରେ ଅଭିନେତା ବିଜୟ ଥଲାପତିଙ୍କ ଦ୍ୱାରା ଗଠିତ ଟିଭିକେ ଦଳ ରାଜ୍ୟରେ ଦୀର୍ଘ ଦଶନ୍ଧି ଧରି ରାଜ୍ୟ କରୁଥିବା ଦ୍ରାବିଡ଼ ଦଳ (ଡିଏମ୍‌କେ ଏବଂ ଆନ୍ନାଡିଏମ୍‌କେ)ଙ୍କୁ ଧୂଳି ଚଟାଇଦେଇଛି। ଦକ୍ଷିଣ ରାଜ୍ୟରେ ଚଳଚ୍ଚିତ୍ର ଅଭିନେତାଙ୍କ ଜଲ୍‌ୱା ଏବେ ବି ଜାରି ରହିଥିବା ତାମିଲ ଫିଲ୍ମ ଷ୍ଟାର ବିଜୟଙ୍କ ବିଜୟରୁ ସ୍ପଷ୍ଟ ହୋଇଯାଇଛି। ରାଜ୍ୟ ବିଧାନସଭାର ୨୩୪ ଆସନ ମଧ୍ୟରୁ ଟିଭିକେକୁ ୧୦୮ ଆସନ ମିଳିଥିବା ବେଳେ କ୍ଷମତାସୀନ ଡିଏମ୍‌କେକୁ ୭୪ ଏବଂ ଅନ୍ୟତମ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଆନ୍ନାଡିଏମ୍‌କେକୁ ମିଳିଛି ମାତ୍ର ୫୧ଟି ଆସନ। ସରକାର ଗଠନ ପାଇଁ ଟିଭିକେକୁ ଆଉ ୧୦ ବିଧାୟକଙ୍କ ସମର୍ଥନ ଦରକାର ଥିବା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ବିଜୟଙ୍କୁ ଫୋନ କରି ସମର୍ଥନ ଜଣାଇଛନ୍ତି।

- ଆସାମରେ ବିଜେପିର ହ୍ୟାଟ୍ରିକ୍
- ତାମିଲନାଡୁରେ ଟିଭିକେ
- କେରଳରେ କଂଗ୍ରେସ
- ପୁଡୁଚେରୀରେ ଏନ୍‌ଡିଏ

| ପଶ୍ଚିମବଙ୍ଗ ୨୯୪ | |
|---|---|
| ବିଜେପି | ୨୦୫ |
| ଟିଏମ୍‌ସି | ୮୨ |
| କଂଗ୍ରେସ | ୦୨ |
| ଅନ୍ୟାନ୍ୟ | ୦୨ |

| ତାମିଲନାଡୁ ୨୩୪ | |
|---|---|
| ଟିଭିକେ | ୧୦୮ |
| ଡିଏମକେ | ୭୩ |
| ଏଡିଏମକେ | ୫୨ |
| ଅନ୍ୟାନ୍ୟ | ୦୧ |

| ଆସାମ ୧୨୬ | |
|---|---|
| ବିଜେପି | ୧୦୧ |
| କଂଗ୍ରେସ | ୨୨ |
| ୟୁଡିଏଫ୍ | ୦୨ |
| ଅନ୍ୟାନ୍ୟ | ୦୧ |

| ପୁଡୁଚେରୀ ୩୦ | |
|---|---|
| ବିଜେପି+ | ୧୮ |
| କଂଗ୍ରେସ+ | ୦୬ |
| ଅନ୍ୟାନ୍ୟ | ୦୬ |

| କେରଳ ୧୪୦ | |
|---|---|
| ୟୁଡିଏଫ୍ | ୮୯ |
| ଏଲ୍‌ଡିଏଫ୍ | ୩୫ |
| ବିଜେପି | ୦୩ |
| ଅନ୍ୟାନ୍ୟ | ୧୩ |

### ବଙ୍ଗ ବିଜୟ ଅବିସ୍ମରଣୀୟ: ପ୍ରଧାନମନ୍ତ୍ରୀ



ବିଜେପିର ବିଜୟ ଯାତ୍ରାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି। ପଶ୍ଚିମବଙ୍ଗବାସୀଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ପଶ୍ଚିମବଙ୍ଗରେ ପଦ୍ମ ଫୁଟିଛି ବୋଲି କହିବା ସହ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଅବିସ୍ମରଣୀୟ ବୋଲି ଅଭିହିତ ▶ପୃଷ୍ଠା-୧୧

### ହାଇୱାକୁ ପିଟିଲା ବୋଲେରୋ

## ୫ ବରଯାତ୍ରୀ ମୃତ, ୯ ଗୁରୁତର



■କବାଟବନ୍ଧ/ବଡ଼ଚଣା, ୪।୫ (ସମିସ): ସୋମବାର ସକାଳେ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ ଛାତିଥରା ଦୁର୍ଘଟଣା ଘଟି ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ମୃତାହତ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ରବିବାର ବଡ଼ଚଣା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର କିଛି ଲୋକ କେନ୍ଦୁଝର ଜିଲ୍ଲାରେ ଏକ ବିବାହ ଉତ୍ସବକୁ ବରଯାତ୍ରୀ ଭାବେ ଯାଇଥିଲେ। ସେଠାରେ କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ନିଜ ଗାଁଠାରୁ ମାତ୍ର ୨୦ କିଲୋମିଟର ପୂର୍ବରୁ ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ବରଯାତ୍ରୀ ନେଇ ଫେରୁଥିବା ବୋଲେରୋଟି ଏକ ହାଇୱାକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୋଲେରୋରେ ଥିବା ୧୪ ବରଯାତ୍ରୀଙ୍କ ମଧ୍ୟରୁ ୫ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ୯ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ମୃତ ୫ ଜଣଙ୍କ ମଧ୍ୟରେ ଗୋଟିଏ ପରିବାରର ପ୍ରାୟ ୩ ଜଣ ରହିଛନ୍ତି। ମୃତକମାନେ ହେଲେ, କାନ୍ଦ ପୂର୍ତ୍ତି, ନମିତା ▶ପୃଷ୍ଠା-୧୧

### ମୁଖ୍ୟମନ୍ତ୍ରୀଙ୍କ ଶୋକ; ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା



## ପଶ୍ଚିମ ବଙ୍ଗ - ୨୯୪

| ୨୦୫ | ୮୨ | ୦୨ | ୦୨ |
|---|---|---|---|
| ବିଜେପି | ଟିଏମ୍‌ସି | କଂଗ୍ରେସ | ଅନ୍ୟାନ୍ୟ |

| ୨୦୨୧ | ମେଣ୍ଟ | ୨୦୨୬ | ଲାଭ/କ୍ଷତି |
|---|---|---|---|
| ୭୭ | ବିଜେପି | ୨୦୫ | +୧୩୦ |
| ୨୧୪ | ଟିଏମ୍‌ସି | ୮୨ | -୧୩୪ |
| ୦୦ | କଂଗ୍ରେସ | ୦୨ | +୦୨ |
| ୦୨ | ଅନ୍ୟାନ୍ୟ | ୦୪ | +୦୨ |

## ତାମିଲନାଡୁ - ୨୩୪

| ୧୦୮ | ୭୩ | ୫୨ | ୦୧ |
|---|---|---|---|
| ଟିଭିକେ | ଡିଏମକେ | ଏଡିଏମକେ | ଅନ୍ୟାନ୍ୟ |

| ୨୦୨୧ | ମେଣ୍ଟ | ୨୦୨୬ | ଲାଭ/କ୍ଷତି |
|---|---|---|---|
| ୦୦ | ଟିଭିକେ | ୧୦୮ | +୧୦୮ |
| ୧୫୯ | ଡିଏମକେ | ୭୩ | -୮୫ |
| ୭୫ | ଏଡିଏମକେ | ୫୨ | -୨୨ |
| ୦୦ | ଅନ୍ୟାନ୍ୟ | ୦୦୧ | +୦୧ |

## କେରଳମ - ୧୪୦

| ୮୯ | ୩୫ | ୦୩ | ୧୩ |
|---|---|---|---|
| ୟୁଡିଏଫ୍ | ଏଲଡିଏଫ୍ | ବିଜେପି | ଅନ୍ୟାନ୍ୟ |

| ୨୦୨୧ | ମେଣ୍ଟ | ୨୦୨୬ | ଲାଭ/କ୍ଷତି |
|---|---|---|---|
| ୪୦ | ୟୁଡିଏଫ୍ | ୮୯ | +୪୯ |
| ୯୨ | ଏଲଡିଏଫ୍ | ୩୫ | -୫୭ |
| ୦୦ | ବିଜେପି | ୦୩ | +୦୩ |
| ୦୮ | ଅନ୍ୟାନ୍ୟ | ୧୩ | +୦୫ |

## ଆସାମ - ୧୨୬

| ୧୦୧ | ୨୨ | ୦୨ | ୦୧ |
|---|---|---|---|
| ବିଜେପି | କଂଗ୍ରେସ | ୟୁଡିଏଫ୍ | ଅନ୍ୟାନ୍ୟ |

| ୨୦୨୧ | ମେଣ୍ଟ | ୨୦୨୬ | ଲାଭ/କ୍ଷତି |
|---|---|---|---|
| ୭୩ | ବିଜେପି | ୧୦୧ | +୨୮ |
| ୩୧ | କଂଗ୍ରେସ | ୨୨ | -୦୯ |
| ୧୬ | ୟୁଡିଏଫ୍ | ୦୨ | -୧୪ |
| ୦୬ | ଅନ୍ୟାନ୍ୟ | ୦୧ | -୦୫ |


## ପୁଡୁଚେରୀ - ୩୦

| ୧୮ | ୦୬ | ୦୩ | ୦୩ |
|---|---|---|---|
| ବିଜେପି | କଂଗ୍ରେସ | ଟିଭିକେ | ଅନ୍ୟାନ୍ୟ |

| ୨୦୨୧ | ମେଣ୍ଟ | ୨୦୨୬ | ଲାଭ/କ୍ଷତି |
|---|---|---|---|
| ୧୬ | ବିଜେପି | ୧୮ | +୦୨ |
| ୦୮ | କଂଗ୍ରେସ | ୦୬ | -୦୨ |
| ୦୦ | ଟିଭିକେ | ୦୩ | +୦୩ |
| ୦୩ | ଅନ୍ୟାନ୍ୟ | ୦୩ | +୦୦ |









# ଟିଏମ୍‌ସି ଗଡ଼ ଓ ମୁସଲିମ୍ ଅଞ୍ଚଳରେ ପଶିଲା ବିଜେପି

କୋଲକାତା,୪।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଗଣତିରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ତୃଣମୂଳ କଂଗ୍ରେସର ଗଡ଼ କୁହାଯାଉଥିବା ମୁସଲିମ ବହୁଳ ଆସନଗୁଡ଼ିକରେ ବିଜେପି ବଡ଼ ବିଜୟ ଆଡ଼କୁ ଅଗ୍ରସର ହେଉଛି। ପ୍ରାୟ ୧୩୫ଟି ମୁସଲିମ ବହୁଳ ଆସନ ମଧ୍ୟରୁ ବିଜେପି ୮୦ରୁ ଅଧିକ ଆସନରେ ଆଗୁଆ ରହିଛି। ଶୁଭେନ୍ଦୁ ଅଧିକାରୀଙ୍କ ଅନୁଯାୟୀ, ମାଲଦା, ମୁର୍ସିଦାବାଦ ଏବଂ ଉତ୍ତର ଦିନାଜପୁର ଭଳି ଅଞ୍ଚଳରେ ମୁସଲିମ ଭୋଟ୍ ବିଭାଜନ ବିଜେପିକୁ ଫାଇଦା ଦେଇଛି। ମମତା ବାନାର୍ଜୀଙ୍କ ଦଳ ଏହି ସ୍ଥାନଗୁଡ଼ିକରେ ମାତ୍ର ୫୦ଟି ଆସନରେ ସଫଳ ହୋଇଛି, ଯାହା ୨୦୨୧ ତୁଳନାରେ ବହୁତ କମ୍। ଏହି ନିର୍ବାଚନରେ ପଶ୍ଚିମବଙ୍ଗରେ ରେକର୍ଡ ସଂଖ୍ୟକ ପ୍ରାୟ ୯୨.୪୭% ମତଦାନ ହୋଇଥିଲା। ୨୦୨୧ରେ ଟିଏମ୍‌ସି ଏହି ୧୩୫ଟି ଆସନରୁ ୧୧୯ଟି ଜିତିଥିବା ବେଳେ ଏଥର ବିଜେପି ସେହି ଗଡ଼ ଦୋହଲାଇବାରେ ସଫଳ ହୋଇଛି। ପଶ୍ଚିମବଙ୍ଗ ରାଜନୀତିରେ ମୁସଲିମ ଭୋଟରଙ୍କ ସମର୍ଥନ ଏବେ ଆଉ କୌଣସି ଗୋଟିଏ ଦଳ ପାଇଁ ସୀମିତ ହୋଇ ରହିନାହିଁ। ଏହି ଫଳାଫଳ ରାଜ୍ୟରେ ଏକ ବଡ଼ ରାଜନୈତିକ ପରିବର୍ତ୍ତନର ସଙ୍କେତ ଦେଉଛି।

:ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ବହୁମତ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଅନ୍ୟ ଛୋଟ ଦଳଗୁଡ଼ିକ ବିଶେଷ ପ୍ରଭାବ

### ଫେଲ୍ ମାରିଲେ ହୁମାୟୁନ୍ କବୀର ଓ ଓୱେସି

ପକାଇବାରେ ବିଫଳ ହୋଇଛନ୍ତି। ବିଶେଷ କରି ହୁମାୟୁନ୍ କବୀରଙ୍କ 'ଆମ୍ ଜନତା ଉନ୍ନୟନ ପାର୍ଟି' ଏବଂ ଅସାଦୁଦ୍ଦିନ ଓୱେସିଙ୍କ 'ଇଓଗଓଗ' ର ପ୍ରଦର୍ଶନ ଆଶାନୁରୂପ ହୋଇନାହିଁ। ଆମ୍ ଜନତା ଉନ୍ନୟନ ପାର୍ଟି (ହୁମାୟୁନ୍ କବୀର) ଦଳ ରାଜ୍ୟର ୨୯୪ଟି ଆସନ ମଧ୍ୟରୁ ୧୮୨ଟିରେ ପ୍ରାର୍ଥୀ ଦେଇଥିଲା। ତେବେ ଦଳ ମାତ୍ର ୨ଟି ଆସନରେ ଆଗୁଆ ରହିଛି। ପାର୍ଟି ମୁଖ୍ୟ ହୁମାୟୁନ୍ କବୀର ନିଜେ ରେଜିନଗର (୨୫,୭୦୨ ଭୋଟ୍ ବ୍ୟବଧାନ) ଏବଂ ନୱାଦା (୧୧,୮୨୮ ଭୋଟ୍ ବ୍ୟବଧାନ) ଆସନରେ ଆଗୁଆ ଅଛନ୍ତି। ଅନ୍ୟ ସମସ୍ତ ଆସନରେ ଦଳର ପ୍ରାର୍ଥୀମାନେ ପଛୁଆ ରହିଛନ୍ତି। ସେହିପରି ଏଆଇଏମ୍ଆଇଏମ୍(ଅସାଦୁଦ୍ଦିନ ଓୱେସି) ଏଥର ଏକାକୀ ନିର୍ବାଚନ ଲଢ଼ିଛି। ହୁମାୟୁନ୍ କବୀରଙ୍କ ସହ ମେଣ୍ଟ ଭାଙ୍ଗିବା ପରେ ଓୱେସିଙ୍କ ଦଳ ଏକାକୀ ୧୨ଟି ଆସନରେ ନିର୍ବାଚନ ଲଢ଼ିଥିଲା। ଏଆଇଏମ୍ଆଇଏମ୍ ବର୍ତ୍ତମାନ ସୁଦ୍ଧା କୌଣସି ବି ଆସନରେ ଆଗୁଆ ନାହିଁ। ମୋଥାବାରି, ସୁଜାପୁର ଏବଂ ଆସନସୋଲ ଉତ୍ତର ଭଳି ପ୍ରମୁଖ ଆସନରେ ଦଳର ପ୍ରାର୍ଥୀମାନେ ଶୋଚନୀୟ ଭାବେ ପରାଜିତ ହେବା ପଥରେ ଅଛନ୍ତି। ପଶ୍ଚିମବଙ୍ଗରେ ଏଥର ମୁଖ୍ୟତଃ ବିଜେପି ଓ ତୃଣମୂଳ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢେଇ ହୋଇଛି। ଯଦିଓ ଏହି ଦୁଇ ଦଳ ମୁସଲିମ ଭୋଟ୍ ବ୍ୟାଙ୍କକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଭୋଟରମାନେ ସେମାନଙ୍କୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡୁଛି।

# ତାମିଲନାଡୁ ରାଜନୀତିରେ 'ବିଜୟ' ଅଭ୍ୟୁଦୟ

ଚେନ୍ନାଇ୪।୫(ଏଜେନ୍ସି): ଦାକ୍ଷିଣାତ୍ୟ ରାଜନୀତିର କ୍ରାନ୍ତିକାରୀ ଇତିହାସରେ ଏକ ନୂତନ ଅଧ୍ୟାୟ ସଂଯୋଜିତ ହେବାକୁ ଯାଉଛି। ଦୀର୍ଘ ପାଞ୍ଚ ଦଶନ୍ଧିର ପ୍ରତୀକ୍ଷା ପରେ, ରୂପେଲି ପରଦାର ମହାମାୟାକୁ ଜନସେବାର ବ୍ରତରେ ରୂପାନ୍ତରିତ କରି ସୁପରଷ୍ଟାର ବିଜୟ ଏବେ ସେଣ୍ଟ ଜର୍ଜ ଦୁର୍ଗର ଅଧୀଶ୍ୱର ହେବା ପଥରେ ଅଗ୍ରସର। ୧୯୭୭ ମସିହାରେ ମାରୁଦୁର ଗୋପାଳନ ରାମଚନ୍ଦ୍ରନ (ଏମ୍‌ଜିଆର୍)ଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସେହି ବିରଳ କୀର୍ତ୍ତିମାନକୁ ପୁନରାବୃତ୍ତି କରି ବିଜୟ ନିଜର ନବଗଠିତ 'ତାମିଲଗା ଭେଟ୍ରି କାଝାଗାମ' (ଟିଭିକେ) ମାଧ୍ୟମରେ ଏକ ନୂତନ ଯୁଗର ସୂତ୍ରପାତ କରିଛନ୍ତି।

୨୦୨୬ ବିଧାନସଭା ନିର୍ବାଚନର ପ୍ରାରମ୍ଭିକ ଗଣତି ଅନୁଯାୟୀ, ବିଜୟଙ୍କ ଦଳ ବହୁମତ ସଂଖ୍ୟା ୧୧୮ ର ନିକଟତର ହେଉଥିବା ପରିଲକ୍ଷିତ ହେଉଛି। ତାମିଲନାଡୁର ପାରମ୍ପରିକ ଦ୍ରାବିଡ଼ ରାଜନୀତିର ଦୁଇ ପ୍ରମୁଖ ସ୍ତମ୍ଭ ଡିଏମକେ ଏବଂ ଏଆଇଏଡିଏମକେ ମଧ୍ୟରେ ଏହି ତୃତୀୟ ଶକ୍ତିର ଉତ୍ଥାନ ରାଜନୈତିକ ପଣ୍ଡିତମାନଙ୍କୁ ଚକିତ କରିଛି। ୨୦୦୯ ମସିହାରୁ 'ବିଜୟ ମକ୍କାଲ ଆୟକ୍କମ' ଜରିଆରେ ଆରମ୍ଭ ହୋଇଥିବା ସମାଜସେବା ଓ ସାଂଗଠନିକ ଦକ୍ଷତା ଆଜି ନିର୍ବାଚନୀ ବୈତରଣୀ ପାର ହେବାରେ ସହାୟକ ହୋଇଛି। ବିଶେଷ କରି ଶିକ୍ଷା, ନିଯୁକ୍ତି ଏବଂ ଦୁର୍ନୀତିମୁକ୍ତ ପ୍ରଶାସନର ସଂକଳ୍ପ ଯୁବପିଢ଼ିଙ୍କୁ ବିଶେଷ ଭାବେ ଆକୃଷ୍ଟ କରିଛି। ସିନେମା ଜଗତର ଶୀର୍ଷରେ ଥାଇ ମଧ୍ୟ ଅଭିନୟ ତ୍ୟାଗ କରି ସମ୍ପୂର୍ଣ୍ଣ ରୂପେ ଜନସେବାରେ ନିଜକୁ ଉତ୍ସର୍ଗ କରିବାର ନିଷ୍ପତ୍ତି ତାଙ୍କୁ ଜନସାଧାରଣଙ୍କ ନିକଟରେ ଜଣେ ବିଶ୍ୱସନୀୟ ନେତା ଭାବେ ସ୍ଥାପିତ କରିଛି। ଗତ ବର୍ଷ କରୁରଠାରେ ଘଟିଥିବା ଦୁଃଖଦ ଦଳାଚକଟା ଘଟଣା ସମୟରେ ତାଙ୍କର ଧୈର୍ଯ୍ୟ ଓ ଦାୟିତ୍ୱବୋଧ ତାଙ୍କ ପ୍ରଶାସନିକ ପରିପକ୍ୱତାର ପ୍ରମାଣ ଦେଇଥିଲା। ବିଜୟଙ୍କ ଏହି ସଫଳତା କେବଳ ଜଣେ ଅଭିନେତାର ବିଜୟ ନୁହେଁ, ବରଂ

**୪୯ ବର୍ଷ ପରେ ପୁଣି ଇତିହାସ ରଚିବା ପଥରେ ଥାଲାପତି**

ଏହା ତାମିଲନାଡୁର ଜନମାନସରେ ପରିବର୍ତ୍ତନର ଏକ ସ୍ପଷ୍ଟ ଆହ୍ୱାନ। ଯଦି ଚୂଡ଼ାନ୍ତ ଫଳାଫଳ ତାଙ୍କ ସପକ୍ଷରେ ଯାଏ, ତେବେ ସେ ଏମ୍‌ଜିଆର୍‌ଙ୍କ ପରେ ଦ୍ୱିତୀୟ ଅଭିନେତା ଭାବେ ନିଜସ୍ୱ ଦଳ ଗଠନ କରି ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବାର ଗୌରବ ଅର୍ଜନ କରିବେ। ଏହି ଐତିହାସିକ ମୁହୂର୍ତ୍ତ ତାମିଲନାଡୁ ରାଜନୀତିର ବ୍ୟାକରଣକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ ବୋଲି ଆଶା କରାଯାଉଛି। ଚଳଚ୍ଚିତ୍ର ଜଗତରୁ ସମ୍ପୂର୍ଣ୍ଣ ବିଦାୟ ନେଇ ସେ କେବଳ ରାଜନୀତିରେ ମନୋନିବେଶ କରିଥିଲେ, ଯାହା ଭୋଟରଙ୍କ ମନ ଜିଣିବାରେ ସଫଳ ହୋଇଛି। ବିଜୟ କେବଳ ନିଜର ଲୋକପ୍ରିୟତା ଉପରେ ନୁହେଁ, ବରଂ ଶିକ୍ଷା, ନିଯୁକ୍ତି ଏବଂ ଦୁର୍ନୀତିମୁକ୍ତ ପ୍ରଶାସନ ଉପରେ ଗୁରୁତ୍ୱ ଦେଇଥିଲେ। ୨୦୨୧ ମସିହାର ସ୍ଥାନୀୟ ସଂସ୍ଥା ନିର୍ବାଚନରେ ତାଙ୍କ ସମର୍ଥକମାନେ ଭଲ ପ୍ରଦର୍ଶନ କରିବା ଦିନଠାରୁ ହିଁ ଏହି ବିଜୟର ମୂଳଦୁଆ ପଡ଼ିଥିଲା। ଆଜିର ଏହି ଫଳାଫଳ ତାମିଲନାଡୁ ରାଜନୀତିର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି।

# ନିଜ ଗଡ଼ରେ ହାରିଲେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍



ଚେନ୍ନାଇ,୪।୫(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଆଜି ଏକ ବଡ଼ ଧରଣର 'ଭୂକମ୍ପ' ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ତଥା ଡିଏମକେ ମୁଖ୍ୟ ଏମ.କେ. ଷ୍ଟାଲିନ ନିଜର ଶକ୍ତିଶାଳୀ ଆସନ କୋଲାଥୁରରେ ପରାଜିତ ହୋଇଛନ୍ତି। ଅଭିନେତା ବିଜୟଙ୍କ ଦଳ ଟିଭିକେର ପ୍ରାର୍ଥୀ ଭିଏସ ବାବୁ ତାଙ୍କୁ ହରାଇ ଜଣେ 'ଜିଆଣ୍ଟ କିଲର' ଭାବେ ଉଭା ହୋଇଛନ୍ତି। ଟିଭିକେ ପ୍ରାର୍ଥୀ ଭି.ଏସ. ବାବୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କୁ ପ୍ରାୟ ୯,୦୦୦ରୁ ଅଧିକ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ଷ୍ଟାଲିନ ୨୦୧୧ ମସିହାରୁ କ୍ରମାଗତ ଭାବେ ଏହି ଆସନରୁ ଜିତି ଆସୁଥିଲେ। ୨୦୨୧ରେ ସେ ଏଠାରେ ୭୦,୦୦୦ରୁ ଅଧିକ ଭୋଟରେ ଜିତିଥିଲେ। ୭୫ ବର୍ଷୀୟ ବାବୁ ପୂର୍ବରୁ ଡିଏମକେ ଓ ଏଆଇଏଡିଏମକେରେ ଥିଲେ। ଏବେ ସେ ବିଜୟଙ୍କ ଦଳର ଯୁଗ୍ମ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଷ୍ଟାଲିନଙ୍କ ସମେତ ତାମିଲନାଡୁ ସରକାରଙ୍କ ପ୍ରାୟ ୧୨ ଜଣରୁ ଅଧିକ ମନ୍ତ୍ରୀ ଏବେ ନିଜ ନିଜ ଆସନରେ ପଛୁଆ ରହିଛନ୍ତି। ସୁପରଷ୍ଟାର ବିଜୟ ନିଜେ ଦୁଇଟି ଯାକ ଆସନ (ତିରୁଚି-ପୂର୍ବ ଓ ପେରାମ୍ବୁର) ରୁ ଆଗୁଆ ରହିଛନ୍ତି। ଯଦି ବିଜୟଙ୍କ ଦଳ ୧୧୮ ଆସନ ଅତିକ୍ରମ କରେ, ତେବେ ଗଠନର ମାତ୍ର ୨ ବର୍ଷ ମଧ୍ୟରେ କ୍ଷମତା ଦଖଲ କରିବାରେ ଏହା ଭାରତୀୟ ରାଜନୀତିରେ ଏକ ବିରଳ ଘଟଣା ହେବ। ଷ୍ଟାଲିନଙ୍କ ଭଳି ଜଣେ ଶକ୍ତିଶାଳୀ ନେତାଙ୍କ ପରାଜୟ ତାମିଲନାଡୁରେ ଏକ ବଡ଼ ଧରଣର ସତ୍ତା ପରିବର୍ତ୍ତନର ସୂଚନା ଦେଉଛି। ବିଜୟଙ୍କ 'ତାମିଲଗା ଭେଟ୍ରି କାଝାଗମ' ଏବେ ରାଜ୍ୟର ସବୁଠାରୁ ବଡ଼ ଶକ୍ତି ଭାବେ ଉଭା ହୋଇଛି।

# ହିମନ୍ତଙ୍କ 'ମାମା' ମ୍ୟାଜିକ୍

ଗୌହାଟୀ,୪।୫(ଏଜେନ୍ସି): ଆସାମ ବିଧାନସଭା ନିର୍ବାଚନ ୨୦୨୬ରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ବିଜେପି ପୁଣି ଥରେ ବଡ଼ ବିଜୟ ହାସଲ କରିଛି। କଂଗ୍ରେସର ତିନି ପ୍ରମୁଖ ଆହୋମ ନେତା— ଗୌରବ ଗୋଗୋଇ, ଅଖିଳ ଗୋଗୋଇ ଏବଂ ଲୁରିନଜ୍ୟୋତି ଗୋଗୋଇଙ୍କ ମେଣ୍ଟକୁ 'ଉପର ଆସାମ'ରେ ହିମନ୍ତ ସମ୍ପୂର୍ଣ୍ଣ ଭାବେ ପରାସ୍ତ କରିଛନ୍ତି। ଆସାମରେ ହିମନ୍ତଙ୍କୁ ସ୍ନେହରେ ମାମା ଅର୍ଥାତ ମାମୁ ବୋଲି ସମ୍ବୋଧନ କରାଯାଏ। ଏଥର ମାମୁଙ୍କ ମ୍ୟାଜିକ ଅର୍ଥାତ ଯାଦୁ କାମ କରିଛି। ୩-ଜି'ର ବିଫଳତାକୁ ଆରମ୍ଭ ହୋଇଛି ଚର୍ଚ୍ଚା। ଆହୋମ ସମ୍ପ୍ରଦାୟର ଭୋଟ୍ ହାତେଇବା ପାଇଁ କଂଗ୍ରେସ ତିନିଜଣ 'ଗୋଗୋଇ' ନେତାଙ୍କୁ ମଇଦାନକୁ ଓହ୍ଲାଇଥିଲା, କିନ୍ତୁ ହିମନ୍ତଙ୍କ ବିକାଶ ଓ ହିନ୍ଦୁ ଭୋଟରଙ୍କ ଏକତ୍ରିକରଣ ଆଗରେ ଏହା ଫେଲ୍ ମାରିଲା। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ନିଜର ପାରମ୍ପରିକ ଆସନ ଜାଲୁକବାରୀରୁ ବଡ଼ ବିଜୟ ହାସଲ କରିଛନ୍ତି। ବିଜେପି ଏବେ ସୁଦ୍ଧା ୯୮ଟି ଆସନରେ ଆଗୁଆ ରହିଛି। ଉପର ଆସାମର ଅଧିକାଂଶ ଆସନ ବିଜେପି ଖାତାକୁ ଯାଇଛି। ଗୁଆହାଟୀ-ଦିବ୍ରୁଗଡ଼ ଏକ୍ସପ୍ରେସୱେ, ନୂତନ ବିଧାନସଭା ଗୃହ ଏବଂ ଶିକ୍ଷା କ୍ଷେତ୍ରରେ ଉନ୍ନତି ଯୋଗୁଁ ସ୍ଥାନୀୟ ଲୋକେ ହିମନ୍ତଙ୍କୁ 'ମାମା' ବୋଲି ସମ୍ବୋଧନ କରି ସମର୍ଥନ ଦେଇଛନ୍ତି। କଂଗ୍ରେସ ସଭାପତି ଗୌରବ ଗୋଗୋଇ ଜୋରହାଟ ଆସନରୁ ବିଜେପିର ହିତେନ୍ଦ୍ରନାଥ ଗୋସ୍ୱାମୀଙ୍କଠାରୁ ହାରିଯାଇଛନ୍ତି। ହିମନ୍ତ ବିଶ୍ୱ ଶର୍ମା କେବଳ ଆହୋମ ଭୋଟ୍ ନୁହେଁ, ବରଂ ସାରା ଆସାମରେ 'ଅନୁପ୍ରବେଶକାରୀ' ମୁଦ୍ଦା ଏବଂ ବିକାଶକୁ ନେଇ ଏକ ବଡ଼ ସଫଳତା ପାଇଛନ୍ତି।



**ଆସାମରେ ଧରାଶାୟୀ ହେଲା '୩-ଜି' ଗୋଗୋଇ ମେଣ୍ଟ**

## ଜୋରହାଟରେ ଗୌରବ ଗୋଗୋଇ ହାରିଲେ

ଗୌହାଟୀ,୪।୫(ଏଜେନ୍ସି): ଆସାମ ବିଧାନସଭା ନିର୍ବାଚନରେ କଂଗ୍ରେସ ପାଇଁ ଏକ ବଡ଼ ଧକ୍କା ଲାଗିଛି। ପ୍ରଦେଶ କଂଗ୍ରେସ ସଭାପତି ଗୌରବ ଗୋଗୋଇ ନିଜର ପ୍ରଥମ ବିଧାନସଭା ନିର୍ବାଚନରେ ପରାଜିତ ହୋଇଛନ୍ତି। ଜୋରହାଟ ଆସନରେ ବିଜେପି ପ୍ରାର୍ଥୀ ହିତେନ୍ଦ୍ରନାଥ ଗୋସ୍ୱାମୀ ତାଙ୍କୁ କଡ଼ା ମାତ୍ ଦେଇଛନ୍ତି। ବିଜେପିର ହିତେନ୍ଦ୍ରନାଥ ଗୋସ୍ୱାମୀ, ଗୌରବ ଗୋଗୋଇଙ୍କୁ ୨୩,୧୮୨ ଭୋଟ୍ ବ୍ୟବଧାନରେ ହରାଇଛନ୍ତି। ଜୋରହାଟ ଗୋଗୋଇ ପରିବାରର ପାରମ୍ପରିକ ଗଡ଼ ହୋଇଥିଲେ ମଧ୍ୟ ଗୋସ୍ୱାମୀ ସେଠାରେ ନିଜର ପତିଆରା ବଜାୟ ରଖିବାରେ ସଫଳ ହୋଇଛନ୍ତି। ଗୌରବ ଗୋଗୋଇ ପୂର୍ବରୁ ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ, କିନ୍ତୁ ବିଧାନସଭା ପାଇଁ ଏହା ତାଙ୍କର ପ୍ରଥମ ନିର୍ବାଚନ ଥିଲା। ଆସାମରେ ବିଜେପିର ବଡ଼ ସଫଳତା ମଧ୍ୟରେ ଏହି ବିଜୟ ଦଳୀୟ କର୍ମୀଙ୍କୁ ଅଧିକ ଉତ୍ସାହିତ କରିଛି।

# ବାମପନ୍ଥୀ ଶାସନର ଅନ୍ତ, କେରଳରେ ଫେରିଲା କଂଗ୍ରେସ

ନୂଆଦିଲ୍ଲୀ/ତିରୁଅନନ୍ତପୁରମ,୪।୫(ଏଜେନ୍ସି): କେରଳ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ (ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ) ବଡ଼ ବିଜୟ ହାସଲ କରିଛି। ଦୀର୍ଘ ୧୦ ବର୍ଷର ଅପେକ୍ଷା ପରେ ରାଜ୍ୟରେ ବାମପନ୍ଥୀ ସରକାରର ପତନ ଘଟିଛି। ଦଳୀୟ ଏକତା ଏବଂ ସଠିକ୍ ରଣନୀତି ଯୋଗୁଁ କଂଗ୍ରେସ ପୁଣି ଥରେ କ୍ଷମତାକୁ ଫେରିବାରେ ସଫଳ ହୋଇଛି। ଦଳ ମଧ୍ୟରେ ଥିବା ଆଭ୍ୟନ୍ତରୀଣ କନ୍ଦଳକୁ ଦୂର କରି ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖାଡ଼ଗେ ଏକଜୁଟ ହୋଇ ନିର୍ବାଚନ ଲଢ଼ିଥିଲେ। ଟିକେଟ ବଣ୍ଟନ ସମୟରେ ଅଭିଜ୍ଞ ନେତାଙ୍କ ବଦଳରେ ଅନେକ ନୂତନ ଓ ଯୁବ ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା। ଦଳର ଅସନ୍ତୁଷ୍ଟ ନେତାଙ୍କୁ ମନାଇବାରେ ଏବଂ ପ୍ରଚାର କାର୍ଯ୍ୟକୁ ଜୋରଦାର କରିବାରେ ସାଂସଦ ଶଶି ଥରୁର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। "ୟୁଡିଏଫ୍ ଜିତିବ, ଏଲଡିଏଫ୍ ହାରିବ' ସ୍ଲୋଗାନ କେରଳରେ ସତ ପ୍ରମାଣିତ ହୋଇଛି ଏବଂ କଂଗ୍ରେସ ଶିବିରରେ ଏବେ ବିଜୟର ଉତ୍ସବ ପାଳନ କରାଯାଉଛି।




୨୦୨୬ କେରଳ ବିଧାନସଭା ନିର୍ବାଚନରେ ଏଲଡିଏଫ୍ (ଲେଫ୍ଟ ଡେମୋକ୍ରାଟିକ୍ ଫ୍ରଣ୍ଟ) ର ପରାଜୟ ସହ ଭାରତରୁ ବାମପନ୍ଥୀ ଶାସନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି। ଗତ ୫୦ ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା, ଯେତେବେଳେ ଦେଶର କୌଣସି ବି ରାଜ୍ୟରେ ଜଣେ ବି ବାମପନ୍ଥୀ ମୁଖ୍ୟମନ୍ତ୍ରୀ ନାହାନ୍ତି। ପିନରାଇ ବିଜୟନଙ୍କ ନେତୃତ୍ୱରେ ୨୦୧୬ରୁ ଶାସନ କରୁଥିବା ବାମପନ୍ଥୀ ସରକାର କେରଳରେ ପରାଜିତ ହୋଇଛି। ଏଠାରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ କ୍ଷମତାକୁ ଫେରିଛି। ୧୯୭୭ ମସିହା ପରଠାରୁ ଭାରତର କୌଣସି ନା କୌଣସି ରାଜ୍ୟରେ ବାମପନ୍ଥୀ ଶାସନ ରହିଆସିଥିଲା। ବାମପନ୍ଥୀ ଦଳ ପଶ୍ଚିମବଙ୍ଗରେ ରେକର୍ଡ ୩୪ ବର୍ଷ (୧୯୭୭-୨୦୧୧) ଏବଂ ତ୍ରିପୁରାରେ ୨୫ ବର୍ଷ (୧୯୯୩-୨୦୧୮) ଶାସନ କରିଥିଲେ। ୨୦୦୯ ସାଧାରଣ ନିର୍ବାଚନ ପରଠାରୁ ବାମପନ୍ଥୀ ରାଜନୀତିର ପ୍ରଭାବ କ୍ରମଶଃ ହ୍ରାସ ପାଇବାରେ ଲାଗିଥିଲା, ଯାହା ଆଜି ଶୂନ୍ୟରେ ପହଞ୍ଚିଛି। କେରଳରେ ଏହି ପରିବର୍ତ୍ତନ ପରେ ଏବେ ସାରା ଦେଶରେ କେବଳ ଆଞ୍ଚଳିକ କିମ୍ବା ଜାତୀୟ ଦଳ (ବିଜେପି/କଂଗ୍ରେସ) ର ଶାସନ ରହିଛି। କେରଳର ଏହି ଫଳାଫଳ ବାମପନ୍ଥୀ ମେଣ୍ଟ ପାଇଁ ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିଛି। ୧୯୭୭ ପରଠାରୁ ଭାରତୀୟ ରାଜନୀତିରେ ଏହା ଏକ ଅଭୂତପୂର୍ବ ମୁହୂର୍ତ୍ତ।

# ଏବେ ୧୫ ରାଜ୍ୟରେ ବିଜେପି ଶାସନ

କୋଲକାତା/ନୂଆଦିଲ୍ଲୀ,୪।୫(ଏଜେନ୍ସି): ସମ୍ପ୍ରତି ବିଧାନସଭା ନିର୍ବାଚନରେ ବିଜେପି ଏକ ବଡ଼ ରାଜନୈତିକ ସଫଳତା ହାସଲ କରିଛି। ବିଜେପି ପଶ୍ଚିମବଙ୍ଗରେ ଐତିହାସିକ ବିଜୟ ଆଡ଼କୁ ଅଗ୍ରସର ହେଉଥିବାବେଳେ ଦେଶର ୨୧ଟି ରାଜ୍ୟରେ ଏବେ ଏନ୍‌ଡିଏର ଶାସନ ରହିଛି। ଅନ୍ୟପଟେ, କେରଳରେ ବିଜୟ ସତ୍ତ୍ୱେ ବିରୋଧୀ ଇଣ୍ଡିଆ ମେଣ୍ଟର ଶକ୍ତି ହ୍ରାସ ପାଇଛି। ଏହି ମେଣ୍ଟ ଏବେ କେବଳ ୬ଟି ରାଜ୍ୟରେ ସୀମିତ ହୋଇଯାଇଛି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ, ପଶ୍ଚିମବଙ୍ଗରେ ବିଜେପି ସଂଖ୍ୟାଗରିଷ୍ଠତା ପାଇଁ ଆବଶ୍ୟକ ୧୪୭ ଆସନର ସୀମାକୁ ସହଜରେ ଅତିକ୍ରମ କରିଛି। ଏହି ସଫଳତା ପରେ କୋଲକାତା ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଜେପି କର୍ମୀମାନେ 'ଝାଲମୁଢ଼ି' ବାଣ୍ଟି ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଛି। ଆଜିର ବିଜୟ ସହ ବର୍ତ୍ତମାନ ଦେଶର ୧୫ଟି ରାଜ୍ୟରେ ଏକାକୀ ସଂଖ୍ୟାଗରିଷ୍ଠ ଶାସକ ଦଳ ଭାବେ ବିଜେପି ନିଜକୁ ପ୍ରତିଷ୍ଠା କରିଛି। ଏହାସହ ସହଯୋଗୀ ଦଳ ବିହାରରେ ଜେଡିୟୁ, ଆନ୍ଧ୍ରପ୍ରଦେଶରେ ଟିଡିପି, ନାଗାଲାଣ୍ଡରେ ଏନପିଏଫ ଏବଂ ମେଘାଳୟରେ ଏନପିପି ମାନଙ୍କୁ ମିଶାଇ ଏନଡିଏର ଶାସନ କ୍ଷମତା ୨୧ଟି ରାଜ୍ୟରେ ପହଞ୍ଚିଛି। ସମ୍ବିଧାନର ଧାରା ୩୬୮ ଅନୁଯାୟୀ, କେତେକ ନିର୍ଦ୍ଦିଷ୍ଟ ସାମ୍ବିଧାନିକ ସଂଶୋଧନ ପାଇଁ ଅନ୍ତତଃ ପକ୍ଷେ ଅଧାରୁ ଅଧିକ ୧୫ଟି ରାଜ୍ୟର ଅନୁମୋଦନ ଆବଶ୍ୟକ ହୋଇଥାଏ। ଯାହାକି ଏହି ବିଜୟ ପରେ ବିଜେପି ପାଇଁ ସହଜ ହୋଇଯାଇଛି। ସେପଟେ ଆସାମରେ ବିଜେପି ପୁଣି ନିଜର ଗଡ଼ ରକ୍ଷା କରିଛି। ଜୋରହାଟ ଆସନରୁ କଂଗ୍ରେସର ହେଭିୱେଟ ପ୍ରାର୍ଥୀ ଗୌରବ ଗୋଗୋଇ ବିଜେପିର ହିତେନ୍ଦ୍ର ନାଥ ଗୋସ୍ୱାମୀଙ୍କଠାରୁ ୨୩,୧୮୨ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି।

ଅନ୍ୟପଟେ ତାମିଲନାଡୁରେ ଏକ ବଡ଼ ରାଜନୈତିକ ଓଲଟଫେର ଦେଖିବାକୁ ମିଳିଛି। ଅଭିନେତା ବିଜୟଙ୍କ ନେତୃତ୍ୱାଧୀନ 'ତାମିଲଗା ଭେଟ୍ରି କାଝାଗାମ' (ଟିଭିକେ) ଡିଏମକେ-କଂଗ୍ରେସ ମେଣ୍ଟକୁ କ୍ଷମତାରୁ ହଟାଇବାରେ ସଫଳ ହୋଇଛି। ସେପଟେ କେରଳରେ ଶାସକ ଏଲଡିଏଫର ଦଶନ୍ଧିର ପ୍ରାଧାନ୍ୟକୁ ଶେଷ କରି କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ସରକାର ଗଠନ କରିବାକୁ ଯାଉଛି। କଂଗ୍ରେସ ତାମିଲନାଡୁରେ ପରାଜୟ ବରଣ କରିଥିଲେ ହେଁ କେରଳରେ ଜିତି ଦେଶର ୬ଟି ରାଜ୍ୟରେ ଏହାର ନେତୃତ୍ୱ ବଜାୟ ରଖିଛି। ଚଳିତ ନିର୍ବାଚନ ଫଳାଫଳ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟର ଭବିଷ୍ୟତ ସମ୍ଭାବନା ଉପରେ ଅନିଶ୍ଚିତତାର ମେଘ ପକାଇଛି। ବିଜେପିର ଏହି ଜୟଯାତ୍ରା ଦେଶର ଅନ୍ୟ ଆଞ୍ଚଳିକ ତଥା କ୍ଷେତ୍ରିୟ ଦଳଗୁଡ଼ିକର ଅସ୍ତିତ୍ୱକୁ ବିପଦରେ ପକାଇଛି। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା, ବିହାର ଓ ଏବେ ପଶ୍ଚିମବଙ୍ଗରେ ତାହା ଦେଖିବାକୁ ମିଳିଛି। କଂଗ୍ରେସ ଦଳରୁ ସୃଷ୍ଟି ଆଞ୍ଚଳିକ ଦଳଗୁଡ଼ିକ ବିଭିନ୍ନ ରାଜ୍ୟରେ କ୍ଷମତାକୁ ଆସୁଥିବା ବେଳେ ବିଜେପି କିନ୍ତୁ ଏହି ଆଞ୍ଚଳିକ ଦଳଗୁଡ଼ିକ ପାଇଁ କଡ଼ା ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-306 ◆TUESDAY ◆05 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୦୬ ◆ମଙ୍ଗଳବାର ◆୦୫ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

# ଆଜିଠୁ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର, ୪।୫ (ସମିସ): ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାରଠାରୁ ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା (ସିପିଇଟି) ଅନୁଷ୍ଠିତ ହେବ। ଦିନକୁ ୨ଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ସିଫ୍ଟ ସକାଳ ୧୦ଟାରୁ ଏବଂ ଦ୍ୱିତୀୟ ସିଫ୍ଟ ଅପରାହ୍ଣ ୩ଟାରୁ ଆରମ୍ଭ ହେ। ପ୍ରତି ସିଫ୍ଟରେ ୧ଘଣ୍ଟା ୪୦ମିନିଟ୍ ଲେଖାଏଁ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ଆସନ୍ତାକାଲି ଅର୍ଥାତ୍ ପ୍ରଥମ ଦିନ ବାଣିଜ୍ୟ ସମେତ ବାଇଓ-ଟେକ୍ନୋଲୋଜି ଓ ସୋସିଓଲୋଜି ପରୀକ୍ଷା ରହିଛି। ରବିବାର ବ୍ୟତୀତ ନିୟମିତ ଭାବେ ୧୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍ବି) ଏହି ପରୀକ୍ଷା ପରିଚାଳନା କରୁଛି। ଚଳିତବର୍ଷ ସମୁଦାୟ ୩୧, ୯୧୫ସିଟ୍ ପାଇଁ ୫୮, ୭୦୮ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ପରୀକ୍ଷା ସରିବାର ୩ଦିନ ପରେ ଅର୍ଥାତ୍ ୧୯ ରେ ପ୍ରୋଭିଜିନାଲ୍ ଆନସାର୍ କି' ପ୍ରକାଶ ପାଇବ। ଏହି ଆନସାର୍‌କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆପତ୍ତି ଥିଲେ ୨୦ରୁ ୨୨ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଲେଖାଏଁ ଫି' ଦେବାକୁ ହେବ। ଏହା ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କୁ ଆଉ ଫେରସ୍ତ କରାଯିବ ନାହିଁ। ପ୍ରବେଶିକା ପରୀକ୍ଷା ମାର୍କ ଅନୁସାରେ ମେଧା ତାଲିକା ପ୍ରକାଶ ପାଇବ।

# ଓଡ଼ିଶାରେ ଜାତି-ଭିତ୍ତିକ ଜାମିନ ସର୍ତ୍ତ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

■ ସର୍ତ୍ତଗୁଡ଼ିକ ଅସମ୍ମାନଜନକ ଓ ଅମାନବୀୟ
■ ଅସିଦ୍ଧ ଘୋଷଣା କଲେ ସର୍ବୋଚ୍ଚ ଅଦାଳତ

ନୂଆଦିଲ୍ଲୀ/କଟକ, ୪।୫: ଜାମିନ ପ୍ରଦାନ କରିବା ସମୟରେ ଓଡ଼ିଶାର ବିଭିନ୍ନ କୋର୍ଟ ଯେଉଁଭଳି ଜାତି ଭିତ୍ତିକ ସର୍ତ୍ତ ଆରୋପ କରୁଛନ୍ତି ତାହାକୁ ନେଇ ବିରକ୍ତି ପ୍ରକାଶ କରିଛନ୍ତି ସୁପ୍ରିମ କୋର୍ଟ। ଏଭଳି ସର୍ତ୍ତକୁ ଅସମ୍ମାନଜନକ ଓ ଅମାନବୀୟ ଦର୍ଶାଇ ଅସିଦ୍ଧ ଘୋଷଣା କରିଛନ୍ତି। ଏହା ମାନବାଧିକାରର ଉଲ୍ଲଂଘନ କରୁଥିବାରୁ ଭବିଷ୍ୟତରେ ଏଭଳି ସର୍ତ୍ତ ଆରୋପ ନଲଗାଇବା ଲାଗି ଦେଶର ସମସ୍ତ ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

ଦଳିତ ଓ ଆଦିବାସୀ ସଂପ୍ରଦାୟର ଲୋକମାନଙ୍କୁ ଜାମିନ ପ୍ରଦାନ କରିବା ସମୟରେ ଓଡ଼ିଶାର ଅନେକ ଅଦାଲତ ପୁଲିସ ଥାନାରେ ଦୁଇ ମାସ ପାଇଁ ଝାଡୁ ଲଗାଇବା ଲାଗି ଯେଉଁ ସର୍ତ୍ତ ଆରୋପ କରୁଛନ୍ତି ତାହାର ତୀବ୍ର ସମାଲୋଚନା କରିଛନ୍ତି ସୁପ୍ରିମ କୋର୍ଟ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ବେଞ୍ଚ ଏକ ମାମଲାର ଶୁଣାଣି ବେଳେ ଏଭଳି ସର୍ତ୍ତ ଗ୍ରହଣୀୟ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି। କୋର୍ଟ କହିଛନ୍ତି ଏଭଳି ସର୍ତ୍ତ କେବଳ ଅସମ୍ମାନଜନକ ଓ ଅପମାନଜନକ ନୁହେଁ, ଏହା ମାନବାଧିକାର ମଧ୍ୟ ଉଲ୍ଲଂଘନ କରୁଛି। ଜାତିଭିତ୍ତିକ ସର୍ତ୍ତ ଆରୋପ କରି କୋର୍ଟ ଯେଉଁ ମାନସିକତାର ପ୍ରଦର୍ଶନ କରୁଛନ୍ତି ତାହା ସମ୍ବିଧାନ ସୁନିଶ୍ଚିତ କରିଥିବା ସମାନତା ଓ ଅଭିଯୁକ୍ତର ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛି। ଏଭଳି ସର୍ତ୍ତରୁ ଜଣାପଡୁଛି ଯେ ବିଚାର ବିଭାଗରେ ମଧ୍ୟ ଜାତିଭିତ୍ତିକ ମାନସିକତା ରହିଛି। କାରଣ ଏଭଳି ସର୍ତ୍ତ ଅନ୍ୟ କୌଣସି ଜାତି/ସଂପ୍ରଦାୟର ଅଭିଯୁକ୍ତଙ୍କ ବିରୋଧରେ ପ୍ରୟୋଗ କରାଯିବାର ଦୃଷ୍ଟାନ୍ତ ନାହିଁ। ସମ୍ବିଧାନର ଧାରା ୧୪, ୧୬ ଓ ୧୭ର ଉଲ୍ଲେଖ କରି ସୁପ୍ରିମ କୋର୍ଟ କହିଛନ୍ତି ଯେ ସମ୍ବେଦନଶୀଳ ସଂପ୍ରଦାୟର ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ହେଉଛି ବିଚାର ବିଭାଗର ଦାୟିତ୍ୱ।

ଦଳିତ ଓ ଆଦିବାସୀ ସଂପ୍ରଦାୟର ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ବେଳେ ଥାନା ସଫା କରିବା ଭଳି ଜାମିନ ସର୍ତ୍ତ ରଖାଯାଉଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ନିଜ ଆଡୁ ବିଚାର କରି ସୁପ୍ରିମ କୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହିତ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫ରେ ଓଡ଼ିଶା ହାଇକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ସମୟରେ ତାଙ୍କୁ କାଶିପୁର ଥାନାରେ ଦୁଇ ମାସ ପର୍ଯ୍ୟନ୍ତ ଝାଡୁ ମାରିବାକୁ ସର୍ତ୍ତ ଆରୋପ କରିଥିଲେ। ରାୟଗଡ଼ା ଜିଲ୍ଲାରେ ମଧ୍ୟ ବିଭିନ୍ନ କୋର୍ଟ ଏଭଳି ଜାମିନ ସର୍ତ୍ତ ଆରୋପ କରିଥିବା ଦର୍ଶାଯାଇଥିଲା। ଖଣି ବିରୋଧୀ ଆନ୍ଦୋଳନରେ ସାମିଲ ଦଳିତ ଓ ଆଦିବାସୀ ଲୋକଙ୍କୁ ଜାମିନ ପ୍ରଦାନ କରିବା ସମୟରେ ୨୦୨୫ରୁ ୨୦୨୬ ମଧ୍ୟରେ ୮ଟି ମାମଲାରେ ଏଭଳି ସର୍ତ୍ତ ଆରୋପ କରାଯାଇଥିଲା।

# ଦହିବରା ବ୍ୟବସାୟୀ କୋର୍ଟ ଚାଲାଣ

## ସୁସ୍ଥ ହୋଇ ଘରକୁ ଫେରିଲେ ୩୭ ଆକ୍ରାନ୍ତ

ଦଶରଥପୁର/ଯାଜପୁର, ୪।୫(ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ୭ଟି ଗ୍ରାମରେ ଦହିବରା ଖାଇ ଶତାଧିକ ଲୋକ ଝାଡ଼ାବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ହେବା ଘଟଣାରେ ପ୍ରଶାସନ ତଦନ୍ତ ତ୍ୱରାନ୍ୱିତ କରିଛି। ଯାଜପୁର ସହର ସମେତ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଉଠାଦୋକାନୀ ଖାଦ୍ୟକୁ ବନ୍ଦ କରାଯାଉଛି। ଦଶରଥପୁର ପୁଲିସ ଦହିବରା ବ୍ୟବସାୟୀ ସର୍ବେଶ୍ୱର ସାହୁ ଓରଫ ଗୁରୁଡ଼ାକୁ ନିଜ ହେପାଜତରେ ରଖି ପଚରାଉଚରା କରୁଥିଲା। ଆଜି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଦଶରଥପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ସର୍ବେଶ୍ୱରଙ୍କ ପତ୍ନୀକୁ ଥାନାକୁ ଡକାଇ ପଚରାଉଚରା କରିଥିଲା। ପରେ ସର୍ବେଶ୍ୱର ଖାଦ୍ୟ ସୁରକ୍ଷା ଆଇନ ଅମାନ୍ୟ କରିଥିବା ଅଭିଯୋଗ ଆଧାରରେ ନଂ ୧୧୪/୨୬ ଓ ଭାରତୀୟ ନ୍ୟାୟ ସଂହିତା ୨୭୫,୧୦୬,୫୨/୬୩ ଧାରାରେ ତାକୁ କୋର୍ଟଚାଲାଣ କରାଯାଇଥିବା ଦଶରଥପୁର ଥାନା ସୂତ୍ରରୁ ଜଣାଯାଇଛି। ଅପରପକ୍ଷେ, ଦହିବରା ଖାଇ ଅସୁସ୍ଥ ଅବସ୍ଥାରେ ପାଟପୁର, କଳିଙ୍ଗପୁର, ଓଡ଼େଇ ଓ ଉଦୟପୁର ଅଞ୍ଚଳରୁ ଜିଲ୍ଲା ମେଡିକାଲରେ ଚିକିତ୍ସାଧୀନ ଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୩୭ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି।

# ଜମିବାଡ଼ି ବିବାଦରୁ ଗଡ଼ିଲା ମୁଣ୍ଡ

ଯାଜପୁର, ୪।୫ (ସମିସ): ସଦର ଥାନା ଅନ୍ତର୍ଗତ ଜାଫରପୁର ପଞ୍ଚାୟତ ବଡ଼ତ୍ରିଲୋଚନପୁର ଗ୍ରାମରେ ଜମିବାଡ଼ିକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଏଥିରେ ୭ ଜଣ ଆହତ ହୋଇଛନ୍ତି।

ଗ୍ରାମର ଏକ ବିବାଦୀୟ ଜମିରେ ଘର ନିର୍ମାଣକୁ ନେଇ ଗୋବିନ୍ଦ ଘଡ଼େଇ (୬୨) ଓ ନରେନ୍ଦ୍ର ଘଡ଼େଇଙ୍କ ପରିବାର ମଧ୍ୟରେ ବିବାଦ ଲାଗିଥିଲା। ବିବାଦୀୟ ଜମି ଉପରେ କୋର୍ଟରେ ମକଦ୍ଦମା ଚାଲୁ ରହିଥିବା ବେଳେ ଉକ୍ତ ବିବାଦୀୟ ଜମି ଉପରେ ନରେନ୍ଦ୍ର ଘର ନିର୍ମାଣ କରିଥିଲେ। ଏହି ଘର ନିର୍ମାଣକୁ ଗୋବିନ୍ଦ ବିରୋଧ କରିବାରୁ ନରେନ୍ଦ୍ର ଓ ତାଙ୍କ ବନ୍ଧୁବାନ୍ଧବ, ସହଯୋଗୀମାନେ ମିଳିତ ଭାବେ ଗୋବିନ୍ଦଙ୍କୁ ଠେଙ୍ଗାବାଡ଼ି ଓ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଖବର ପାଇ ଗୋବିନ୍ଦଙ୍କ ଦୁଇ ପୁଅ ସଞ୍ଜୟ, ସରୋଜ ଓ ଗୋବିନ୍ଦଙ୍କ ପତ୍ନୀ ଓ ଝିଅ ଘଟଣାସ୍ଥଳକୁ ଯିବା ବେଳେ ଅପରପକ୍ଷ କଟୁରିରେ ଆକ୍ରମଣ କରିଥିଲେ। ସଦର ପୁଲିସ ଖବର ପାଇ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିବାରୁ ଗ୍ରାମବାସୀ ଗୁରୁତର ଆହତ ଗୋବିନ୍ଦଙ୍କୁ ଏକ ଗାଡ଼ିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ମେଡିକାଲରେ ପହଞ୍ଚିବା ବେଳକୁ ଗୋବିନ୍ଦଙ୍କ ମୃତ୍ୟୁ ହୋଇଯାଇଥିଲା।

ମୃତ ଗୋବିନ୍ଦଙ୍କ ପତ୍ନୀ, ଝିଅ ଓ ଦୁଇ ପୁଅ ସରୋଜ, ସଞ୍ଜୟ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ନରେନ୍ଦ୍ରଙ୍କ ସମ୍ପର୍କୀୟ ଦିବ୍ୟଜ୍ୟୋତି ବେହେରା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୌତମ ଦାସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଏ ସଂପର୍କରେ ଗୋବିନ୍ଦଙ୍କ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଏତଲା ଦିଆଯାଇଛି। ଅଭିଯୋଗକୁ ଭିତ୍ତି କରି ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଅଧିକ ଗଣ୍ଡଗୋଳକୁ ଆଶଙ୍କା କରି ଘଟଣାସ୍ଥଳରେ ପୁଲିସ ଫୋର୍ସ ମୁତୟନ ହୋଇଥିବା ଜଣାପଡ଼ିଛି।

31001/16/2627
ବୁଣାକାର, ଗ୍ରାହକ ଏବଂ ପୃଷ୍ଠପୋଷକ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

୭୦ତମ ପ୍ରତିଷ୍ଠା ଦିବସ
୫ ମଇ, ୨୦୨୬
ଉପଲକ୍ଷେ
ବୟନିକା
ବିଶେଷ ରିହାତି
୨୦% + ୧୦%
(ସମସ୍ତ ଶାଖାରେ ଉପଲବ୍ଧ)
୦୫ - ୦୭ ମଇ,୨୦୨୬ ପର୍ଯ୍ୟନ୍ତ
Shop Online at :
www.boyanika.com
'ଓଡ଼ିଶାର ହସ୍ତତନ୍ତରେ ଓଡ଼ିଆ ଅସ୍ମିତା'
ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର
OIPR-31001/31004/2/26-27/0005

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

• Only 29 Years as an Institute • 24 Years as a Deemed to be University

THE World University Rankings 2026 Asia
1st in Eastern India
169th in Asia

THE World University Rankings 2026
5th Among All Universities in India
501+ Cohort Globally

KIIT Accomplishes QS Rated Excellent & Platinum QS I-GAUGE
Only University in Eastern India with QS 5-Star & Platinum Ratings
QS World University Rankings 2026
1st in Odisha & 8th in India among pvt. universities



• Best Campus — Outstanding infrastructure & world-class facilities
• Best Placement — Excellent Opportunities & Career Outcomes
• Best Environment & Ambience — Supportive learning environment with a vibrant campus atmosphere
• Student Friendly Campus — Student-centric approach with comprehensive support services
• Parent-Friendly Institution — Transparent communication & parent engagement

ADMISSION OPEN
KIITEE 2026 PHASE - 2
APPLY NOW
through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)
Scan to Apply
Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024
admission@kiit.ac.in kiitee.ac.in 8080 735 735

Key Rankings & Achievements
A++ Grade Accredited by NAAC
nirf 2025 17th Among Indian Universities
NBA Tier 1 Re-accredited by NBA
ABET (US) Accreditation
IET Accredited Programme The Institute of Engineering and Technology
Special Consultative Status by the UN-ECOSOC
Partnership with UN VOLUNTEERS

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ମାଟ୍ରିକ୍ ପରୀକ୍ଷା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୪।୫(ସମିସ): ତୁଳସୀଚୌରାରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଗଢ଼ିଉଠିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଜି ମୟୂରଭଞ୍ଜ ଜିଲ୍ଲାକୁ ଗର୍ବିତ କରିଛି। ଉକ୍ତ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ବିଦ୍ୟାଳୟର ଛାତ୍ର ପାର୍ଥ ସାରଥୀ ମହାନ୍ତ ତାଙ୍କ ଅଦମ୍ୟ ପରିଶ୍ରମ ଓ ଅଧ୍ୟବସାୟରେ ୯୮ ପ୍ରତିଶତ ଅର୍ଥାତ ୫୮୮ ନମ୍ବର ରଖି ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କ ସଫଳତା ପଛରେ ପିତା ଗଣେଶ୍ୱର ମହାନ୍ତ ଓ ମାତା ସାବିତ୍ରୀ ମହାନ୍ତଙ୍କ ନିଷ୍କାମ ପରିଶ୍ରମ ଓ ଶିକ୍ଷା ପ୍ରତି ଅଦମ୍ୟ ସମର୍ପଣ ରହିଛି। ବିଶେଷକରି ଗୁରୁ ଧନଞ୍ଜୟ ସାହୁ ତାଙ୍କ ପ୍ରେରଣାର ମୂଳ ସ୍ରୋତ ଥିଲେ। ଧନଞ୍ଜୟ ସାହୁ ଗରିବ ଓ ଅସହାୟ ପିଲାମାନଙ୍କୁ ନିଜ ପାଖରେ ରଖି ଶିକ୍ଷା ଦେବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ତୋଳିବାରେ ସଦା ଚେଷ୍ଟିତ ରହିଛନ୍ତି। ଏହି ସଫଳତା କେବଳ ପାର୍ଥ ପର୍ଯ୍ୟନ୍ତ ସୀମିତ ନୁହେଁ। ଜାଗୃତି ମିଶ୍ର ୫୫୫ (୯୩ ପ୍ରତିଶତ) ନମ୍ବର ରଖି ପରିବାର ଓ ଜିଲ୍ଲାର ନାମ ଉଜ୍ଜ୍ୱଳ କରିଛନ୍ତି। ସାଇ ଶଙ୍କର ମହାନ୍ତି ୫୪୨ (୯୧ ପ୍ରତିଶତ) ନମ୍ବର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ସଫଳତା ପଛରେ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟ ବୃହତ୍ ଅବଦାନ ରହିଛି। ବେଣ୍ଣୁଧ କୁମାର ଦାସ, ରାଜୀବ କୁମାର ଗାନ୍ଧୀ, ଲଳିତ କୁମାର ଷଡ଼ଙ୍ଗୀ, କ୍ରିଷ୍ଣା ସାମଲ, ଶରତ ଚନ୍ଦ୍ର ସାହୁ, ଦୀପ ମହାପାତ୍ର, ଦିବାକର ସାହୁ, ସୁଦର୍ଶନ ସେନାପତି, ଉତ୍ତମ କୁମାର ଦତ୍ତ, ପୂନମ ବାରିକ ଆଦି ସମସ୍ତ ଶିକ୍ଷକ ମିଳି ଛାତ୍ରଛାତ୍ରୀଙ୍କୁ ଉଚ୍ଚ ସ୍ଥାନରେ ପହଞ୍ଚାଇବାରେ ଲାଗି ପଡ଼ିଛନ୍ତି। ଆଜି ଏହି ଗୁରୁ-ଶିଷ୍ୟ ସମ୍ପର୍କ କେବଳ ବାରିପଦା ନୁହେଁ, ବରଂ ସମଗ୍ର ମୟୂରଭଞ୍ଜ ଜିଲ୍ଲା ପାଇଁ ଗର୍ବର ବିଷୟ ହୋଇପାରିଛି।

## ଚାଷୀଙ୍କ ପୁଅ ସୌରଭ ପାଞ୍ଚପିଢ଼ ଉପଖଣ୍ଡ ଟପ୍ପର



ମହୁଲଡିହା,୪।୫(ସମିସ): ଠାକୁରମୁଣ୍ଡା ବ୍ଲକ୍ କେନ୍ଦୁଜିଆଣିସ୍ଥ ଆବାସିକ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରୁ ୧୦ ଜଣ ଛାତ୍ର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ସୌରଭ ନନ୍ଦ ସର୍ବାଧିକ ୫୬୧ ନମ୍ବର (୯୪ଧ) ରଖି ବ୍ଲକ ଟପ୍ପର ହେବା ସହ ପାଞ୍ଚପିଢ଼ ଉପଖଣ୍ଡରେ ଆଗରେ ରହିଛନ୍ତି। କୁସୁମୀ ବ୍ଲକ ବାଦାମପାହାଡ଼ ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ଚାଷୀ ଓ ଶ୍ରମିକ ପରିବାରରେ ଜନ୍ମଗ୍ରହଣ କରିଛନ୍ତି ସୌରଭ। ବାପା ଗଣେଶ ଚନ୍ଦ୍ର ନନ୍ଦ ପେଶାରେ ଜଣେ ଚାଷୀ ଓ ଶ୍ରମିକ। ମାତା ସୁନୀତା ନନ୍ଦ (ଗୃହିଣୀ)। ଏହି ସଫଳତା ପାଇଁ ସେ ପିତାମାତା ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତଙ୍କ ସମେତ ସମସ୍ତ ଗୁରୁଜୀ ଓ ସେବକ ଭାଇ, ସହପାଠୀଙ୍କୁ ଶ୍ରେୟ ଦେଇଛନ୍ତି।

## ସାଧନା ଦତ୍ତ ଶୁଳିଆପଦା ବ୍ଲକ୍ ଟପ୍ପର



ଶୁଳିଆପଦା,୪।୫(ସମିସ):ମ୍ୟାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ କୋଷ୍ଠା ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ସାଧନା ଦତ୍ତ ୫୪୩ ନମ୍ବର ରଖି ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହେବା ସହିତ ଶୁଳିଆପଦା ବ୍ଲକ୍‌ରେ ଟପ୍ପର ହୋଇ ବିଦ୍ୟାଳୟ ଓ ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ବାପା ଉତ୍ତମ ଦତ୍ତ ଜଣେ ବ୍ୟବସାୟୀ ଓ ମାଆ ରୀନାବତୀ ଦତ୍ତ ଗୃହିଣୀ। ବାପା କୋଷ୍ଠାରେ ସାଇକଲ ଦୋକାନ କରିଛନ୍ତି। ସେ ନିଜର ଅକ୍ଳାନ୍ତ ପରିଶ୍ରମ ସହିତ ବାପାମାଆ, ଭାଇ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଟ୍ୟୁସନ୍ ଶିକ୍ଷକଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ଡାକ୍ତର ହୋଇ ରୋଗୀ ସେବା କରିବେ ବୋଲି କହିଛନ୍ତି।

● ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ନାଟ୍ୟଧାରା

## ଦର୍ଶକଙ୍କୁ ବିମୋହିତ କଲା ବାରିପଦାର ନାଟକ 'ଚିଠି'

ବାରିପଦା, ୪।୫(ସମିସ): ଭୁବନେଶ୍ୱରସ୍ଥ ଭଞ୍ଜକଳା ମଣ୍ଡପରେ ସଂଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରାରେ ବାରିପଦାର ଓମ ନାଟ୍ୟସଂସ୍ଥା ପ୍ରଯୋଜିତ ନାଟକ 'ଚିଠି' ମଞ୍ଚସ୍ଥ ହୋଇଯାଇଛି। ପ୍ରଦୀପ ଭୋଳଙ୍କ ରଚିତ ତଥା ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ଧୀର ବସାଙ୍କ ନିର୍ଦ୍ଦେଶିତ ନାଟକରେ ଧୀର ବସା, ଅସିତ ଗିରି, ଉପାସନା ଦାସ, ଜ୍ଞାନ ପଣ୍ଡା, ସୁଜୟ ମହାନ୍ତି ଓ ଆଦ୍ୟାଶା ଅଭିନୟ କରିଥିବାବେଳେ ସହ ନିର୍ଦ୍ଦେଶନାରେ ଜ୍ଞାନ ପଣ୍ଡା, ସଂଗୀତରେ ଶକ୍ତିପ୍ରସାଦ ମିଶ୍ର ଓ ଆଲୋକରେ ଶ୍ରୀକାନ୍ତ ଚୌଧୁରୀ ସହଯୋଗ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରମଣି ପ୍ରଧାନଙ୍କ ସହ ମହାତ୍ମା ଗାନ୍ଧୀଙ୍କ ନିବିଡ଼ ସମ୍ପର୍କ ଥିଲା ଓ ଗାନ୍ଧିଜୀଙ୍କ ସହ ତାଙ୍କର ଅନେକ ଚିଠି ଦିଆନିଆ ଚାଲିଥିଲା। ଇତିମଧ୍ୟରେ ତାଙ୍କ ନାତୁଣୀକୁ ଭଲ ପାଉଥିବା ଅଧ୍ୟାପକ ଗବେଷଣା କରୁଥିବାବେଳେ ଜାଣିବାକୁ ପାଇଥିଲେ ମହାତ୍ମା ଗାନ୍ଧୀଙ୍କ ଚିଠି ସାଉଥ ଆଫ୍ରିକାରେ ଗୋଟିକୁ ୪ କୋଟି ଟଙ୍କାରେ ବିକ୍ରି ହେଉଛି। ଅଧ୍ୟାପକ ଓ ପୁଅବୋହୂ ମିଶି ଚିଠିଗୁଡ଼ିକୁ ହାତେଇବା ପାଇଁ ଚେଷ୍ଟା କରନ୍ତି ଓ ନାତୁଣୀଠାରୁ ଏକଥା ଜାଣି ସେ ଜୀବନ ଯାଉ ପଛେ ବିକ୍ରି କରିବାକୁ ନ ଦେବା ପାଇଁ ଚିଠି ସବୁ ଗିଳିଦେଇ ମୃତ୍ୟୁବରଣ କରନ୍ତି। ଏମିତି ଏକ ଘଟଣାବଳୀ ଉପରେ ଆଧାରିତ ନାଟକରେ ଅଭିନେତାଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା।



ସଫା ହେଉନି ଡ୍ରେନ୍

# ବର୍ଷାରେ ଲୋକଙ୍କ ଘରେ ପଶୁଛି ଡ୍ରେନ ପାଣି

ବେତନଟୀ, ୪।୫(ସମିସ):

ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ୍ ଅନ୍ତର୍ଗତ ବେତନଟୀ ଚଣ୍ଡୀ ଛକ ନିକଟରେ ରାସ୍ତା ପାଶ୍ୱର୍ରେ ଡ୍ରେନ ସଫା ନ ହେବାରୁ ଅଦିନିଆ କାଳବୈଶାଖୀ ବର୍ଷାରେ ପାଣି ଘର ଭିତରକୁ ପଶି ଯିବା ହେତୁ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏନଏସି ମାନ୍ୟତା ପାଇବା ପରେ ମଧ୍ୟ ମୌଳିକ ମିଳୁନି। ଫଳରେ ଅବହେଳାକୁ ନେଇ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ବେତନଟୀ ପଞ୍ଚାୟତ ଚାରିମାସ ପୂର୍ବରୁ ଏନଏସି ମାନ୍ୟତା ପାଇଥିଲା ଓ ଆର୍ଥିକ ଅନୁଦାନ ମଧ୍ୟ ଆସିଛି। ତଥାପି ଡ୍ରେନ ସଫା, ରାସ୍ତା ମରାମତି, ଷ୍ଟ୍ରିଟ୍‌ଲାଇଟ ଓ ଜଳ ନିଷ୍କାସନ ବ୍ୟବସ୍ଥାରେ କୌଣସି ଉଲ୍ଲେଖନୀୟ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ସାମାନ୍ୟ ବର୍ଷାରେ ଡ୍ରେନ ପାଣି ଘର ଭିତରକୁ ପ୍ରବେଶ କରୁଛି।



ଅନେକ ଘରେ ଆଣ୍ଠୁଏରୁ ଅଧିକ ପାଣି ପଶି ଆସବାବପତ୍ର ଓ ଲୁଗାପଟା ନଷ୍ଟ ହୋଇଛି। ପୂର୍ବତନ ସରପଞ୍ଚଙ୍କ ଘର ସମେତ ଅନ୍ୟାନ୍ୟ ଘରେ ମଧ୍ୟ ଏହି ସମସ୍ୟା ଦେଖାଦେଇଥିବା କଥା ଗଣମାଧ୍ୟମ ଆଗରେ ସ୍ଥାନୀୟ ଲୋକ କହିଛନ୍ତି। ବେତନଟୀ ଜନସାଧାରଣଙ୍କ ପକ୍ଷରୁ ଏହି ଅବହେଳା ବିରୋଧରେ ବାରମ୍ବାର ବ୍ଲକ୍ ପ୍ରସାଶନକୁ ଅଭିଯୋଗ କରାଯାଉଥିଲେ ମଧ୍ୟ ବ୍ଲକ୍ ପ୍ରଶାସନର ଏଥିପ୍ରତି ନିଘା ନାହିଁ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ତଳେ ଦୁଇ ଆର୍ଥିକ ବର୍ଷରେ ପଚାଶ ଲକ୍ଷରୁ ଅଧିକ ଟଙ୍କା ମଞ୍ଜୁର ହୋଇଥିବା ସତ୍ତ୍ୱେ ପାଣ୍ଠି ଅଭାବ ଦର୍ଶାଇ ଡ୍ରେନ ସଫା ନ ହେବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି ବୋଲି ବାସିନ୍ଦା ଅଭିଯୋଗ କରିଛନ୍ତି। ସ୍ଥାନୀୟ ବିଧାୟକ ଓ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି ବୋଲି କୁହାଯାଉଛି। ଯଦି ଶୀଘ୍ର ଡ୍ରେନ ସଫା ଓ ଡ୍ରେନ ପାଣି ନିଷ୍କାସନ ବ୍ୟବସ୍ଥା ନ ହୁଏ, ତେବେ ଆଗାମୀ ଦିନରେ ବ୍ଲକ୍ ଅଫିସ ଆଗରେ ଧାରଣା ଦେବେ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି। ଏହି ପରିସ୍ଥିତି ଏନଏସି ଘୋଷଣା ପରେ ମଧ୍ୟ ସ୍ଥାନୀୟ ପ୍ରଶାସନର ଅବହେଳା ଲୋକଲୋଚନକୁ ଆସିଛି ଓ ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ବିକାଶ ଯୋଜନାର ଲାଭ ସାଧାରଣ ଲୋକ ପାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କୁଡୁମାଲୀ କଲଚରାଲ ଆସୋସିଏସନ ପକ୍ଷରୁ ମାଟ୍ରିକ ରାଜ୍ୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ବାରିପଦା,୪।୫(ସମିସ): ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ତୁଳସୀଚୌରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ପାର୍ଥସାରଥି ମହାନ୍ତ ୫୮୮ ନମ୍ବର



ରଖି ଓଡିଶାରେ ଟପ୍ପର ହେବାର ସୌଭାଗ୍ୟ ପାଇଥିବାରୁ କୁଡୁମାଲୀ କାଲଚରାଲ ଆସୋସିଏସନ ପକ୍ଷରୁ ତାଙ୍କ ବାରିପଦାସ୍ଥ ମଧୁବନ ବାସଭବନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆସୋସିଏସନର ସଭାପତି ଡ ଭକ୍ତହରି ମହାନ୍ତଙ୍କ ପୌରୋହିତ୍ୟ ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଙ୍କୁ ମାନପତ୍ର ସହ ପାଞ୍ଚ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କ ବାପା ଜଣେ ପାଇପ ମିସ୍ତ୍ରି ଓ ମାଆ ଜଣେ ଆଶାକର୍ମୀ ହୋଇ ମଧ୍ୟ ମେଧାବୀ ଛାତ୍ର ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ଆରଟିଏସ୍-୨୦୨୫ରେ ଜିଲ୍ଲାରେ ପ୍ରଥମ, ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ପ୍ରତିଯୋଗିତାରେ ଜିଲ୍ଲାରେ ପ୍ରଥମ, ପ୍ରାଦେଶିକ ମେଧା ପରୀକ୍ଷା ୨୦୨୫ରେ ଓଡିଶାରେ ପ୍ରଥମ, ଭାରତୀକୃଷ୍ଣ ଗଣିତ ପରୀକ୍ଷା ୨୦୨୫ରେ ଓଡିଶାରେ ପ୍ରଥମ ହେବା ସହିତ ଅନ୍ୟାନ୍ୟ ଜିଲ୍ଲା ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଗଣେଶ୍ୱର ମହାନ୍ତ, ଇଂ ଯୁଧିଷ୍ଠିର ମହାନ୍ତ, ବାରିପଦା ଓକିଲ ସଂଘର ବରିଷ୍ଠ ଆଇନଜିବୀ କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତ, ସମାଜସେବୀ ବୁଧୁରାମ ସିଂ, ମାମୁଁ ସଚିବାଳୟ କାର୍ଯ୍ୟାଳୟର ଏଏସଓ ଯୋଗେଶ୍ୱର ମହାନ୍ତ, ବାପା ଗଣେଶ୍ୱ ମହାନ୍ତ, ମାତା ସାବିତ୍ରୀ ମହାନ୍ତ, ଅଜା ଉପେନ୍ଦ୍ର ମହାନ୍ତ, ଆଈ ଗୀତା ମହାନ୍ତ, ଜେଜେମା ବାରି ମହାନ୍ତ, ବଡ଼ମାମୁଁ ରାମେଶ୍ୱର ମହାନ୍ତ ଉପସ୍ଥିତ ଥାଇ ତାଙ୍କୁ ଉତ୍ସାହିତ କରିବା ସହିତ ନିଜ ନିଜର ଆଭିମୁଖ୍ୟ ରଖିଥିଲେ। ପ୍ରଶାସନିକ ଅଧିକାରୀ ହେବା ପାଇଁ ଟପ୍ପର ଛାତ୍ର ନିଜର ଅଭିଳାଷ ରଖିଛନ୍ତି।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ




କପ୍ତିପଦା,୪।୫ (ସମିସ): ଶରତଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଉତ୍ସବ ଉଦଯାପନୀ ହୋଇଛି। ୧ ତାରିଖରେ ଆରମ୍ଭ ହୋଇଥିବା ୧୨୨ତମ ଜୟନ୍ତୀ ୩ ତାରିଖରେ ଉଦଯାପନୀ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ଭୀମସିଂ ମୁର୍ମୁ, ରାମଚନ୍ଦ୍ର ଟୁଡୁ, ରିତେଶ ଟୁଡୁ, ଶିବନାରାୟଣ ହେମ୍ବ୍ରମ, ବିରେନ ତିଉ, ଦୁମ୍ବି ସିଂ, ଲାଲମୋହନ ବାନରା, ଲାଦୁକି ସରେନ ପ୍ରମୁଖ ଯୋଗଦେଇ ରଘୁନାଥ ମୁର୍ମୁଙ୍କ ଜୀବନଶୈଳୀ ଉପରେ ମତ ରଖିଥିଲେ। ପ୍ରଥମ ଦିନ ସାନ୍ତାଳୀ ଲିଟେରେଚର ଡେଭେଲପମେଣ୍ଟ ସୋସାଇଟି ସଭାପତି ବୈଳେନ୍ଦ୍ର ହେମ୍ବ୍ରମଙ୍କ ସଭାପତିତ୍ୱରେ ଜୟନ୍ତୀ ପାଳନ ହୋଇଥିଲା। ମାଝି ବାବା ପ୍ରିଥି ମାର୍ଣ୍ଡିଙ୍କ ଆବାହକତ୍ୱରେ ରଘୁନାଥ ମୁର୍ମୁ ମହାବିଦ୍ୟାଳୟରେ ଥିବା ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କଲେଜ ନିକଟରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବା ସହ ଏକ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡଃ ଭଗବାନ ପଣ୍ଡା ଯୋଗଦେଇ ସାନ୍ତାଳୀ ସଂସ୍କୃତିର ମହାନ ପରମ୍ପରା ବାବଦରେ ଉଦବୋଧନ ଦେଇଥିଲେ। ସେହିଭଳି ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପଦ୍ମାବତୀ ସିଂ, ପୀତାମ୍ବର ସାହୁ, ଶିକ୍ଷକ ଲାଲମୋହନ ମାର୍ଣ୍ଡି ଯୋଗଦେଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତି ଚାରଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆଦିବାସୀ ପରମ୍ପରା ସମ୍ପର୍କରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ଯୋଗ ଦେଇଥିଲେ।

## ସୁଶ୍ରୀ ସୃଷ୍ଟି ସମ୍ଭାବନା ସାରସକଣା ବ୍ଲକ୍ ଟପ୍ପର

ସାରସକଣା, ୪।୫(ସମିସ): ସାରସକଣା ବ୍ଲକ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସୁଶ୍ରୀ ସୃଷ୍ଟି ସମ୍ଭାବନା ସାହୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସାରସକଣା ବ୍ଲକ୍ ଟପ୍ପର ହୋଇଛନ୍ତି। ବ୍ଲକ ଅଞ୍ଚଳର ଏକମାତ୍ର ଏ-୧ ଛାତ୍ରୀ ଭାବେ ଏହି କୃତିତ୍ୱର ଅଧିକାରିଣୀ ହୋଇଛନ୍ତି। ସାରସକଣା ବ୍ଲକ୍ ସାରସକଣା ବାସିନ୍ଦା ଅନ୍ତର୍ଯ୍ୟାମୀ ସାହୁ, ବବିତା ସାହୁଙ୍କ ଝିଅ ସୁଶ୍ରୀ ସୃଷ୍ଟି ସମ୍ଭାବନା ସାହୁ ୫୪୨ ନମ୍ବର ରଖିଛନ୍ତି। ସେହିପରି ଶୀର୍ଷା ପଞ୍ଚାୟତ ପିଏମ୍‌ଶ୍ରୀ ହାଇସ୍କୁଲର ମୋନଜ ସାହୁଙ୍କ ଝିଅ ଛାତ୍ରୀ ଅର୍ପିତା ସାହୁ ୫୨୯ (ଏ-୨) ମୋଟ ନମ୍ବର ରଖିଛନ୍ତି। ଏହି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



## ଚନ୍ଦ୍ରିକା କଳା ବିକାଶ କେନ୍ଦ୍ର ନାଚ, ଗୀତ ଓ ବାଦ୍ୟଯନ୍ତ୍ର ପରୀକ୍ଷା




ଶୁଳିଆପଦା,୪।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଦେଉଳିସ୍ଥ ଚନ୍ଦ୍ରିକା କଳା ବିକାଶ କେନ୍ଦ୍ରରେ ନୃତ୍ୟ, ଗୀତ ଓ ବାଦ୍ୟଯନ୍ତ୍ରର ପ୍ରାକ୍ଟିକାଲ ପରୀକ୍ଷା ଶେଷ ହୋଇଛି। ପରୀକ୍ଷକ ଗଣେଶ ଚନ୍ଦ୍ର ଦାସ (ଅର୍ମଦା) ପରୀକ୍ଷା ପରିଚାଳନା କରିଥିଲେ। ଏଥିରେ ୪୫ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାତା ମନୋଜ କୁମାର ବେହେରା, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଚନ୍ଦ୍ରିକା ପୋଥାଳ, ନୃତ୍ୟ ଶିକ୍ଷୟିତ୍ରୀ ନମିତା ପଟ୍ଟନାୟକ ଓ ଅଳିଭା ଧଳଙ୍କ ସମେତ ମାମୀ ବେହେରା ଓ ଦୁର୍ଗାମଣି ଧୀର ଉପସ୍ଥିତ ରହି ସହଯୋଗ କରିଥିଲେ।

## ୨ ମୋରମ ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର/କରଞ୍ଜିଆ,୪।୫(ସମିସ): ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ହେଉଥିବାବେଳେ କରଞ୍ଜିଆ ପୁଲିସ ଦ୍ୱାରା ଦୁଇଟି ମୋରମ ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। କରଞ୍ଜିଆ ପୁଲିସ ଦ୍ୱାରା ପାଟ୍ରୋଲିଂ ଜାରି ରହିଥିବାବେଳେ ମୋରମ ଚୋରା ଚାଲାଣ ନେଇ ଖବର ମିଳିଥିଲା। ପୁଲିସ ସୂଚନା ଅନୁଯାୟୀ ପୋକାମୁଣ୍ଡା ଅଞ୍ଚଳରେ ଚଢ଼ଉ କରିଥିଲେ। ସେଠାରେ ଜଙ୍ଗଲ ମଧ୍ୟରେ ମାଫିଆମାନେ ବେଆଇନ ଭାବେ ମୋରମ ଉତ୍ତୋଳନ କରି ଚୋରା ଚାଲାଣ କରୁଥିଲେ। ତେବେ ପୁଲିସକୁ ଦେଖି ଟ୍ରାକ୍ଟର ନେଇ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ପୁଲିସ ପିଛା କରି ଦୁଇଟି ମୋରମ ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲା। ଏଥିସହିତ ଦୁଇଜଣ ଚାଳକକୁ ମଧ୍ୟ ଧରିଛନ୍ତି। ଏ ନେଇ କରଞ୍ଜିଆ ଥାନାରେ ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇଛି। ଉକ୍ତ ମାଫିଆକୁ ଧରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି।

## ଜାତୀୟ ଟାଏକ୍ୱାଣ୍ଡୋରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ପରମଦୀପ



ଶୁକ୍ଳି, ୪।୫(ସମିସ): ଓଡ଼ିଶା ଟାଏକ୍ୱାଣ୍ଡୋ ଆସୋସିଏସନ ପକ୍ଷରୁ କଟକର ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି ପଞ୍ଚମ ରାଜ୍ୟସ୍ତରୀୟ ଟାଏକ୍ୱାଣ୍ଡୋ ପ୍ରତିଯୋଗିତା। ଉକ୍ତ ପ୍ରତିଯୋଗିତା ଗତ ୨୮ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖ ଶେଷ ହୋଇଥିଲା। ୧୪ ବର୍ଷରୁ କମ୍ ଓ ୫୭ କିଲୋଗ୍ରାମରୁ କମ ବର୍ଗର ପ୍ରତିଯୋଗିତାରେ ରାଜ୍ୟର ୨୨ଟି ଜିଲ୍ଲାରୁ ୬୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପରମଦୀପ ମହାନ୍ତ ସମସ୍ତଙ୍କୁ ପଛରେ ପକାଇ ସ୍ୱର୍ଣ୍ଣପଦକ ଜିତି ଜାତୀୟ ଟାଏକ୍ୱାଣ୍ଡୋ ପ୍ରତିଯୋଗିତାରେ ଖେଳିବାକୁ ମନୋନୀତ ହୋଇଛନ୍ତି। ପରମଦୀପଙ୍କ ବାପା ନବୀନ ରାମ ମହାନ୍ତ ସିଆରପିଏଫ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ। ମାଆ ମନୋରମା ମହାନ୍ତ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ପରମଦୀପ ରବୀନ୍ଦ୍ର ବିଦ୍ୟାନିକେତନ କେନ୍ଦୁଝରରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ପରମଦୀପଙ୍କ ଘର ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକର ଆଦିପୁର ଗ୍ରାମରେ। ସେ ରାଜେଶ କୁମାର ଜେନା (କୋଚ୍), ଅଖିଳ ଚନ୍ଦ୍ର ପରିଡା (ସହକାରୀ କୋଚ୍)ଙ୍କ ନିକଟରେ ତାଲିମ ନେଉଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ରୋଟାରୀ ଜିଲ୍ଲା ଗଭର୍ଣ୍ଣରଙ୍କ ବେତନଟୀ ଗସ୍ତ



ବେତନଟୀ, ୪।୫(ସମିସ): ବେତନଟୀ ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀଙ୍କ ବେତନଟୀ ଆଗମନକୁ ସ୍ଥାନୀୟ ରୋଟାରିଆନ ସ୍ୱାଗତ କରିଥିଲେ। ସର୍ବପ୍ରଥମେ ତାଙ୍କ ସହ କ୍ଲବ ସଦସ୍ୟ ସ୍ଥାନୀୟ ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଏକ ସଭା ଚଣ୍ଡୀ ଛକସ୍ଥ ବନ୍ଧନ ମଣ୍ଡପରେ ସଭାପତି ଗିରିଧାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ରବୀନ୍ଦ୍ରନାଥ ମିଶ୍ର ରୋଟାରୀ କ୍ଲବ୍‌ର ବିଗତ ବର୍ଷର କାର୍ଯ୍ୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ତ୍ରିପାଠୀ ନୂତନ ଓ ଅଧିକ ସଭ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିବା ସହ ରୋଟାରୀ ଇଣ୍ଟରନ୍ୟାସନାଲ କାର୍ଯ୍ୟଶୈଳୀ ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ। ନୂତନ ଭାବେ ଆଡଭୋକେଟ୍ ସଞ୍ଜୟ କୁମାର ଭୂୟାଁ ସଭ୍ୟପଦ ଗ୍ରହଣ କରିଥିଲେ। ୨୦୨୬ କେନ୍ଦ୍ରୀୟ ସେକେଣ୍ଡାରୀ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ବେତନଟୀ ନବୋଦୟ ବିଦ୍ୟାଳୟର ୧ମ ସ୍ଥାନ ହାସଲକାରୀ ଛାତ୍ରୀ ଶ୍ରାବଣୀ ମୁର୍ମୁଙ୍କ ସମେତ ସେହି ପରୀକ୍ଷାରେ ବେତନଟୀ ବ୍ଲକ୍‌ରେ ୨ୟ ସ୍ଥାନରେ ଥିବା ଛାତ୍ରୀ ଇସିକା ସାହୁ ଓ ଜାଭିୟର ଇନଷ୍ଟିଚ୍ୟୁଟ୍ ଛାତ୍ର ବିନିତ୍ ପାଲଙ୍କୁ ରୋଟାରୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭାରେ ରୋଟାରୀ ଚାର୍ଟାର୍ଡ ଶୈଳେନ୍ଦ୍ର ଖଣ୍ଡେଲୱାଲଙ୍କ ସମେତ ରୋଟାରିଆନ ଆଡଭୋକେଟ ଭଗୀରଥ ପଣ୍ଡିତ, ସଂଯୁକ୍ତା ଜୀ, ସୁନୀଲ କୁମାର ଖଣ୍ଡେଲୱାଲ, ଶିରୀଶ ଚନ୍ଦ୍ର ବାରିକ, ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ ଓ ଅରୁଣ କୁମାର ଓତାଙ୍କ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସିଭିଲ ସୋସାଇଟି ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି, କବି ସଙ୍ଗମ ସଭାପତି ବାସୁଦେବ ନାପିତ, ମୟୂର ସାହିତ୍ୟ ସଂସଦ ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୌଦାମିନୀ ପଣ୍ଡା ସହଯୋଗ କରିଥିବାବେଳେ ଉପସଭାପତି ଶ୍ୟାମସୁନ୍ଦର ମତୁଆଳ ଧନ୍ୟବାଦ ଅର୍ପଣ କରିଥିଲେ।

ଚକ୍ର ସିଂ ଜାରିକା ଯକ୍ଷ୍ମା ରୋଗରେ ଆକ୍ରାନ୍ତ

# ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଦେଉଛନ୍ତି କୁକୁଡ଼ା ଓ ଛେଳି ବଳି

ଶରତ, ୪।୫(ସମିସ):

ଆଜକୁ ଦେଢ଼ ବର୍ଷ ହେବ ଚକ୍ର ସିଂ ଜାରିକା ଯକ୍ଷ୍ମା (ଟିବି) ରୋଗରେ ଆକ୍ରାନ୍ତ ହୋଇଛନ୍ତି। ନିରକ୍ଷରତା କାରଣରୁ ଡାକ୍ତରଖାନାରେ ସରକାରଙ୍କ ଦ୍ୱାରା ଟିବି ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ମାଗଣା ଚିକିତ୍ସା ସେବା ବିଷୟରେ ସେ ଓ ତାଙ୍କ ପରିବାର ଅବଗତ ନାହାନ୍ତି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ କୁକୁଡ଼ା ଓ ଛେଳି ବଳି ଦେଉଛନ୍ତି। ଏହାଦ୍ୱାରା ରୋଗ ଭଲ ହେବା ବିଶ୍ୱାସ ରହିଛି। ଏ ନେଇ ଚକ୍ର ସିଂଙ୍କୁ ସଚେତନତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ସୂଚନା ମୁତାବକ, ଟିବି ରୋଗର ଚିକିତ୍ସା ନିମନ୍ତେ ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ଟିବି ଚିକିତ୍ସା କେନ୍ଦ୍ର ଖୋଲାଯାଇଥିବାବେଳେ ଗ୍ରାମାଞ୍ଚଳର ଲୋକେ ଆଜି ବି ଏହି ପ୍ରସଙ୍ଗ/ବିଷୟରେ ଅବଗତ ନାହାନ୍ତି। ଚକ୍ର ସିଂଙ୍କ ଭଳି ଗରୀବ ଆଦିବାସୀ ପରିବାର ନିରକ୍ଷରତା କାରଣରୁ ଟିବି ରୋଗରୁ ସୁସ୍ଥତା ପାଇବା ନିମନ୍ତେ



ଡାକ୍ତରଖାନାକୁ ନ ଯାଇ କୁକୁଡ଼ା, ଛେଳି ଓ ମେଣ୍ଢା ବଳି ଦେଇ ପୂଜା କରୁଛନ୍ତି। ଚକ୍ର ସିଂ ଜାରିକା ଜନ୍ମରୁ ଦିବ୍ୟାଙ୍ଗ। ତାଙ୍କୁ ସରକାରଙ୍କ ସାମାଜିକ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯାଇ ନ ଥିବା କାନ୍ଦି କାନ୍ଦି ଗଣମାଧ୍ୟମକୁ କହିଛନ୍ତି। ଏହି ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ଆଜି ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନାରେ ଘର ଖଣ୍ଡେ ଦିଆଯାଇପାରିନାହିଁ। ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି ହୋଇଛି। ଚକ୍ର ସିଂ ଜାରିକାଙ୍କୁ ବାରିପଦା ଜିଲ୍ଲା ଚିକିତ୍ସାଳୟରେ ଟିବି ରୋଗୀଙ୍କ ନିମନ୍ତେ ଥିବା ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସମାଜସେବୀ ଗାମାଏ ରିମିଲ ଗୋଇପାଇ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି। ତାଙ୍କର ଚିକିତ୍ସା କରାଇବା ପାଇଁ ପଦକ୍ଷେପ ଗ୍ରହଣ କରି ହସ୍‌ପିଟାଲ ଟିମ ତାଙ୍କ ଘରକୁ ଆସି ତାଙ୍କୁ ବାରିପଦାକୁ ନେଇ ଚିକିତ୍ସା କରାଯିବାକୁ ଶ୍ରୀ ଗୋଇପାଇ ନିବେଦନ କରିଛନ୍ତି। ତତସହିତ ତାଙ୍କୁ ସାମାଜିକ ସୁରକ୍ଷା ଯୋଜନାର ସମସ୍ତ ସୁବିଧା ଯୋଗାଇ ଦେବାକୁ ଶ୍ରୀ ଗୋଇପାଇ ଦାବି କରିଛନ୍ତି।

## ୬୬ ବର୍ଷରେ ହୁନ୍ଦ ମୁକୁଳିଶି ଚନ୍ଦନ ଉତ୍ସବ

# ମେଳାରେ ଜମୁଛି ଭିଡ଼, ମନମୋହୁଛି ସାଂସ୍କୃତିକ କାର୍ଯ୍ୟକ୍ରମ

ବସ୍ତା ବ୍ଲକ,୪।୫(ସମିସ)



ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ମୁକୁଳିଶି ଚନ୍ଦନ ଯାତ୍ରା ଉତ୍ସବ ୬୬ ବର୍ଷରେ ପଦାର୍ପଣ କରିଛି। ଚନ୍ଦନ ଯାତ୍ରାର କିମ୍ବଦନ୍ତୀ କହେ ସ୍ୱର୍ଗତ ମଦନମୋହନ ସାହୁ ଆଜିକୁ ୬୫ ବର୍ଷ ପୂର୍ବେ ଚୌଧୁରୀ ରାଣୀ ପୋଖରୀ ମାଟି ଖୋଳୁଥିବା ସମୟରେ ଏକ ତାଳ ଡ଼ଙ୍ଗା ବାହାରିଲା। ଏହି ତାଳ ଡ଼ଙ୍ଗାଟିକୁ ସ୍ୱର୍ଗତ ମଦନମୋହନ ସାହୁ ନିଜ ଘରକୁ ଆଣି ନିଜ ପୋଖରୀରେ ପକାଇ ବାଇଗଣ ବାଡ଼ିରେ ତେଣ୍ଡା ସାହାଯ୍ୟରେ ପାଣି ଦେଉଥିଲେ। ହଠାତ ସେହି ରାତିରେ ପ୍ରଭୁ ବୃନ୍ଦାବନଜୀଉ ମଦନମୋହନ ସାହୁଙ୍କୁ ସ୍ୱପ୍ନାଦେଶ କଲେ ଏବଂ ତହିଁ ପରଦିନ ସକାଳେ ସେ ଗ୍ରାମର ସମସ୍ତ ମୁରବି ବ୍ୟକ୍ତିଙ୍କୁ ଡାକି ଉକ୍ତ ସ୍ୱପ୍ନାଦେଶ ବିଷୟରେ ଅବଗତ କରାଇବା ସହ ନିକଟସ୍ଥ ଗ୍ରାମ ରେଣୁପଡା ଥିବା ପ୍ରଭୁ ବୃନ୍ଦାବନ ଜୀଉଙ୍କ ଚରଣରେ ଭେଟି ଦେଇଥିଲେ। ସେହିବର୍ଷ ପାଖରୁ ଚନ୍ଦନଯାତ୍ରା ଆରମ୍ଭ ହୋଇଥିଲା। ଯାହା ଆଜି ୬୬ବର୍ଷରେ ପହଞ୍ଚିଛି।

ଏକାଦଶୀ ପାଖରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରଭୁ ବୃନ୍ଦାବନ ଜୀଉ ନୌକା ବିହାର କରିଥାନ୍ତି ଓ ଏହି ନୌକା ବିହାର ଚନ୍ଦନ ପୂର୍ଣ୍ଣମୀରେ ଉଦଯାପିତ ହୋଇଥାଏ। ଏଠାରେ ଆତସବାଜି ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥାଏ। ପ୍ରତ୍ୟେକ ବର୍ଷ ଭଳି ଏଥର ମଧ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସୁନାବେଶ ସହିତ କୃଷ୍ଣଙ୍କର ବିଭିନ୍ନ ଲୀଳାର ଅବତାର କରାଯାଇଛି। ମେଳାରେ ୪ଶହରୁ ଉର୍ଦ୍ଧ୍ୱ ଦୋକାନୀଙ୍କ ସହିତ ମୀନାବଜାର ଲାଗିଛି। ଏହି ମେଳା ଏପ୍ରିଲ ୨୭ରୁ ଆରମ୍ଭ ହୋଇ ମେ' ୮ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଭାପତି ଲକ୍ଷ୍ମୀଧର ଦାସ କହିଛନ୍ତି। ଉପସଭାପତି ଅମିତ ବିଶ୍ୱାଳ, ସମ୍ପାଦକ ରଞ୍ଜନ ଧଳ, କୋଷାଧ୍ୟକ୍ଷ ସୁମିତ ସାହୁ, ଉପଦେଷ୍ଟା ଦେବେନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ସାହୁ, ନରେନ୍ଦ୍ର ବେହେରା, ବିଷ୍ଣୁପଦ ପତି, ଦୀପକ ଧଳ, ଶିବାନନ୍ଦ ରଣା, ପ୍ରମୋଦ ଜେନା, ତନ୍ମୟ ଧଳ, ସୁଦର୍ଶନ ପାଳ, ଭାଗବତ ପ୍ରଧାନ, କମଳାକାନ୍ତ ସେନ, ନନ୍ଦ ଦୁଲାଲ ବିଶ୍ୱାଳ, ସୃଷ୍ଟି ଧର ଦାସ ପ୍ରମୁଖ ପରିଚାଳନା କରୁଛନ୍ତି। ପ୍ରତ୍ୟେକ ଦିନ ରାତିରେ ଯାତ୍ରା, ମେଲୋଡି, ଭଜନ ସନ୍ଧ୍ୟା ସହିତ ବିଭନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଝିଅ ବିବାହକୁ ନେଇ ନୂଆ ଆଇନ ପ୍ରଣୟନ ଦାବି

ବାଲେଶ୍ୱର,୪।୫(ସମିସ): ଝିଅଙ୍କ ବିବାହ ବୟସ ୧୮ରୁ ୨୧କୁ ପରିବର୍ତ୍ତନ ଓ ବିବାହ ସମୟରେ ବାପା, ମା'ଙ୍କର ଆଶୀର୍ବାଦ ଜରୁରୀ ବୋଲି ଆଇନ ପ୍ରଣୟନ କରାଯିବାକୁ ଜାଗୃତ ନାରୀ ସଙ୍ଗଠନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କଠାରେ ଦାବି କରାଯାଇଛି। ସେମାନଙ୍କ ଦାବି ଅନୁସାରେ,



ଦୈନନ୍ଦିନ ଜଣାପଡୁଛି ଯେ କେତେକ ଖଳ ପ୍ରକୃତିର ଲୋକେ ଅସହାୟ ବାପା ମା'ଙ୍କର ଏକମାତ୍ର ଝିଅକୁ ସେମାନଙ୍କ ଅଜାଣତରେ କିଶୋରୀ ବୟସରୁ ବିଭିନ୍ନ ପ୍ରଲୋଭନ ଦେଖାଇ କେତେକ ସ୍ଥାନରେ ମିଛ ଏଫିଡେବିଟମାନ କରାଇ ରଖୁଛନ୍ତି। ଏବଂ ଆଉ କେତେକ ସ୍ଥାନରେ ଠିକ ୧୮ ମାସ ୧ଦିନରେ କେତେବେଳେ ମନ୍ଦିରରେ ତ ଆଉ କେତେବେଳେ ମାଳା ବଦଳ ତ ଆଉ କେତେବେଳେ ବେଦୀ ବାହାଘର କରାଯାଉଛି। ଅସହାୟ ବାପା ମା' ଥାନା ବା କୋର୍ଟକୁ ଗଲେ ଅଧିକାରୀମାନେ ୧୮ ବର୍ଷ ହୋଇଥିବାରୁ ସେମାନଙ୍କ କଥା ଶୁଣୁନାହାନ୍ତି। ମାତ୍ର କିଛିଦିନ ପରେ ଝିଅମାନେ ବାପ ଘରକୁ ଆସି ବୋଝ ହେଉଛନ୍ତି। ଏଣୁ ଏହାକୁ ଦୃଷ୍ଟିରେ ରଖି ସରକାର ମହିଳାମାନଙ୍କୁ ବିଧାନସଭା ଓ ଲୋକସଭାରେ ସଂରକ୍ଷଣ କଥା ଚିନ୍ତା କରୁଥିବା ବେଳେ ଝିଅମାନଙ୍କ ବିବାହ ବୟସ ୨୧କୁ ପରିବର୍ତ୍ତନ କଲେ ଏବଂ ବିବାହ ସମୟରେ ବାପା ମାଙ୍କର ଆର୍ଶିବାଦ ଏକାନ୍ତ ଜରୁରୀ ବୋଲି ଆଇନ ପ୍ରଣୟନ କଲେ ବହୁ ସୁଧାର ଆସି ପାରିବ ବୋଲି କୁହାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଜାଗୃତ ନାରି ସଙ୍ଗଂନର ସମ୍ପାଦିକା ମମତା ମହାପାତ୍ର,ପ୍ରକାଶିନି ମାଝୀ,ବାସନ୍ତୀ ମିଶ୍ର,ତରୁଲତା ସାହୁ, ମିନି ନାୟକ,ସନ୍ଧ୍ୟାରାଣୀ ମହାପାତ୍ର ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କୁ ଶିକ୍ଷା ସୁରକ୍ଷା ମଞ୍ଚର ଦାବିପତ୍ର



ବାଲେଶ୍ୱର,୪।୫(ସମିସ): ଶିକ୍ଷା ବ୍ୟବସ୍ଥାର ସୁଧାର ଓ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ସରକାରୀ ମାର୍ଗଦର୍ଶିକାର ସଠିକ୍ କାର୍ଯ୍ୟକାରିତା ଦାବିରେ ଶିକ୍ଷା ସୁରକ୍ଷା ମଞ୍ଚର ଏକ ପ୍ରତିନିଧି ଦଳ ଆଜି ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ବିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ମଞ୍ଚର ପ୍ରତିନିଧି ଦଳ ଏହି ସ୍ମାରକପତ୍ର ଦାଖଲ କରିଥିଲେ। ମଞ୍ଚର ପ୍ରମୁଖ ଦାବି ଯଥା ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷକ-ଛାତ୍ର ସଂଖ୍ୟା ମଧ୍ୟରେ ସମତୁଲ ରଖି ପର୍ଯ୍ୟାପ୍ତ ଶିକ୍ଷକ ନିଯୁକ୍ତି ସୁନିଶ୍ଚିତ କରିବା, ସ୍ୱଚ୍ଛ ଓ କାର୍ଯ୍ୟକାରୀ ଟ୍ରାନ୍ସଫର ବ୍ୟବସ୍ଥା କରି ଗୋଟିଏ ସ୍ଥାନରେ ଶିକ୍ଷକଙ୍କ କାର୍ଯ୍ୟକାଳ ୧୦ ବର୍ଷରେ ସୀମିତ କରିବା, ଡିଇଓ ସମସ୍ତ ବିଦ୍ୟାଳୟର ସକ୍ରିୟ ତଦାରଖ କରି ଶିକ୍ଷକଙ୍କ ସହ ନିୟମିତ ଆଲୋଚନା ଓ ସମସ୍ୟା ସମାଧାନ କରିବା, ନିୟମିତ ଓ ଆକସ୍ମିକ ପରିଦର୍ଶନ ମାଧ୍ୟମରେ ବିଦ୍ୟାଳୟର ଶୃଙ୍ଖଳା ଓ ପାଠପଢ଼ା ଉପରେ ତଦାରଖ କରିବା ଆଦି। ସ୍ମାରକପତ୍ରରେ ଏହି ଦାବିଗୁଡ଼ିକୁ ବିଚାର କରି ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ସୃଷ୍ଟି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଏଥିସହିତ ମଞ୍ଚର ପ୍ରତିନିଧି ଦଳ ଜିଲ୍ଲାର ସମସ୍ତ ବିଧାୟକଙ୍କ ସହ ଆଲୋଚନା କରୁଛି। ପୂର୍ବରୁ ସୋର ଓ ଭୋଗରାଇ ବିଧାୟକଙ୍କ ସହ ଆଲୋଚନା ପରେ ଆଜି ସଦର ବିଧାୟକ ମାନସ ଦତ୍ତଙ୍କ ସହ ଆଲୋଚନା ହୋଇଛି। ଶ୍ରୀ ଦତ୍ତ ମଞ୍ଚର ଆଭିମୁଖ୍ୟକୁ ପ୍ରଶଂସା କରି ସମ୍ପୂର୍ଣ୍ଣ ସହଯୋଗର ଆଶ୍ୱାସନା ଦେଇଛନ୍ତି। ଏହି ଆଲୋଚନାରେ ମଞ୍ଚର ଆବାହକ ରଘୁନାଥ ଲେଙ୍କାଙ୍କ ସହ ଦେବାଶିଷ ସିଂହ, ଗୌରାଙ୍ଗ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ପ୍ରଧାନ, ସନ୍ତୋଷ ସାହୁ, ଇକବାଲ ଖାଁ, ମିନତୀ ସେଠୀ, ଆଶ୍ରିତା ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱର ମହିଳା କଲେଜରେ ଜାତୀୟ ସ୍ୱେଚ୍ଛାସେବୀ ସେବା ଶିବିର

ବାଲେଶ୍ୱର,୪।୫(ସମିସ): ବାଲେଶ୍ୱର ଗୋପାଳ ଗାଁ ସ୍ଥିତ ବାଲେଶ୍ୱର ମହିଳା କଲେଜ ପକ୍ଷରୁ ୭ଦିନିଆ ଗ୍ରୀଷ୍ମକାଳୀନ ଜାତୀୟ ସ୍ୱେଚ୍ଛାସେବୀ ସେବା ଶିବିର ଉଦଘାଟିତ ହୋଇଯାଇଛି। କଲେଜ ପରିସରରେ ୨ତାରିଖରୁ ୮ତାରିଖ ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହେବ। ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଏଜୁକେଶନ ବିଭାଗର ପ୍ରଫେସର ତଥା ଜିଲ୍ଲା ନୋଡାଲ ଅଫିସର ଡ. ପ୍ରତିମା ପ୍ରଧାନ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନଙ୍କ ପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମାଜକୁ କେମିତି ସେବା ଦେଇପାରିବେ। ଏନ୍ଏସଏସର ଉଦ୍ଦେଶ୍ୟ ହେଉଛି କର୍ମ ଓ ସେବା। ନିଜ ଅପେକ୍ଷା ସମାଜକୁ କିଛି



ସାହାଯ୍ୟ କରିବା। ଛାତ୍ରୀ ମାନଙ୍କୁ ଏହିଭଳି ଶିକ୍ଷା, ସଂସ୍କାର, ସେବା ଓ କର୍ମକୁ ବ୍ରତ ଭାବେ ଗ୍ରହଣ କରିବାକୁ ଚେଷ୍ଟା କରାଯାଇଛି। ଏହି ଶିବିରରେ ପ୍ରାତଃ କାଳରେ ଛାତ୍ରୀମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଉଛି। ସେହିପରି କଲେଜ ପକ୍ଷରୁ ପୋଷ୍ୟ ଗାଁ ଭାବେ ଗ୍ରହଣ କରାଯାଇଥିବା ଗୋପାଳ ଗାଁ ତଳସାହିକୁ ଯାଇ ମହିଳାମାନଙ୍କୁ ଶିକ୍ଷା ଓ ସ୍ୱଚ୍ଛତା ଉପରେ ସଚେତନ କରାଯାଇଥିଲା। ସେହିପରି ସଫେଇ କାର୍ଯ୍ୟକ୍ରମ ମଧ ହାତକୁ ନିଆଯାଇଥିଲା। ଚନ୍ଦନ ଉତ୍ସବ ଶେଷ ହୋଇଥିବା ବେଳେ ମିର୍ଜା ପୋଖରୀ ପାଖର ଅଳିଆ ଆବର୍ଜନାମୟ ହୋଇଥିଲା। ଛାତ୍ରୀମାନେ ସେ ସବୁ ଆବର୍ଜନାକୁ ସଫେଇ କରିଥିଲେ। ଏହିପରି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ସହ ଅନ୍ୟ ଶିକ୍ଷଣିୟ ବିଷୟବସ୍ତୁ ଉପରେ ଶିକ୍ଷା ଦିଆଯିବ ବୋଲି କଲେଜର ଅଧକ୍ଷ ଡକ୍ଟର ଉମାକାନ୍ତ ନାୟକ ଓ ଏନଏସ ଏସ ପ୍ରୋଗ୍ରାମ ଅଧିକାରିଣୀ ତଥା ଇତିହାସ ବିଭାଗର ଅଧାପିକା ଡ. ପୂଜାରାଣୀ ପରିଡ଼ା କହିଛନ୍ତି। କଲେଜର ପ୍ରଶାସନିକ ଅଧିକାରୀ ଚିତ୍ତରଞ୍ଜନ ସାନ୍ତରା, ପୂର୍ବତନ ଏନଏସଏସ ପ୍ରୋଗ୍ରାମ ଅଧିକାରିଣୀ ରୋକିଆ ଜମାଲ,

**ଭାଗନେଲେ ୫୦ରୁ ଅଧିକ ଛାତ୍ରୀ**

ୱାଇଆରସିର କାଉନସିଲ ମାଯାବତୀ ମଲ୍ଲିକ ଓ ଚମ୍ପାବତୀ କିସ୍କୁ, ରଶ୍ମିରେଖା ସାମନ୍ତରାୟ, ରିୟା ଦାସ, ସୁଶାନ୍ତ କୁମାର ମଣ୍ଡଳ, ପୁରବୀ ପଟ୍ଟନାୟକ, ଡ. ମୋନିକା ଶତପଥୀ, ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ନମିତା ରାଉତ, ରୂପାଲି ଚୌଧୁରୀ, ନିଶିକାନ୍ତ ପଣ୍ଡା, ଏସ୍ କେ ଦୟାନ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଶିବିର ପରିଚାଳନା କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଲେଜର କର୍ମଚାରୀ ପ୍ରେୟସୀ ମହାପାତ୍ର, ରାଧାବଲ୍ଲଭ ଦଳାଇ, ବାସନ୍ତୀ ମାହାର୍ଣ୍ଣା, ସୋମନାଥ କର, ଭାସ୍କର ବାରିକ, ନିରଞ୍ଜନ ବାରିକ, ସ୍ମିତା ଚୌଧୁରୀ, ଲକ୍ଷ୍ମୀ ଦେଇ, ସୁକ ଦେଇ ପ୍ରମୁଖ ସହଯୋଗ କରିଥିଲେ।

## ଦିନ ଦ୍ୱିପ୍ରହରରେ ୨ ଘରୁ ଲୁଟିଲେ ଦୁର୍ବୃତ୍ତ

ସୋର,୪।୫(ସମିସ): ସୋର ଥାନା ମହୁମୁହାଣ ପଞ୍ଚାୟତରେ ଦିନ ଦ୍ୱିପ୍ରହରେ ଦୁଇଟି ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଆଜି ପୂର୍ବାହ୍ନରେ ମହୁମୁହାଣ ଗ୍ରାମର ଉପେନ୍ଦ୍ର ସାହୁଙ୍କ ସ୍ତ୍ରୀ ଅଳକା ସାହୁ ଗ୍ରାମକୁ ଜାଳେଣି କାଠ ଆଣିବାକୁ ଯାଇଥିଲେ। ଏହି ସମୟରେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଘର ମଧ୍ୟରେ ପଶି ଗଡ଼ରେଜ ଚାବି ଭାଙ୍ଗି ସୁନା ଚେନ, କାନଫୁଲ ଏବଂ ସୁନା ମୁଦି ଆଦି ପାଞ୍ଚ ଲକ୍ଷ ଉଦ୍ଧ୍ୱର୍ ଟଙ୍କାର ଗହଣା ଚୋରି କରିନେଇଥିଲେ। ଅଳକା ଘରକୁ ଫେରି ଚୋରି ହୋଇଥିବା ଜାଣିପାରି ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଯୋଡ଼ାମ୍ବ ଗ୍ରାମର ପୁଷ୍ପଲତା ସାହୁ ମଧ୍ୟାହ୍ନରେ ତାଙ୍କର ସମ୍ପର୍କୀୟଙ୍କ ଘରକୁ ଯାଇଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରର ତାଲା ଭାଙ୍ଗି ଘର ମଧ୍ୟରେ ପଶି ସୁନାହାର, ସୁନା କାନଫୁଲ, ମୁଦି ଏବଂ ରୁପା ପାଉଁଜି ଆଦି ପ୍ରାୟ ଦୁଇ ଲକ୍ଷ ପଚାଶ ହଜାର ଟଙ୍କାର ଗହଣା ଚୋରି କରିବା ସହିତ ବାହାଘର ପାଇଁ ଥିବା ନୂଆ ଲୁଗାକୁ ମଧ୍ୟ ଚୋରି କରି ନେଇଛନ୍ତି। ପୁଷ୍ପଲତା ଘଣ୍ଟାଏ ପରେ ଘରେ ପହଞ୍ଚି ଚୋରି ହୋଇଥିବା ଜାଣି ପାରି ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଉଭୟଙ୍କ ଅଭିଯୋଗ ମୂଳେ ପୃଥକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଦିନଦ୍ୱିପ୍ରହରେ ଉଭୟ ସ୍ଥାନରୁ ଚୋରି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଦେଶୀମଦ ଦୋକାନ ବନ୍ଦ ପାଇଁ ଦାବି

ବାଲେଶ୍ୱର,୪।୫(ସମିସ): ସଦର ବ୍ଲକ ଅର୍ନ୍ତଗତ ଖାନନଗର ଗ୍ରାମ ପଞ୍ଚାୟତରେ ବହୁ ପରିବାର ଏବେ ଦେଶୀମଦ କାରବାର କରୁଛନ୍ତି। ଏହାକୁ ବନ୍ଦ କରିବାକୁ ଗ୍ରାମର ମା' ବିସିରୀ ମହିଳା ସଂଘର ସଭ୍ୟାମାନେ ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦାବି ଅନୁସାରେ, ତାଙ୍କ ଗ୍ରାମର ଦୀର୍ଘ ବର୍ଷ ହେବ ବହୁ ପରିବାର ଦେଶୀମଦ ବ୍ୟବସାୟ କରୁଛନ୍ତି। ଏହି ମଦ ଖାଇ ଗ୍ରାମର ହରିଜନ,ଆଦିବାସୀ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଖୁବ୍ କମ ଦିନ ମଧ୍ୟରେ ମୃତ୍ୟୁ ବରଣ କରୁଛନ୍ତି। ଏହାକୁ ଆଖି ଆଗରେ ରଖାଇ ମହିଳା ସଂଘ ପକ୍ଷରୁ ଉକ୍ତ ବେଆଇନ ମଦ କାରବାର ବନ୍ଦ କରିବା ପାଇଁ ସେମାନଙ୍କୁ ବୁଝାସୁଝା କରୁଛନ୍ତି।



ଏପରିକି ଅନେକଙ୍କୁ ଧରି ପୁଲିସରେ ଜିମା ମଧ ଦେଇଛନ୍ତି। ହେଲେ ସେମାନେ ପୂର୍ବଭଳି ବ୍ୟବସାୟ କରୁଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କୁ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ସଂଘର ଜୟନ୍ତୀ ଦଳେଇ, ମମତା ଦଳେଇ, ଅପରାଜିତା ଦଳେଇ, ବାସନ୍ତୀ ଦଳେଇ, କୁମୁଦିନି ଦଳେଇ, ସୀତା ଦଳେଇ, ରେଖା ଦଳେଇ ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

## ପକ୍ଷାଘାତ ପୀଡ଼ିତଙ୍କୁ ସହାୟତା ଦାବି

ବାଲେଶ୍ୱର,୪।୫(ସମିସ): ଜଣେ ବ୍ୟକ୍ତି ୧୨ବର୍ଷ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ଅଛନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବା ବେଳେ ଚିକିତ୍ସା ହୋଇପାରୁନାହିଁ। ତାଙ୍କୁ ସରକାରୀ ସ୍ତରରେ ଆର୍ଥିକ ସହାୟତା ଯୋଗାଇଦେବାକୁ ଆଜି ଚାନ୍ଦିପୁର ଥାନା ଅର୍ନ୍ତଗତ ରଣସାହି ଅଂଚଳର ରଘୁନାଥ ପୁହାଣ ଜିଲ୍ଲାପାଳଙ୍କଠାରେ ଦାବି କରିଛନ୍ତି। ତାଙ୍କ ଦାବି ଅନୁସାରେ, ତାଙ୍କର ଚିକିତ୍ସା ବାବଦରେ ସମସ୍ତ ସମ୍ପତି ବିକ୍ରି କରିଥିବା ବେଳେ



କେବଳ ଘରବାଡ଼ି ଖଣ୍ଡକ ରହିଛି। ଏପରିକି ନିଜର ସ୍ତ୍ରୀଙ୍କର ପରଲୋକ ହୋଇଯାଇଥିବା ବେଳେ ପୁଅ ମଧ ନାହାନ୍ତି। ଏଭଳି ସ୍ଥିତିରେ ନିଜ ଗ୍ରାମବାସୀଙ୍କ ସହଯୋଗରେ ବଂଚିଛନ୍ତି। ହେଲେ ସେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କ ତିନି ଭାଇଙ୍କ ମଧ୍ୟରେ ଜମି ଭାଗବଂଟା ହୋଇଥିଲା। ମାତ୍ର ତାଙ୍କ ମଝିଆ

**ଜମି ଛଡ଼ାଇ ନେଇଛନ୍ତି ଭାଇ**

ଭାଇଙ୍କ ପୁଅ ତାଙ୍କ ଅଂଶକୁ ଜୋରଜବରଦସ୍ତ ଅକ୍ତିଆର କରିଥିବା ବେଳେ ସେଠାରେ ଜାଲ ଘେରାଇ ଦେଇଛନ୍ତି। ଏନେଇ ପୂର୍ବରୁ ସେ ସରକାରୀ ସ୍ତରରେ ଜଣାଇଥିଲେ ସୁଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଣୁ ତାଙ୍କ ସମ୍ପତିକୁ ସୁରକ୍ଷା ପ୍ରଦାନ କରିବା ସହ ତାଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଦାବି କରିଛନ୍ତି।

## କୃଷକ ପ୍ରଶିକ୍ଷଣ ଶିବିର ଓ କ୍ଷେତ୍ର ପରିଦର୍ଶନ

ଚନ୍ଦନେଶ୍ୱର,୪।୫(ସମିସ): ଭୋଗରାଇ ବ୍ଲକ୍ ଦେଉଳା ପଞ୍ଚାୟତ ଅନ୍ତର୍ଗତ ସେହି ଗ୍ରାମର ଧାନକ୍ଷେତରେ ରାଶୀ ସିଡ୍ସ ପ୍ରାଇଭେଟ୍ କମ୍ପାନୀ ପକ୍ଷରୁ ଏକ ବ୍ୟାପକ




କୃଷକ ପ୍ରଶିକ୍ଷଣ ଶିବିର ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଶୀ ସିଡସ କମ୍ପାନୀର ସେଲସ ମ୍ୟାନେଜର ଅଗ୍ରାଜ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକମାନଙ୍କୁ ଧାନର ବିଭିନ୍ନ ଉନ୍ନତ କିସମ ବିହନ ସମ୍ପର୍କରେ ଅଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ପରିଚାଳକ ରାଜୀବ ଦାସ ମଧ୍ୟ ଉପସ୍ଥିତ ହୋଇ କୃଷକମାନଙ୍କୁ ରାଶୀ ସିଡସ କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଉଥିବା ଉନ୍ନତମାନର ବିହନ ବିଷୟରେ ଜଣାଇଥିଲେ ଓ ଏହା ବ୍ୟବହାର କରି କୃଷକମାନେ କିପରି ଅଧିକ ଲାଭବାନ ହେବେ ଆଲୋଚନା କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ କୃଷକମାନଙ୍କୁ ଧାନ ଚାଷର ନୂତନ ପଦ୍ଧତି, ଚାରା ରୋପଣ, ସାର ପ୍ରୟୋଗ ଓ ଜଳ ବ୍ୟବସ୍ଥାପନା ବିଷୟରେ କହିଥିଲେ। ଏହା ଫଳରେ କୃଷକମାନେ ତାଲିମକୁ ଭଲଭାବେ ବୁଝିପାରିଥିଲେ ଓ ତାହାକୁ ନିଜ କ୍ଷେତ୍ରରେ ପ୍ରୟୋଗ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଶେଷରେ ନିମାଇଁ ଚନ୍ଦ୍ର ତୋଳା ଧନ୍ୟବାଦ ଜ୍ଞାପନ କରି ସମସ୍ତ ଅତିଥି ଓ ଉପସ୍ଥିତ କୃଷକମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ବାବା ଚନ୍ଦନେଶ୍ୱର ସିଡସର ମୁଖ୍ୟ ସତ୍ୟ କୁମାର ସାମଲ, ସପନ ଦାସ, ସୁବ୍ରତ ପାତ୍ର ଓ ଅଜୟ ମହାନ୍ତି ପରିଚାଳନା କରିଥିଲେ। ପ୍ରଶିକ୍ଷଣ ଶିବିରରେ ଜୟନ୍ତ ପାଳ, ଧୀରେନ୍ଦ୍ର ପାଳ, ବିଜୟ ପାଳ ସହିତ ୧୦୦ ରୁ ଅଧିକ କୃଷକ ଉପସ୍ଥିତ ଥିଲେ।

## ଟ୍ରେନ୍‌ରେ ଛାଡ଼ି ଯାଇଥିବା ମୋବାଇଲ୍ ଫେରାଇଲା ଆର୍‌ପିଏଫ୍

ବାଲେଶ୍ୱର,୪।୫(ସମିସ): ଜଣେ ଯାତ୍ରୀ ଟ୍ରେନ୍‌ରେ ଛାଡ଼ି ଯାଇଥିବା ଏକ ମୋବାଇଲ୍ ଫୋନ୍‌କୁ ଉଦ୍ଧାର କରି ଫେରାଇଛି ବାଲେଶ୍ୱର ଆରପିଏଫ୍। ଗତକାଲି ମଧ୍ୟାହ୍ନ ପ୍ରାୟ ୧୨ଟାରେ ଜଣେ ଯାତ୍ରୀ ଅନଲାଇନ୍ ପୋର୍ଟାଲରୁ ବାଲେଶ୍ୱର ଆରପିଏଫ୍ ଆଇଆଇସିଙ୍କ ନମ୍ବର ସଂଗ୍ରହ କରି ହ୍ୱାଟ୍ସଆପ୍ ଜରିଆରେ ସହାୟତା ମାଗିଥିଲେ। ଯାତ୍ରୀ ଜଣକ ୧୨୮୨୧ ଅପ୍ (ହାଓଡା-ପୁରୀ-ଧଉଳି ଏକ୍ସପ୍ରେସ) ଟ୍ରେନ୍‌ର ସି-୨ (ସି-୨) କୋଚ୍‌ରେ ହାଓଡ଼ାରୁ ଜଳେଶ୍ୱର ଯାତ୍ରାବେଳେ ଦାମୀ ମୋବାଇଲ୍‌ଟିକୁ ସିଟ୍ ଉପରେ ଛାଡ଼ି ଚାଲିଆସିଥିଲେ। ଖବର



ପାଇବା ମାତ୍ରେ ବାଲେଶ୍ୱର ଆରପିଏଫ୍ ସିଫ୍ଟ ଅଫିସର ଏସ୍ କେ ସିଂ ଏବଂ 'ମାଇଁ ସହେଲୀ' କର୍ମଚାରୀ ଜି. କେ. ଭେନି ତୁରନ୍ତ ସତର୍କ ହୋଇଥିଲେ। ଟ୍ରେନ୍‌ଟି ବାଲେଶ୍ୱର ଷ୍ଟେସନର ୨ ନମ୍ବର ପ୍ଲାଟଫର୍ମରେ ପହଞ୍ଚିବା ପରେ ଆରପିଏଫ୍ ଟିମ୍ ଉକ୍ତ କୋଚ୍‌କୁ ଯାଇ ଯାଞ୍ଚ କରିବା ସହ ସହଯାତ୍ରୀଙ୍କ ସହାୟତାରେ ମୋବାଇଲ୍‌ଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଏହାପରେ ମୋବାଇଲ୍‌ର ପ୍ରକୃତ ମାଲିକ ତପନ କୁମାର ଜେନା ଅପରାହ୍ନ ପ୍ରାୟ ୪ଟାରେ ଆରପିଏଫ୍ ପୋଷ୍ଟରେ ପହଞ୍ଚି ଆବଶ୍ୟକୀୟ ପ୍ରମାଣ ଦେବାପରେ ଫୋନ୍‌ଟିକୁ ତାଙ୍କୁ ହସ୍ତାନ୍ତର କରାଯାଇଛି।

## ଦଳଗହିରା ଗ୍ରାମରେ ହରିହାଟ ଉଦ୍‌ଯାପିତ

ବାଲେଶ୍ୱର,୪।୫(ସମିସ): ରେମୁଣା ବ୍ଲକ ଅର୍ନ୍ତଗତ ଦଳଗହିରା ଗ୍ରାମର ହରିହାଟ ପଡ଼ିଆରେ ଅନୁଷ୍ଠିତ ହେଉଥିବା ୧୦ଦିନ ବ୍ୟାପି ହରିହାଟ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଭକ୍ତ, ଶ୍ରଦ୍ଧାଳୁ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଦଧିଭଙ୍ଗା ଶୋଭାଯାତ୍ରାରେ ଭକ୍ତମାନେ ଯୋଗଦେଇଥିଲେ। ଏହି ହରିହାଟ ଉତ୍ସବରେ ପ୍ରତ୍ୟେକ ଦିନ ନାମଯଜ୍ଞ ସହ ହରିଙ୍କ କଥା ,ହରିବଂଶ ପଠନ ସାଙ୍ଗକୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଥିଲା। ଉତ୍ସବର ଶେଷ ଦିବରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ପ୍ରଦାନ କରାଯାଇଥିଲା।

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୯ରେ

ବାଲେଶ୍ୱର,୪।୫(ସମିସ): ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୯ ତାରିଖ ଶନିବାର ଜିଲ୍ଲା ଅଦାଲତ ପରିସର, ବାଲେଶ୍ୱର, ତାଲୁକ ଆଇନସେବା ସମିତି ଜଳେଶ୍ୱର, ନୀଳଗିରି, ସୋରୋ, ବସ୍ତା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଔପଦା ଓ ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇରେ ଅନୁଷ୍ଠିତ ହେବ। ପ୍ରକାଶ ଥାଉକି, ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରଧୀନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଓ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯିବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ତରଫରୁ ଅନୁରୋଧ କରାଯାଇଛି।

## 'ସବୁ କାମକୁ ସମ୍ମାନ ଅଭିଯାନ' ଆରମ୍ଭ

# ସମ୍ବର୍ଦ୍ଧିତ ହେଲେ ଚବିଶ ଶ୍ରମଜୀବୀ

ବାଲେଶ୍ୱର,୪।୫(ସମିସ)

ସମାଜ ନିର୍ମାଣକାରୀମାନଙ୍କୁ ଖୋଜି ଖୋଜି ସମ୍ମାନିତ ଓ ସମ୍ବର୍ଦ୍ଧିତ କରିବାର ଅଭିନବ ଚିନ୍ତାଧାରା ନେଇ ସାମାଜିକ ସଂଗଠନ 'ମାନବ ଅଧିକାର ସୁରକ୍ଷା ସଂସଦ' ବା 'ମାସ' ପକ୍ଷରୁ ସ୍ଥାନୀୟ ଷ୍ଟେସନ କ୍ଲବ ସଭାଗୃହରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ସଂଗଠନ ସଭାପତି ଅଭୟ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବାଲେଶ୍ୱର ଜିଲ୍ଲା ପରିଷଦର ସଭାପତି ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ବ୍ୟବସାୟୀ ତଥା ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ଉପାଧ୍ୟକ୍ଷ ଭଗବାନ ଦାସ ଖଣ୍ଡେଲୱାଲ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସମାଜରେ ପ୍ରକୃତ ଶ୍ରମଜୀବୀ ତଥା ନିର୍ମାତାମାନଙ୍କୁ ଯଥାର୍ଥ ସମ୍ମାନ ମିଳିବ ଉଚିତ ବୋଲି ମତବ୍ୟକ୍ତ




କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ମାସର ସମ୍ପାଦକ ଦେବାଶିଷ ପଣ୍ଡା,କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ, ବରିଷ୍ଠ ସଦସ୍ୟବୃନ୍ଦ ବିଜୟୀ ଦାସ ଅଧିକାରୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆତ୍ତବେଶ ମିଶ୍ର, ପ୍ରତିମା ପଣ୍ଡା, ସିଦ୍ଧେଶ୍ୱର ବିନ୍ଧାଣୀ, ଅର୍ଚ୍ଚନା ନନ୍ଦୀ, ଆଡ଼ଭୋକେଟ ଜ୍ଞାନ ରଞ୍ଜନ ମିଶ୍ର, ମାଧବାନନ୍ଦ ବେହେରା, ଆଶ୍ରିତ ତରାଇ, ବିଜୟ ଆଚାର୍ଯ୍ୟ, ପ୍ରଶାନ୍ତ ଦାସ ପ୍ରମୁଖ ଏହି ଦିବସ ଓ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ହରିପଦା ଭୂୟାଁ, ମଞ୍ଜୁଲତା ବଳ, ପ୍ରଦ୍ୟୁମ୍ନ ନାୟକ, ତରୁପ୍ରଭା ଦାସ, ମୀନତି ସେଠୀ, ଚିତ୍ତ ରଞ୍ଜନ ଦାସ, ଗୁରୁଦତ୍ତ ମିଶ୍ର, ବିଦ୍ୟାଧର ନାୟକ, ଦେବାଶିଷ ସିଂହ, ପ୍ରବୀର କମିଳା, ଲଳିତ ମୋହନ ଦାସ, ସୁଚିସ୍ମିତା କର ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନାରେ ସହଯୋଗ କରିଥିଲେ। ଏଥିରେ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ ରଶ୍ମିତା ପ୍ରାମାଣିକ। କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିଲେ ସ୍ୱଚ୍ଛତା କର୍ମଚାରୀ ଦମୟନ୍ତୀ ମାଝୀ, ସଫେଇ କର୍ମୀ ବୃନ୍ଦାବନ ବେହେରା, ଘରୋଇ ସ୍ୱାସ୍ଥ୍ୟ ସେବିକା ରଙ୍ଗଲତା ମହାଲିକ, ସମ୍ବାଦପତ୍ର ବିକ୍ରେତା ଶ୍ରୀକାନ୍ତ କୁଅଁର, କଥା ମିସ୍ତ୍ରୀ ହରେକୃଷ୍ଣ ରାଣ, ବାଇକ ମେକାନିକ ତପନ ସାହୁ, ଚାହା ପାନୀୟ ପରିବେଷଣକାରୀ ଡମ୍ବରୁଧର ସାହୁ, ମନୋହାରୀ ପାନଦୋକାନୀ ନରେନ୍ଦ୍ର ବେହେରା, ଚର୍ମକକାର ଡି ଚିନ୍ନାରାଓ, ପରିବା ବ୍ୟବସାୟୀ ଜୟକୃଷ୍ଣ ସାହୁ, ଆଦିବାସୀ ଶ୍ରମଜୀବୀ କବିତା ସିଂ, ରିକ୍ସା ଚାଳକ ଅନାମ ପୋଥାଳ, ଠେଲାରିକ୍ସା ଚାଳକ ଆନନ୍ଦ ମହାଲିକ, ଅଟୋଚାଳକ ରାମଚନ୍ଦ୍ର ମାଝୀ, ରାଜମିସ୍ତ୍ରୀ ଗଗନ ପାତ୍ର, ବିଦ୍ୟୁତ ସହାୟକ ପ୍ରଦୀପ ବେହେରା, ପଥପାଶ୍ୱର୍ ଜଳଖିଆ ଦୋକାନୀ ଦମ୍ପତି ପର୍ଶୁରାମ ସାହୁ ଓ ଶକୁନ୍ତଳା ସାହୁ, ଶ୍ରମଜୀବୀ ଦମ୍ପତି ଶ୍ରୀଧର ଦାସ ଓ ସୁମତି ଦାସ,ରଜକ ଅରୁଣ ସେଠି, ଭଣ୍ଡାରୀ ଚକ୍ରଧର ବାରିକ, ସାଇକେଲ ମରାମତି ସହାୟକ ସେକ ରାମଜାନୀ ଏବଂ ଟେଲର ମାଷ୍ଟ୍ର ସେକ ମୋଇନ ପ୍ରମୁଖ।

# ସମ୍ପାଦକୀୟ



ପରିଶେଷରେ ଶତ୍ରୁର ଶବ୍ଦ ନୁହେଁ, ମିତ୍ରର ନିରବତା ହିଁ ମନେ ରହିବ।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

ସକାଳ
THE SAKALA

## ପାଞ୍ଚ ରାଜ୍ୟରୁ ପାଞ୍ଚ ସନ୍ଦେଶ

ବହୁ ପ୍ରତୀକ୍ଷିତ ପାଞ୍ଚରାଜ୍ୟର ନିର୍ବାଚନ ଫଳାଫଳ କ୍ରମଶଃ ସ୍ପଷ୍ଟ ହୋଇଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଶାସିତ ରାଜ୍ୟ ଆସାମ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ, ସିପିଆଇ(ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ୍ ଶାସିତ କେରଳ ଓ ଡିଏମ୍‌କେ ଶାସିତ ତାମିଲନାଡୁରେ କ୍ଷମତା ପରିବର୍ତ୍ତନର ସେଭଳି କୌଣସି ସ୍ପଷ୍ଟ ସଙ୍କେତ ନଥିଲେ ମଧ୍ୟ ଟିଏମ୍‌ସି ଶାସିତ ପଶ୍ଚିମବଙ୍ଗ ଉପରେ ସମଗ୍ର ଦେଶ ଏପରିକି ବିଶ୍ୱର ଦୃଷ୍ଟି ଥିଲା। ପଶ୍ଚିମବଙ୍ଗରେ ବିଜେପି ତା'ର ବହୁ ଆକାଂକ୍ଷିତ ବିଜୟ ହାସଲ କରିବା ସହିତ 'ପୂର୍ବଭାରତ ଅଭିଯାନ'କୁ ପ୍ରାୟତଃ ଶତପ୍ରତିଶତ ସଫଳ କରିପାରିଛି। ଏଥିସହିତ ଦୀର୍ଘ ୧୫ ବର୍ଷ ଧରି ସେଠାରେ ଚାଲିଥିବା ମମତା ବାନାର୍ଜୀ(ଦିଦି)ଙ୍କ ଆଧିପତ୍ୟ ଭାଙ୍ଗିଛି। ଆସାମ୍ ଓ ପୁଡୁଚେରୀରେ ଏନ୍‌ଡିଏ ଶାସନ କ୍ଷମତା ବଜାୟ ରଖିଛି। ସବୁଠାରୁ ଚମକ୍‌ପ୍ରଦ ଓ ଅପ୍ରତ୍ୟାଶିତ ଫଳାଫଳ ମିଳିଛି ତାମିଲନାଡୁରୁ। ତାମିଲ୍ ସିନେ ତାରକା ଥାଲାପତି ବିଜୟଙ୍କ ଟିଭିକେ ପ୍ରଥମ ପଦାର୍ପଣରେ ତାମିଲ୍‌ନାଡୁରେ ସରକାର ଗଢ଼ିବାକୁ ଯାଉଥିବା ବେଳେ ସୁପରଷ୍ଟାର ବିଜୟ ରୂପରେ ଜଣେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ପାଇଛି। ସେହିଭଳି କେରଳରେ ପି ବିଜୟନ୍‌ଙ୍କ ପରାଜୟ ମଧ୍ୟ ରାଜନୀତି ବିଶାରଦମାନଙ୍କୁ ଅଧିକ ବିଚାରବିମର୍ଶ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି। ଟିଭିକେ ତାମିଲ୍‌ନାଡୁରେ ଦ୍ୱିତୀୟ ସର୍ବବୃହତ୍ ଦଳ ଭାବେ ଉଭା ହେବ ବୋଲି ଏକ୍‌ଜିଟ୍ ପୁଲ୍‌ରେ ଆକଳନ କରାଯାଇଥିବା ବେଳେ ସେହି ଦଳ ଏବେ ସେଠାରେ ସରକାର ଗଢ଼ିବାକୁ ଯାଉଛି। କେବଳ ଏହି ବ୍ୟତିକ୍ରମକୁ ବାଦ୍ ଦେଲେ ଏକ୍‌ଜିଟ୍ ପୁଲ୍ ବା ବୁଥ୍‌ବାହୁଡ଼ା ମତ ଆକଳନ ମଧ୍ୟ ଏଥର ପ୍ରାୟତଃ ସତ ପ୍ରମାଣିତ ହୋଇଛି।

ସାମଗ୍ରିକ ଭାବେ ପାଞ୍ଚଟି ରାଜ୍ୟର ବିଧାନସଭା ଫଳାଫଳକୁ ତର୍ଜମା କଲେ ପାଞ୍ଚଟି ସନ୍ଦେଶ ମିଳୁଛି। ପ୍ରଥମତଃ, ବାଡ଼ ଯଦି କ୍ଷେତ ଖାଏ ତେବେ ରକ୍ଷା କରିବ କିଏ? ପଶ୍ଚିମବଙ୍ଗରେ ଟିଏମ୍‌ସି ଓ ବିଜେପି ମଧ୍ୟରେ ନୁହେଁ, ବରଂ ମମତା ବାନାର୍ଜୀ ଓ କେନ୍ଦ୍ର ସରକାରଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା, ଯେଉଁଥିରେ ସରକାରୀ ସେନାର ସେନାପତି ଥିଲେ ନିର୍ବାଚନ ଆୟୋଗ। ସାମ-ଦାମ-ଦଣ୍ଡ-ଭେଦ ନୀତିରେ କିଭଳି ନିର୍ବାଚନ ରଣାଙ୍ଗନରେ ପରାଜିତ ସ୍ଥିତିକୁ ବିଜୟରେ ପରିବର୍ତ୍ତନ କରାଯାଇପାରେ ତାହା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସଦ୍ୟତମ ଉଦାହରଣ ସୃଷ୍ଟି କରିଛି। ଏ ସମ୍ପର୍କରେ ଏହି ସ୍ତମ୍ଭରେ ପରବର୍ତ୍ତୀ ସମୟରେ ବିସ୍ତୃତ ଭାବେ ଆଲୋଚନା କରାଯିବ।

ଦ୍ୱିତୀୟତଃ, ଭୋଟର ପରିବର୍ତ୍ତନ ଚାହିଁଛନ୍ତି। ଆସାମ ଓ ପୁଡୁଚେରି ଭଳି ଯେଉଁଠି ବିରୋଧୀ ଦଳର ଉପସ୍ଥିତି ନାମକୁମାତ୍ର ରହିଯାଇଛି ବା ଦୃଢ଼ ବିକଳ୍ପ ନାହିଁ ସେଠାରେ ଜନମତ ଶାସକ ଦଳ ସପକ୍ଷରେ ଯାଇଛି। କିନ୍ତୁ ଯେଉଁଠି ବିକଳ୍ପର ସାମାନ୍ୟତମ ଝଲକ ଦେଖିବାକୁ ମିଳିଛି ସେଠାରେ ଭୋଟର ବିକଳ୍ପକୁ ଅଧିକ ପସନ୍ଦ କରିଛନ୍ତି। ଏହି କାରଣରୁ ବାମପନ୍ଥୀର ମାଟି ବା ଗଡ଼ ଏବଂ 'ମା' ମାଟି ମାନୁଷ୍'ର କଥା କହୁଥିବା ପଶ୍ଚିମବଙ୍ଗରେ ଦକ୍ଷିଣପନ୍ଥୀ ଆଦର୍ଶର ଉଦ୍ଭବ ଘଟିଛି। ସେହିପରି ଭୋଟର ସପକ୍ଷ ବା ଜନମଙ୍ଗଳ କାର୍ଯ୍ୟକ୍ରମ ସତ୍ତ୍ୱେ ପି ବିଜୟନ୍‌ଙ୍କୁ କେରଳରେ ଭୋଟରମାନେ ପ୍ରତ୍ୟାଖ୍ୟାନ କରି ଦୃଢ଼ ବିକଳ୍ପ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌କୁ ସୁଯୋଗ ଦେଇଛନ୍ତି। 'ବିକଳ୍ପକୁ ମୋହର'ର ସବୁଠାରୁ ବଡ଼ ଉଦାହରଣ ହୋଇଛି ତାମିଲ୍‌ନାଡୁ। ସେଠାକାର ଭୋଟର ପାରମ୍ପରିକ ଦ୍ରାବିଡ଼ଆଦର୍ଶଭିତ୍ତିକ ରାଜନୈତିକ ଦଳ ଡିଏମ୍‌କେ, ଏଆଇଡିଏମ୍‌କେରୁ ମୁହଁ ଫେରାଇ ରାଜନୀତିରେ ଆଦୌ ଅଭିଜ୍ଞତା ନଥିବା ସିନେତାରକା ବିଜୟଙ୍କୁ ସେମାନଙ୍କ ମୁଖ୍ୟମନ୍ତ୍ରୀ ରୂପେ ବାଛିଛନ୍ତି। ସେଠାରେ ଷ୍ଟାରକ୍ରେଜ୍ ବା ତାରକାଙ୍କ ପାଇଁ ପାଗଳାମୀ କେତେ ଉଗ୍ର ହୋଇପାରେ ତାହା ଏମ୍ ଜି ରାମଚନ୍ଦ୍ରନ୍‌ଙ୍କ ପରେ ପୁଣି ଥରେ ଦେଖିବାକୁ ମିଳିଛି।

ତୃତୀୟତଃ, କୌଣସି ଫ୍ରିବିଜ୍ ବା ମାଗଣା ଯୋଜନା ପ୍ରତି ଭୋଟର ଆଉ ଆକର୍ଷିତ ହେବା ସ୍ଥିତିରେ ନାହାନ୍ତି ତାହା ବିଶେଷକରି ପଶ୍ଚିମବଙ୍ଗ ଓ ତାମିଲ୍‌ନାଡୁ ବିଧାନସଭା ନିର୍ବାଚନ ଫଳାଫଳ ପ୍ରମାଣିତ କରିଛି। ଲୋକକଲ୍ୟାଣକାରୀ ଯୋଜନା ଓ ମାଗଣା ଯୋଜନାର ଜନ୍ମଭୂମି କୁହାଯାଉଥିବା ତାମିଲ୍‌ନାଡୁରେ ଏଭଳି କୌଣସି ବର୍ଗ ବା କ୍ଷେତ୍ର ନଥିଲା, ଯାହା ଡିଏମ୍‌କେ ସରକାର ତଥା ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍‌ଙ୍କ କୃପାଦୃଷ୍ଟିରୁ ବାଦ୍ ପଡ଼ିଥିଲା। ତଥାପି ଡିଏମ୍‌କେକୁ ଭୋଟର ପ୍ରତ୍ୟାଖ୍ୟାନ କରି ନୂଆ ନେତୃତ୍ୱକୁ ସୁଯୋଗ ଦେଲେ। ସେହିଭଳି ବିଜେପିର ନିର୍ବାଚନ ପ୍ରତିଶ୍ରୁତି ତୁଳନାରେ ଟିଏମ୍‌ସିର କଲ୍ୟାଣମୁଖୀ ଯୋଜନା ଅଧିକ ପ୍ରଭାବଶାଳୀ ଓ ଲୋକପ୍ରିୟ ଥିଲା। ଅଥଚ ମମତାଙ୍କୁ ବୃହତ୍ତର ଭୋଟର ଗୋଷ୍ଠୀ ବିଶେଷକରି ମହିଳାମାନେ ପ୍ରତ୍ୟାଖ୍ୟାନ କଲେ।

ଚତୁର୍ଥତଃ, କୌଣସି ରାଜନୈତିକ ଦଳ ଯେତେ ଶକ୍ତିଶାଳୀ ଓ ତୃଣମୂଳସ୍ତରରେ ଦୃଢ଼ ହେଉ ନା କାହିଁକି ଆଭ୍ୟନ୍ତରୀଣ ନେତୃତ୍ୱ କନ୍ଦଳ ତାହାକୁ ଫମ୍ପା କରିଦିଏ। କେରଳରେ ସିପିଆଇ(ଏମ୍)ରେ ତିନି ବରିଷ୍ଠ ନେତାଙ୍କ ଆଭ୍ୟନ୍ତରୀଣ ବିଦ୍ରୋହ, ଦୁର୍ନୀତି ଓ ପ୍ରିୟାପ୍ରୀତି ଅଭିଯୋଗ ପି ବିଜୟନଙ୍କ ବହୁମୁଖୀ ବିକାଶମୂଳକ ଯୋଜନାକୁ ଫିକା କରିଦେଲା। ସେହିପରି ହାଇକମାଣ୍ଡଙ୍କ ବିପକ୍ଷରେ ଆସାମ୍ କଂଗ୍ରେସ ସଭାପତିଙ୍କ ବିଦ୍ରୋହ ଓ ସମର୍ଥକଙ୍କ ସହିତ ଦଳତ୍ୟାଗ ଯୋଗୁଁ ସେଠାରେ ଏନ୍‌ଡିଏ ଏକପ୍ରକାର ବିରୋଧୀ ବିହୀନ ହୋଇପଡ଼ିଲା ଏବଂ ବିଜୟକୁ ସୁନିଶ୍ଚିତ କରିନେଲା।

ପଞ୍ଚମତଃ, ଭାରତୀୟ ଗଣତନ୍ତ୍ରରେ ଆଞ୍ଚଳିକ ଦଳମାନଙ୍କର ଆଧିପତ୍ୟ ଏବଂ ଦେଶର ନୀତି ନିର୍ଦ୍ଧାରଣରେ ଅଂଶଗ୍ରହଣର ଯୁଗ କ୍ରମଶଃ ଲୋପ ପାଉଛି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ପରାଜୟ ସହିତ ଏହି ସଙ୍କେତ ଆହୁରି ଅଧିକ ସ୍ପଷ୍ଟ ହୋଇ ଭାରତୀୟ ଗଣତନ୍ତ୍ରରେ ଏକ ନୂଆ ସମୀକରଣ ଲେଖିଦେଇଛି। ୨୦୨୪ ନିର୍ବାଚନରେ ତେଲଙ୍ଗାନାରେ ବିଆରଏସ୍ ଏବଂ ଓଡ଼ିଶାରେ ବିଜେଡିର କ୍ଷମତାରୁ ଅପସାରଣ ସହିତ ଆରମ୍ଭ ହୋଇଥିବା ଏହି ଧାରା ଏବେ ପଶ୍ଚିମବଙ୍ଗରେ ପାଦ ଥାପିଛି। ଦେଶରେ ପ୍ରଥମ ଥର ପାଇଁ ସିପିଆଇ(ଏମ୍) ମଧ୍ୟ ଶାସନ କ୍ଷମତାରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛି। କେବଳ ଜାତୀୟ ଦଳର ଶାସନ ବହୁଦଳୀୟ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ କେତେ ଶୁଭଙ୍କର ତାହା ସମୟ କହିବ। ●

## ବ୍ୟବସ୍ଥାର ବ୍ୟତିକ୍ରମ

ଶ୍ରୀବତ୍ସ ନାୟକ

ଭାରତୀୟ ଗଣତନ୍ତ୍ରରେ 'ବ୍ୟବସ୍ଥା' ଶବ୍ଦଟି ଯେତିକି ଗମ୍ଭୀର, ଏହାର କାର୍ଯ୍ୟକାରିତା ସେତିକି ବିଚିତ୍ର। ସମ୍ବିଧାନରେ ସମସ୍ତେ ସମାନ ବୋଲି କୁହାଯାଉଥିଲେ ମଧ୍ୟ ବାସ୍ତବରେ ବ୍ୟବସ୍ଥା ଏକ ଅଦୃଶ୍ୟ ବିଭାଜନ ରେଖା ଦ୍ୱାରା ପରିଚାଳିତ। ଗୋଟିଏ ପଟେ ଦେଶର କୋଟି କୋଟି ଟଙ୍କା ଲୁଟି ନେଇ ବଡ଼ବଡ଼ିଆମାନେ ବିଦେଶରେ ସୁରକ୍ଷିତ ଆଶ୍ରୟ ନେଉଥିବା ବେଳେ ଅନ୍ୟପଟେ ସେହି ଦେଶର ଜଣେ ସାଧାରଣ ନାଗରିକକୁ ନିଜର ହକ୍ ପାଇଁ ନିଜ ପ୍ରିୟଜନର ଶବକୁ କାନ୍ଧରେ ବୋହି ବ୍ୟାଙ୍କ ଦୁଆରକୁ ଯିବାକୁ ପଡୁଛି। ଏହା କେବଳ ଏକ ଘଟଣା ନୁହେଁ, ବରଂ ଆମ ସାମାଜିକ ଓ ପ୍ରଶାସନିକ ବ୍ୟବସ୍ଥାର ଚରମ ବିଫଳତା। ନିକଟରେ ସେଭଳି ଏକ ସମ୍ବେଦନଶୀଳ ଘଟଣା, ଯାହା ସରକାରଙ୍କର ବ୍ୟବସ୍ଥାଗତ ତ୍ରୁଟିକୁ ପଦାରେ ପକାଇବା ସହିତ ବିଶ୍ୱ ଦରବାରରେ ଓଡ଼ିଶାକୁ ନିନ୍ଦିତ କରିଛି। କେନ୍ଦୁଝର ଜିଲ୍ଲାର ଜିତୁ ମୁଣ୍ଡା ନିଜ ଦିବଂଗତ ଭଉଣୀର ବ୍ୟାଙ୍କ ଆକାଉଣ୍ଟରେ ଥିବା ଜମା ରାଶିକୁ ଉଠାଇବା ପାଇଁ ମୃତ୍ୟୁର ପ୍ରମାଣ ସ୍ୱରୂପ ଭଉଣୀର କଙ୍କାଳକୁ ଧରି ବ୍ୟାଙ୍କରେ ପହଞ୍ଚି ଅର୍ଥ ରାଶି ଦାବି କରିଛନ୍ତି। ଏହି ଚାଞ୍ଚଲ୍ୟକର ଖବର ପ୍ରସାରିତ ହେବାପରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କର୍ମଚାରୀମାନେ ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚି ଜମା ରାଶି ପ୍ରଦାନ କରିବାପରେ ଘଟଣାର ପରିସମାପ୍ତି ଘଟିଛି ସତ, କିନ୍ତୁ ବ୍ୟାଙ୍କିଙ୍ଗ ନିୟମାବଳୀକୁ ଏବଂ ସାଧାରଣ ମଣିଷ ମଧ୍ୟରେ ସରକାରଙ୍କର ବ୍ୟବସ୍ଥାଗତ ଭୂମିକାକୁ ନେଇ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଆମର ବ୍ୟାଙ୍କିଙ୍ଗ ବ୍ୟବସ୍ଥାଟି ସରକାରଙ୍କର ସ୍ୱୟଂଶାସିତ ଅନୁଷ୍ଠାନ ରିଜର୍ଭ ବ୍ୟାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥାଏ। ତେଣୁ ବ୍ୟାଙ୍କ କର୍ମଚାରୀମାନେ ବ୍ୟାଙ୍କର ନିୟମାବଳୀକୁ ଆଧାର କରି କାର୍ଯ୍ୟ କରିବା ସ୍ୱାଭାବିକ୍। ବର୍ତ୍ତମାନ ଅଧିକାଂଶ ସରକାରୀ ଯୋଜନା ବ୍ୟାଙ୍କ ଦ୍ୱାରା ଅନୁବନ୍ଧିତ ଏବଂ ଏହିସବୁ ଯୋଜନାର ହିତାଧିକାରୀମାନେ ବ୍ୟାଙ୍କ ମାଧ୍ୟମରେ ଯୋଜନାର ସୁଫଳ ପ୍ରାପ୍ତି ହୋଇଥା'ନ୍ତି। କିନ୍ତୁ ଅଧିକାଂଶ ହିତାଧିକାରୀ, ବିଶେଷକରି ନିରକ୍ଷର ଓ ଅଳ୍ପଶିକ୍ଷିତମାନେ, ବ୍ୟାଙ୍କିଙ୍ଗ ନିୟମ ବିଷୟରେ ସେତେଟା ଅବଗତ ନୁହନ୍ତି। ଏହି କାରଣରୁ ଅଶିକ୍ଷିତ ଜିତୁ ମୁଣ୍ଡା ଶେଷରେ ମୃତ୍ୟୁର ପ୍ରମାଣପତ୍ର ସ୍ୱରୂପ ଶବ ଧରି ବ୍ୟାଙ୍କର ଦ୍ୱାରସ୍ଥ ହୋଇଥିଲା। ଏହି ବ୍ୟତିକ୍ରମ ପଛରେ ରହିଛି ଆମର ବ୍ୟବସ୍ଥାଗତ ଜଟିଳତା। ନୀତି ନିୟମ ରହୁ; କିନ୍ତୁ ନିୟମର ଦ୍ୱାହି ଦେଇ ବ୍ୟାଙ୍କ କର୍ମଚାରୀମାନେ ସାଧାରଣ ଲୋକଙ୍କୁ ହଇରାଣ ହରକତ ନକରିବା ଉଚିତ୍।

ସାଧାରଣ ମଣିଷଟିଏ ନିଜର ପରିଶ୍ରମ ପ୍ରତିବଦଳରେ ମିଳୁଥିବା ଅର୍ଥକୁ ବ୍ୟାଙ୍କରେ ସଞ୍ଚୟ କରିଥାଏ। ଦୁର୍ଭାଗ୍ୟର ବିଷୟ, ସେହି ଟଙ୍କା ଟିକକ ପାଇଁ ଜଣେ ଭାଇକୁ ନିଜ ଭଉଣୀର ଗଳିତ ଶବକୁ କାନ୍ଧରେ ବୋହି ବ୍ୟାଙ୍କକୁ ଯିବାକୁ ପଡୁଛି। ନିୟମର ଦ୍ୱାହି ଦେଇ ବ୍ୟାଙ୍କ କର୍ମଚାରୀମାନେ ଜୀବିତ ମଣିଷର କଥାକୁ ବିଶ୍ୱାସ କରୁନାହାନ୍ତି, ଯେପର୍ଯ୍ୟନ୍ତ ଶବ ସେମାନଙ୍କ ଆଖି ସାମ୍ନାରେ ପହଞ୍ଚି ନାହିଁ। ଏଠାରେ ମାନବିକତା ଶୋଇପଡ଼ିଛି ଏବଂ କେବଳ 'କାଗଜପତ୍ର'ର ଭାଷା କଥା କହୁଛି। ବ୍ୟବସ୍ଥା ଏଠି ଏତେ କଠୋର ଯେ, ଜଣେ ଶୋକାକୁଳ ମଣିଷର ଦୁଃଖ ଅପେକ୍ଷା 'ପ୍ରମାଣ' ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଜିତୁଙ୍କୁ ତାଙ୍କ ଭଉଣୀର ମୃତ୍ୟୁ ପ୍ରମାଣପତ୍ର ମାଗିଲେ। କିନ୍ତୁ ସେଇଟା କ'ଣ ଓ କେଉଁଠୁ ମିଳେ, କେମିତି ମିଳେ ଜିତୁ ଜାଣେନି, ତେଣୁ ହାଡ଼ ହିଁ ତା' ପାଇଁ ପ୍ରମାଣ। ସେ ଅପାଠୁଆ ହୋଇଥିବାରୁ ହୁଏତ ନିୟମ ଜାଣି ନ ଥିଲେ। କିନ୍ତୁ ବ୍ୟାଙ୍କରେ ବସିଥିବା ଶିକ୍ଷିତ ଲୋକମାନଙ୍କର ବିବେକ କ'ଣ ଜିତୁଙ୍କୁ ସେ ଦିଗରେ ସାହଯ୍ୟ କରିବାକୁ ଥରୁଟିଏ କହିଲାନି! ସେ କେତେ ନିରୁପାୟ, ଅସହାୟ ସତରେ! ନହେଲେ କଣ ମାତ୍ର କିଛିଟା ଟଙ୍କା ପାଇଁ ଜଣେ ମାଟି ତଳୁ ଶବ ବାହାର କରି ବ୍ୟାଙ୍କକୁ ଆଣିବ! କଳ୍ପନା କଲେ ବି ଦେହ ଶିହରି ଉଠୁଛି। ଏଇ ବାବୁମାନେ ଆଉ ଏଇ ଆମ ବ୍ୟବସ୍ଥା, ଯିଏ କୋଟି କୋଟି ଟଙ୍କାର ଦୁର୍ନୀତି ବେଳେ ଆଖି ବୁଜିଦିଅନ୍ତି, ସେହିମାନେ ଆଜି ୧୯ ହଜାର ଟଙ୍କା ପାଇଁ ଜଣେ ଗରିବକୁ ଶବ ବୋହିବାକୁ ବାଧ୍ୟ କଲେ।

ଧିକ୍ ଏହି ବ୍ୟବସ୍ଥାକୁ, ଯାହାକୁ ଆଜି ଗୋଟେ ଅସହାୟ ଭାଇ ଆଉ ବ୍ୟାଙ୍କ ବାରଣ୍ଡାରେ ପଡ଼ିଥିବା ଭଉଣୀର କଙ୍କାଳ ପରୋକ୍ଷରେ କହୁଥିଲେ, 'ବାବୁ! ଏଥର ତ ବିଶ୍ୱାସ ହେଲା ନା ଆଉ କିଛି ପ୍ରମାଣ ଦରକାର?' ଏଇ ହେଉଛି ଆମ ସରକାରୀ ବ୍ୟବସ୍ଥା। ଦୁର୍ନୀତି କଲାବେଳେ ତ ଆମେ ସରକାରୀ ନିୟମକୁ ଫୁ କରିଦେଉଛୁ। ଗରିବ ଲୋକଟିଏ ପାଇଁ କିନ୍ତୁ କରାଯାଇ ପାରିଲା ନାହିଁ। କାନ୍ଧରେ କଙ୍କାଳ, ଆଖିରେ ଲୁହ: ଶେଷରେ ବ୍ୟବସ୍ଥା ଆଗରେ ହାରିଗଲେ ଜିତୁ! ଆମ ବ୍ୟବସ୍ଥାର ଜାଲ ଏମିତି ଯେ ମରିବା ପରେ ବି ମୁକ୍ତି ମିଳେନାହିଁ। ମୋର ପ୍ରଶ୍ନ ସେହି ଶିକ୍ଷିତ ବ୍ୟାଙ୍କ୍ କର୍ମଚାରୀଙ୍କୁ। ସବୁ ନିୟମ କାନୁନ କ'ଣ ଗରିବ ଅପାଠୁଆ ଲୋକଙ୍କ ପାଇଁ? ଏହି ବ୍ୟତିକ୍ରମ ଦର୍ଶାଉଛି ଯେ ଆମ ବ୍ୟବସ୍ଥା 'ଶକ୍ତିଶାଳୀ'ଙ୍କ ପାଇଁ ସଲାମ କରେ ଏବଂ 'ଅସହାୟ'ଙ୍କ ପାଇଁ ପାହାଡ଼ ପରି ବାଧା ସୃଷ୍ଟି କରେ। ଯଦି ଜିତୁ ମୁଣ୍ଡା ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥା'ନ୍ତେ, ତେବେ କ'ଣ ବାବୁମାନେ ଏମିତି ବ୍ୟବହାର କରିଥା'ନ୍ତେ? ଜିତୁ ମୁଣ୍ଡା ଗରିବ ହୋଇପାରନ୍ତି, କିନ୍ତୁ ତାଙ୍କ ଆତ୍ମସମ୍ମାନ ଶସ୍ତା ନୁହେଁ। ଏହି ଘଟଣା ସାରା ଓଡ଼ିଶା ପାଇଁ ଏକ ଲଜ୍ଜା। ଆଶା କରୁଛୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବେ।

'ଆଜିକାଲି ସରକାରୀ ଓ ବ୍ୟାଙ୍କ କର୍ମଚାରୀଙ୍କ ସହିତ ନେତା ଓ ମନ୍ତ୍ରୀ ସମ୍ପୂର୍ଣ୍ଣ ସମ୍ବେଦନହୀନ ହୋଇଗଲେଣି। ଚୌକିରେ ବସିଲା ପରେ ସେମାନେ ନିଜକୁ ଭଗବାନ ଭାବୁଛନ୍ତି ଏବଂ ଗରିବ ଅଶିକ୍ଷିତ ଲୋକଙ୍କୁ କୀଟପତଙ୍ଗ ପରି ବ୍ୟବହାର କରୁଛନ୍ତି। 'ନିୟମ'ର ଦ୍ୱାହି ଓ 'ବିବେକ'ର ଦେବାଳିଆପଣ ବ୍ୟାଙ୍କ କର୍ମଚାରୀମାନେ ପ୍ରାୟତଃ 'କାର୍ଯ୍ୟବିଧି'ର ଦ୍ୱାହି ଦେଇ ନିଜ ଦାୟିତ୍ୱରୁ ଖସିଯା'ନ୍ତି। କିନ୍ତୁ ବ୍ୟବସ୍ଥା କ'ଣ ଏତେ ଜଡ଼ ଯେ ସେଥିରେ 'ମାନବୀୟ ସମ୍ବେଦନଶୀଳତା' ପାଇଁ କୌଣସି ସ୍ଥାନ ନାହିଁ? ଯଦି ଜଣେ ବ୍ୟକ୍ତି ଗୁରୁତର ଅସୁସ୍ଥ କିମ୍ବା ମୃତ, ତେବେ ବ୍ୟାଙ୍କ କର୍ମଚାରୀ ନିଜେ ସେହି ସ୍ଥାନକୁ ଯାଇ ତଦନ୍ତ କରିବାର ପ୍ରାବଧାନ କାହିଁକି ରଖାଯାଉନାହିଁ? ହଜାର ହଜାର କୋଟି ଟଙ୍କା ଋଣ କରିଥିବା କର୍ପୋରେଟ୍ ସଂସ୍ଥାଗୁଡ଼ିକ ଯେତେବେଳେ ଋଣ ଶୁଝନ୍ତି ନାହିଁ, ସେତେବେଳେ ସେମାନେ ନେଇଥିବା ଋଣ ଟଙ୍କାକୁ 'ଏନ୍‌ପିଏ' ବର୍ଗୀକରଣ କରି ଋଣ ଛାଡ଼ କରିବାର(ରାଇଟ୍‌ଅଫ୍) ବାଟ ଖୋଜାଯାଏ। କିନ୍ତୁ ଜଣେ ଗରିବ ଚାଷୀ ବା ସାଧାରଣ ଲୋକର ମୃତ୍ୟୁ ପରେ ତା'ର ଜମାରାଶି ତା'ର ଉତ୍ତରାଧିକାରୀଙ୍କୁ ଦେବା ପାଇଁ ବ୍ୟାଙ୍କ ଶହେପ୍ରକାର କାଗଜ ଖୋଜେ। କାହା ପାଇଁ ବ୍ୟବସ୍ଥା ଏତେ କୋହଳ ତ କାହା ପାଇଁ କେତେ ନିଷ୍ଠୁର?

ବ୍ୟାଙ୍କ କର୍ମଚାରୀ କୁହନ୍ତି, 'ଆମେ ତ କେବଳ ନିୟମ ମାନୁଛୁ।' କିନ୍ତୁ କୌଣସି ନିୟମ ମାନବିକତାଠାରୁ ଉପରେ ନୁହେଁ। ଯଦି ଜଣେ ଭାଇ ନିଜ ଭଉଣୀର ଶବକୁ ବ୍ୟାଙ୍କ ବାରଣ୍ଡାକୁ ଆଣୁଛି, ତେବେ ଏହା କେବଳ ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ନୁହେଁ, ବରଂ ସମଗ୍ର ସମାଜ ଓ ମାନବିକତା ପାଇଁ ଏକ ଲଜ୍ଜାର ବିଷୟ। ଏହା ପ୍ରମାଣ କରେ ଯେ, ବ୍ୟବସ୍ଥା ଭିତରୁ 'ମଣିଷପଣିଆ' ମରିଯାଇଛି। ସତକଥା ହେଉଛି ସାଧାରଣ ମଣିଷ ପାଇଁ ନିୟମର ପାହାଡ଼ ଛିଡ଼ା ହେଉଛି ଏବଂ ବଡ଼ବଡ଼ିଆଙ୍କ ପାଇଁ ବ୍ୟବସ୍ଥାର ଏକ ଗାଲିଚା ବିଛାଯାଉଛି। ସମୟ ଆସିଛି, ବ୍ୟବସ୍ଥା ନିଜର ଆତ୍ମସମୀକ୍ଷା କରୁ। ଯେଉଁ ବ୍ୟବସ୍ଥା ମଣିଷର ଦୁଃଖ ବୁଝିପାରେନାହିଁ, ସେହି ବ୍ୟବସ୍ଥାକୁ ଗଣତନ୍ତ୍ରର 'ରକ୍ଷକ' କୁହାଯାଇପାରିବ ନାହିଁ। ବ୍ୟବସ୍ଥା ଯଦି କେବଳ ଠକ ଓ ଶୋଷକଙ୍କ ପାଇଁ, ତେବେ ଗରିବ ଖଟିଖିଆ ଏଭଳି ମରିବ। ଆମକୁ ମନେ ରଖିବାକୁ ପଡ଼ିବ, ବ୍ୟବସ୍ଥା ମଣିଷ ପାଇଁ ତିଆରି ହୋଇଛି, ମଣିଷ ବ୍ୟବସ୍ଥା ପାଇଁ ନୁହେଁ। ଯେଉଁ ନିୟମ ମଣିଷର ସମ୍ମାନ ଏବଂ ମାନବିକତାକୁ ହତ୍ୟା କରେ, ସେହି ନିୟମରେ ପରିବର୍ତ୍ତନ ଆସିବା ଜରୁରୀ। ଯେଉଁଦିନ ଜଣେ ସାଧାରଣ ନାଗରିକକୁ ତା'ର ହକ୍ ପାଇଁ କାନ୍ଧରେ ଶବ ବୋହିବାକୁ ପଡ଼ିବ ନାହିଁ, ସେହିଦିନ ହିଁ ଆମେ ପ୍ରକୃତ ସୁଶାସନର କଥା କହିପାରିବା। ନଚେତ୍, 'ବ୍ୟବସ୍ଥା' କେବଳ ଶକ୍ତିଶାଳୀଙ୍କ ପାଇଁ ସୁରକ୍ଷା କବଚ ଏବଂ ଗରିବ ପାଇଁ ଏକ ଦୁଃସ୍ୱପ୍ନ ହୋଇ ରହିଯିବ। ●

ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ
କଟକ ୯୪୩୮୦୭୦୮୪୯

## ଦ୍ରୁତ ପ୍ରଜନନକାରୀ ରିଆକ୍ଟର

ଇଂ ମାୟାଧର ସ୍ୱାଇଁ

ଦେଶର ପରମାଣୁ ଶକ୍ତି ବିକାଶ କ୍ଷେତ୍ରରେ ଭାରତ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ତାମିଲନାଡୁର କାଲ୍ପାକମ୍‌ଠାରେ ନିର୍ମାଣାଧୀନ ଦ୍ରୁତ ପ୍ରଜନନକାରୀ (ଫାଷ୍ଟ ବ୍ରିଡର) ରିଆକ୍ଟରର କ୍ରାନ୍ତୀୟତା(କ୍ରିଟିକାଲିଟି) ହାସଲ। ଗତ ଏପ୍ରିଲ୍ ୬ ତାରିଖରେ ୫୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଏହି ରିଆକ୍ଟର କ୍ରାନ୍ତୀୟତା ହାସଲ କରି ଏକ ଉଲ୍ଲେଖନୀୟ ସଫଳତା ଆଡ଼କୁ ଅଗ୍ରସର ହୋଇଛି। ୧୯୫୦ ମସିହାରୁ ଦ୍ରୁତ ପ୍ରଜନନକାରୀ ରିଆକ୍ଟର ଉପରେ ଗବେଷଣା ଆରମ୍ଭ ହେଲାଣି। ଆମେରିକା ଓ ଫ୍ରାନ୍ସ ସମେତ ଅନେକ ବିକଶିତ ଦେଶ ଏହି ରିଆକ୍ଟରକୁ ନେଇ ପରୀକ୍ଷା କରିଥିଲେ, କିନ୍ତୁ ବୈଷୟିକ ଆର୍ଥିକ ଓ ନିରାପତ୍ତା ସମ୍ବନ୍ଧୀୟ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ଏଥିରୁ ଓହରିଗଲେ। ରୁଷିଆ ହେଉଛି ଏକମାତ୍ର ଦେଶ ଯେଉଁଠାରେ ଏଡି ରିଆକ୍ଟର ସଫଳ ଭାବେ ଓ ବ୍ୟାବସାୟିକ ଭାବେ କାର୍ଯ୍ୟକରୁଛି। କାଲ୍ପାକମ୍‌ର ରିଆକ୍ଟର କାର୍ଯ୍ୟକ୍ଷମ ହେବା ପରେ ଭାରତ ଏହାକୁ ହାସଲ କରିବାରେ ପୃଥିବୀରେ ଦ୍ୱିତୀୟ ଦେଶର ଗୌରବ ନେବ।

ବର୍ତ୍ତମାନ ବ୍ୟବହୃତ ଆଣବିକ ରିଆକ୍ଟରଗୁଡିକରେ ୟୁରାନିୟମ୍ ୨୩୫ କୁ ବିଖଣ୍ଡନ କରି ପ୍ରଚୁର ତାପଶକ୍ତି ଉତ୍ପାଦନ କରାଯାଏ। ଏହି ତାପ ସାହାଯ୍ୟରେ ଜଳକୁ ବାଷ୍ପରେ ପରିଣତ କରାଯାଏ ଏବଂ ବାଷ୍ପ ବିଦ୍ୟୁତ୍ କେନ୍ଦ୍ରର ଟରବାଇନ ଓ ଜେନେରେଟରକୁ ଘୂରାଇବା ଦ୍ୱାରା ଜେନେରେଟରରୁ ବିଦ୍ୟୁତ୍ ଉତ୍ପାଦିତ ହୋଇଥାଏ। ଏହି ବିଦ୍ୟୁତ୍ କେନ୍ଦ୍ରର ଇନ୍ଧନ ହେଉଛି ୟୁରାନିୟମ ୨୩୫। କିନ୍ତୁ ଦ୍ରୁତ ପ୍ରଜନନକାରୀ ରିଆକ୍ଟରରେ ବିଦ୍ୟୁତ୍ ଉତ୍ପାଦନ ହେବା ସଙ୍ଗେ ସଙ୍ଗେ ଏଥିପାଇଁ ଯେତିକି ଇନ୍ଧନ ବ୍ୟୟ ହୋଇଥାଏ, ତା'ଠାରୁ ଅଧିକ ଇନ୍ଧନ ଉତ୍ପାଦିତ ହୋଇଥାଏ। ଏଣୁ ଏହାକୁ ଆଉ ଅଧିକ ଇନ୍ଧନ ବ୍ୟବହାର ନ କରି ମଧ୍ୟ ବିଦୁତ୍ ଉତ୍ପାଦନ ଜାରି ରହିବ। ଏହି ରିଆକ୍ଟରରେ ୟୁରାନିୟମ୍ ଓ ପ୍ଲୁଟୋନିୟମର ମିଶ୍ରିତ ଅକ୍ସାଇଡ ଇନ୍ଧନ ଭାବେ ବ୍ୟବହୃତ ହୁଏ ଏବଂ ଏହା ସାଧାରଣତଃ ପୁନଃଚକ୍ରିୟ ଆଣବିକ ପଦାର୍ଥରୁ ପ୍ରସ୍ତୁତ କରାଯାଇଥାଏ। ଏହି ଇନ୍ଧନ ଯୋଗୁଁ ପରମାଣୁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇଥାଏ। ଏହି ଇନ୍ଧନ ଥିବା ଅଂଶ ଚାରିପଟେ ୟୁରାନିୟମ ୨୩୮ ର ଏକ ଆବରଣ ରଖାଯାଇଥାଏ। ୟୁରାନିୟମ୍ ୨୩୮ ବିଖଣ୍ଡନୀୟ ହୋଇ ନଥିବାରୁ ଏଥିରୁ ବିଦ୍ୟୁତ୍ ଉତ୍ପାଦନ ହୁଏ ନାହିଁ। ମାତ୍ର ଉଚ୍ଚଶକ୍ତି ବିଶିଷ୍ଟ ନିଉଟ୍ରନ୍‌ର ସଂଘର୍ଷ ଫଳରେ ଏହା ପ୍ଲୁଟୋନିୟମ୍‌ରେ ରୂପାନ୍ତରିତ ହୋଇଥାଏ। ପ୍ଲୁଟୋନିୟମ ହେଉଛି ଏକ ଆଣବିକ ଇନ୍ଧନ, ଯେଉଁଥିରୁ ପରମାଣୁ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ। ଫଳରେ ଦ୍ରୁତ ପ୍ରଜନନକାରୀ ରିଆକ୍ଟରରୁ ବିଦ୍ୟୁତ୍ ସହିତ ନୂତନ ଇନ୍ଧନ ମିଳିଥାଏ। ଏଣୁ ଏହାକୁ ପ୍ରଜନନକାରୀ ରିଆକ୍ଟର କୁହାଯାଏ। ସାଧାରଣ ରିଆକ୍ଟରରେ ଶୀତଳକ ଭାବେ ଜଳ ବ୍ୟବହୃତ ହୋଇଥାଏ। ମାତ୍ର ପ୍ରଜନନକାରୀ ରିଆକ୍ଟରରେ ତରଳ ସୋଡିୟମକୁ ଶୀତଳକ ଭାବେ ବ୍ୟବହାର କରାଯାଏ। ଏହାଯୋଗୁଁ ଏଥିରୁ ଉତ୍ପନ୍ନ ନିଉଟ୍ରନଗୁଡ଼ିକର ବେଗ ବହୁତ ଅଧିକ ହୋଇଥାଏ, ଯାହା ନୂଆ ଇନ୍ଧନ ଉତ୍ପାଦନ ପାଇଁ ହେଉଛି ଅତି ଆବଶ୍ୟକ। ଏଥିଯୋଗୁଁ ଏହାର ନାମ 'ଦ୍ରୁତ ପ୍ରଜନନକାରୀ ରିଆକ୍ଟର' ହୋଇଛି।

କାଲ୍ପାକମ୍ ସ୍ଥିତ ପ୍ରଜନନକାରୀ ରିଆକ୍ଟର କ୍ରାନ୍ତୀୟତା ଅବସ୍ଥାରେ ପହଞ୍ଚିବା ପରେ ଆମେ ଏହି ଦିଗରେ ଆଉ ଏକ ସୋପାନ ଆଗକୁ ଗଲେ। କ୍ରାନ୍ତୀୟତା ହେଉଛି ଏପରି ଏକ ଅବସ୍ଥା, ଯେଉଁଠି ଆଣବିକ ଶୃଙ୍ଖଳ ପ୍ରତିକ୍ରିୟା ସ୍ୱପୋଷଣୀୟ ହୋଇଥାଏ। ଏହାକୁ ଟିକିଏ ସରଳ ଭାଷାରେ ବୁଝାଇବା। ପରମାଣୁ ବିଦ୍ୟୁତ୍ କେନ୍ଦ୍ରରେ ୟୁରାନିୟମ୍ ୨୩୫ ପରମାଣୁ ସହ ନିଉଟ୍ରନ ସଂଘର୍ଷ କରାଯାଏ। ଫଳରେ ୟୁରାନିୟମ୍‌ର ବିଖଣ୍ଡନ ହୋଇ ଏହା ଦୁଇଟି ଛୋଟ ମୌଳିକ ପଦାର୍ଥ ବେରିୟମ୍ ଓ କ୍ରିପଟନ୍‌ରେ ପରିଣତ ହୁଏ। ଏହି ପ୍ରତିକ୍ରିୟାରେ ପ୍ରଚୁର ତାପଶକ୍ତି ଉତ୍ପନ୍ନ ହେବା ସହିତ ତିନୋଟି ନିଉଟ୍ରନ୍ ଉତ୍ପନ୍ନ ହୁଏ। ଏହି ନିଉଟ୍ରନ ତିନୋଟି ପୁଣି ତିନୋଟି ୟୁରାନିୟମ୍ ପରମାଣୁ ସହ ସଂଘର୍ଷ ହୋଇ ଶକ୍ତି ଉତ୍ପାଦନ କରିବା ସହିତ ପୁଣି ତିନୋଟି ନିଉଟ୍ରନ ଉତ୍ପାଦନ କରେ। ଏହିପରି ଭାବେ ପ୍ରତ୍ୟେକ ଉତ୍ପନ୍ନ ନିଉଟ୍ରନ ପୁଣି ୟୁରାନିୟମ ସହିତ ସଂଘର୍ଷ କରିଥାଏ। ଫଳରେ ଥରେ ଏହା ଆରମ୍ଭ ହେଲେ ଇନ୍ଧନରେ ଥିବା ସମସ୍ତ ପରମାଣୁଗୁଡ଼ିକର କ୍ରମଶଃ ବିଭାଜନ ହୋଇଥାଏ ଏବଂ ଅବିରତ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥାଏ। ଏହାକୁ ଆଣବିକ ଶୃଙ୍ଖଳ ପ୍ରତିକ୍ରିୟା କୁହାଯାଏ।

ଏହି ସଫଳତା ହେଉଛି ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତରେ ସୀମିତ ପରିମାଣର ୟୁରାନିୟମ୍ ଗଚ୍ଛିତ ଅଛି ଏବଂ ବିଭିନ୍ନ କଟକଣା ଯୋଗୁଁ ବାହାର ଦେଶରୁ ଏହାକୁ ଆମଦାନୀ କରିବାରେ ଅସୁବିଧା ହେଉଛି। କିନ୍ତୁ ଭାରତରେ ଅନ୍ୟ ଏକ ବିଖଣ୍ଡନୀୟ ପଦାର୍ଥ ଥୋରିୟମ୍ ବହୁଳ ପରିମାଣରେ ଅଛି। ସମଗ୍ର ପୃଥିବୀରେ ଥିବା ଥୋରିୟମ୍‌ର ଏକ-ଚତୁର୍ଥାଂଶ ଭାରତରେ ଅଛି। ଥୋରିୟମ୍‌ର ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ଦ୍ରୁତ ପ୍ରଜନନକାରୀ ରିଆକ୍ଟର ହେଉଛି ଏକ ମାଧ୍ୟମ। ଦେଶରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁହୋମି ଜାହାଙ୍ଗିର ଭାବା ତ୍ରିସ୍ତରୀୟ କାର୍ଯ୍ୟସୂଚୀର ପ୍ରସ୍ତାବ ଦେଇଥିଲେ ଏବଂ ଭାରତ ଏହାକୁ ବର୍ତ୍ତମାନ କାର୍ଯ୍ୟକାରୀ କରୁଛି। ପ୍ରଥମସ୍ତରରୁ ଉତ୍ପନ୍ନ ପ୍ଲୁଟୋନିୟମ୍ ଏଠାରେ ଇନ୍ଧନ ଭାବେ ବ୍ୟବହୃତ ହୁଏ। ଏହି ରିଆକ୍ଟରରେ ଥୋରିୟମ୍- ୨୩୩ ହେଉଛି ଗୋଟିଏ ବିଖଣ୍ଡନୀୟ ଆଣବିକ ପଦାର୍ଥ ଏବଂ ଏହାକୁ ଇନ୍ଧନ ଭାବେ ବ୍ୟବହାର କରି ତୃତୀୟ ସ୍ତରରେ ବିଦ୍ୟୁତ୍ ଉତ୍ପାଦନ କରାଯିବ। ବର୍ତ୍ତମାନ ଭାରତର ଆଣିବିକ ବିଦ୍ୟୁତ୍ ପ୍ରତିଷ୍ଠିତ କ୍ଷମତା ହେଉଛି ୮୭୮୦ ମେଗାୱାଟ୍ ଏବଂ ଏହା ହେଉଛି ଦେଶର ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ମାତ୍ର ତିନି ପ୍ରତିଶତ। ଆମ ଦେଶରେ ୨୪ ଟି ରିଆକ୍ଟର କାର୍ଯ୍ୟ କରୁଛି ଏବଂ ୨୦୨୪-୨୫ ମସିହାରେ ଏଥିରୁ ୫୬୮୧୧ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇଥିଲା।

ଭାରତ ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ରରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖିଛି, ଯେଉଁଥିପାଇଁ ବିଦ୍ୟୁତ୍ ଉପଲବ୍ଧତା ହେଉଛି ଗୋଟିଏ ପ୍ରମୁଖ ଆନୁଷଙ୍ଗିକ ବ୍ୟବସ୍ଥା। ପୁନଶ୍ଚ ୨୦୭୦ ମସିହା ସୁଦ୍ଧା ଭାରତ ନେଟ-ଶୂନ କାର୍ବନ ଉତ୍ସର୍ଜନ ହାସଲ କରିବା ପାଇଁ ଘୋଷଣା କରିଛି। ଏଥିପାଇଁ ଜୀବାଶ୍ମ ଇନ୍ଧନ ବଦଳରେ ପରମାଣୁ ଇନ୍ଧନ ହେଉଛି ଅଧିକ ପସନ୍ଦଯୋଗ୍ୟ। ଏହିସବୁକୁ ଦୃଷ୍ଟିରେ ରଖି ଭାରତ ୨୦୪୭ ମସିହା ସୁଦ୍ଧା ୧୦୦ ଗିଗାୱାଟ (୧୦୦୦ ମେଗାୱାଟ) ପରମାଣୁ ବିଦ୍ୟୁତ୍ କ୍ଷମତା ହାସଲ କରିବା ପାଇଁ ଯୋଜନା କରିଛି। ●

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ପ୍ରିୟବନ୍ଧୁ ଅସରପା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆମ ଦୃଷ୍ଟିରେ ଅସରପା ସବୁଠାରୁ ଘୃଣ୍ୟ କୀଟମାନଙ୍କ ମଧ୍ୟରେ ଅନ୍ୟତମ। ଘରେ ଦେଖିଲା ମାତ୍ରେ ଆମେ ଏହାକୁ ମାରିଦେଉ। ଯଦି ଆମର ଶକ୍ତି ଥା'ନ୍ତା ତେବେ ଆମେ ତା' ବଂଶ କେଉଁଦିନୁ ଲୋପ କରିସାରନ୍ତୁଣି। କିନ୍ତୁ ଏହା ସମ୍ଭବ ନୁହେଁ। କାରଣ ଏହା ଗୋଟିଏ ଅତ୍ୟନ୍ତ ସହନଶୀଳ ଜୀବ। ବୈଜ୍ଞାନିକମାନଙ୍କ ମତରେ ଅସରପା ହେଉଛି ପୃଥିବୀର ଅନ୍ୟତମ ପ୍ରାଚୀନତମ ପ୍ରଜାତି। ଅର୍ଥାତ୍ ପ୍ରାୟ ୧୬୦ ନିୟୁତରୁ ଅଧିକ ବର୍ଷ ଧରି ଡାଇନୋସରମାନେ ସୃଷ୍ଟି ହେବା ଆଗରୁ ଅସରପାମାନେ ଏଠାରେ ବାସ କରିଆସୁଛନ୍ତି। ବିଗତ ପ୍ରାୟ ୬୦ ନିୟୁତ ବର୍ଷ ତଳେ ଘଟିଥିବା ମହାବିଲୁପ୍ତିରେ ପୃଥିବୀର ୮୦ ଶତାଂଶ ପ୍ରଜାତି ବିଲୋପ ହୋଇଥିଲେ ହେଁ ଅସରପା ସେଥିରୁ ବର୍ତ୍ତିଯାଇଥିଲା। ପୁନଶ୍ଚ କୁହାଯାଏ ଯେ ଯଦି କେଉଁଠି ପରମାଣୁ ବୋମା ନିକ୍ଷେପ କରାଯାଏ ସେଠାରେ ଅଧିକାଂଶ ଜୀବଙ୍କର ବିଲୋପ ସାଧନ ହେବ; କିନ୍ତୁ ଅସରପାର କିଛି ହେବ ନାହିଁ।

ପୃଥିବୀ ବାହାରେ ଅର୍ଥାତ୍ ମହାକାଶରେ ବଂଶ ବିସ୍ତାର କରିବାରେ ଅସରପା ହେଉଛି ପ୍ରଥମ ଜୀବ। କିଛିବର୍ଷ ତଳେ ରୁଷିଆ ଦ୍ୱାରା ପ୍ରେରିତ ଏକ କୃତ୍ରିମ ଉପଗ୍ରହରେ ପଠାଯାଇଥିଲା କିଛି ଅସରପା। ସେଗୁଡ଼ିକ ତହିଁରେ ୩୩ ଟି ଛୁଆ ଜନ୍ମ କରିଥିଲେ। ଅତଏବ, ଚନ୍ଦ୍ର ବା ମଙ୍ଗଳ ପୃଷ୍ଠରେ ଜୀବଜଗତ ସୃଷ୍ଟି ଲାଗି ଅସରପାକୁ ସମ୍ଭବତଃ ପ୍ରଥମେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯିବ।

ଆମ ଗ୍ରହ ପାଇଁ ଅସରପା ଏକ ଅତ୍ୟନ୍ତ ଆବଶ୍ୟକୀୟ ଜୀବ। ଏହା ହେଉଛି ଏକ ଅତିଦକ୍ଷ ବିଘଟନକାରୀ। ଅର୍ଥାତ୍ ପ୍ଲାଷ୍ଟିକ ସମେତ ଅଧିକାଂଶ ପଦାର୍ଥକୁ ଏହା ସହଜରେ ବିଘଟନ କରିପାରେ। ତେବେ ସେ କଥା ବିଚାର ନ କରି ଆମେ ଏହାକୁ ଏକ ଘୃଣ୍ୟ କୀଟ ବୋଲି ଭାବୁ। ସୃଷ୍ଟିର ଏହି ଉପକାରୀ ଜୀବ ପ୍ରତି ଆମର ଘୃଣା ଅତିପ୍ରବଳ। ସେହିପରି କିଛିଲୋକଙ୍କର ଏ ଜୀବଟିକୁ ଭାରି ଡର। ତେଣୁ ସାରା ପୃଥିବୀରେ ମଣିଷ ଅତି ନିର୍ଦ୍ଦୟଭାବେ ଅସରପାମାନଙ୍କୁ ହତ୍ୟା କରି ଆସିଛି। ଅସରପାର ବଂଶନାଶ ଲାଗି ଆମେ ସିଂଚନ କରୁଥିବା ସ୍ପ୍ରେଗୁଡ଼ିକ ଅତି ବିଷାକ୍ତ। ଏହା ଆମ ଘର ଭିତରର ପରିବେଶକୁ ନଷ୍ଟ କରେ। ଏଣୁ ଆମେ ଏଭଳି ଅମାନୁଷିକ କାର୍ଯ୍ୟରୁ ନିବୃତ୍ତ ରହିବା ଉଚିତ୍। ପୁନଶ୍ଚ ଏହାଦ୍ୱାରା ଆମର ଅଧିକ କ୍ଷତି ହୁଏ।

ବ୍ରିଟେନ୍ ଲେଖକ ଡାଭିଡ୍ ଜର୍ଜ ଗୋରଟନ୍ ଏହି ଉପକାରୀ ଜୀବକୁ ନେଇ ପୁସ୍ତକଟିଏ ରଚନା କରିଛନ୍ତି। ଏହାର ନାମ 'ଦ କଂପ୍ଲିଟ୍ କକ୍ରୋଚ'। ଏଥିରେ ସ୍ଥାନିତ ହୋଇଛି ଅସରପା ସମ୍ପର୍କରେ ଅନେକ ଅନେକ ତଥ୍ୟ। ତଦନୁଯାୟୀ ଏହା ପ୍ରତି ଆମର ଆଚରଣ ସଂପୂର୍ଣ୍ଣ ଅଯୌକ୍ତିକର। ଲେଖକଙ୍କ ମତରେ ଏହାର ପ୍ରତିକାର ହେଉଛି ଜ୍ଞାନ। ଜୀବଟି ବିଷୟରେ ଅଧିକ ଜାଣିଲେ ଆମ ମନରୁ ତା' ପ୍ରତି ଅନାବଶ୍ୟକ ଭୟ ଓ ଘୃଣା ଦୂର ହୋଇପାରିବ।

ଭାରତରେ ଅସରପା ଉପରେ ହଜାର ହଜାର ବର୍ଷ ତଳୁ ଗବେଷଣା ହୋଇଆସୁଛି। ଇତିମଧ୍ୟରେ ଏହାର ଶତାଧିକ ପ୍ରଜାତି ଆବିଷ୍କାର ହୋଇଛି। ନିକଟରେ (୨୦୨୪) ପୁଣେଠାରେ ତହିଁରୁ ଦୁଇଟି ନୂତନ ରୂପେ ଚିହ୍ନଟ କରାଯାଇଛି। ଏଣୁ ଯୁଗଯୁଗ ଧରି ଧରାପୃଷ୍ଠରେ ବିଚରଣ କରୁଥିବା ଏହି ଜୀବଟି ସଂପର୍କରେ ଆମର ଧାରଣା ଅସଂପୂର୍ଣ୍ଣ। ଏପରିସ୍ଥଳେ, ଏହାର ବଂଶନାଶ ଲାଗି ଉଦ୍ୟମ ମଣିଷ ପାଇଁ ଆତ୍ମଘାତୀ ହୋଇପାରେ। କାରଣ, କିଏ ଜଣେ କେବେ ଏହାଦ୍ୱାରା ଆମର କେତେକେତେ ଉପକାର ସାଧିତ ହେଉଛି ବା ହେବ!

ଅନ୍ୟଦୃଷ୍ଟିରୁ ଦେଖିଲେ ଅସରପା ଯୁଗଯୁଗ ଧରି ପ୍ରାକୃତିକ ପରିବେଶର ଏକ ଅଂଶବିଶେଷ ହୋଇରହିଛି। ପରିବେଶକୁ ସୁସ୍ଥ, ସମୃଦ୍ଧ ଓ ଆବର୍ଜନାମୁକ୍ତ ରଖିବାରେ ଅସରପାର ଭୂମିକା ଅନନ୍ୟ। ଅନ୍ୟପକ୍ଷରେ, ଏହା ବିଲୁପ୍ତ ହୋଇଗଲେ ତା' ସହିତ ମଧ୍ୟ ହଜିଯିବ ବହୁ ଉପାଦେୟ ଜିନୀୟ ପଦାର୍ଥ। ବିବିଧ ପ୍ରଜାତିର ବିଲୋପ ସାଧନ ସହିତ ଏହା ଏବେ ଘଟି ଚାଲିଛି। ଏସବୁ ଦୃଷ୍ଟିରୁ ବିଚାର କରି ଚାଲନ୍ତୁ ଆମେ ଅସରପାକୁ ଆମ ଭଳି ତଥା ପରିସଂସ୍ଥାର ଅନ୍ୟାନ୍ୟ ଜୀବମାନଙ୍କ ଭଳି ପ୍ରକୃତିମାତାର ଅନ୍ୟତମ ସନ୍ତାନ ଏବଂ ଆମର ପ୍ରିୟବନ୍ଧୁ ରୂପେ ଗ୍ରହଣ କରି ତାକୁ ବଞ୍ଚିବାକୁ ଦେବା। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ।

**ବୃଷ:** ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିପାରନ୍ତି। ଦିନଟି ମଜାମସ୍ତିରେ ବିତିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ଠାରୁ ଉପହାର ମିଳିପାରେ। ଧାର କରଜରୁ ଦୂରେଇ ରହିବେ।

**ମିଥୁନ:** ଅଚାନକ ଶୁଭ ଖବର ପାଇବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପୁରୁଣା ବ୍ୟବସାୟରୁ ଲାଭ ମିଳିପାରେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ମାନସିକ ଶାନ୍ତି ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଲୋକସମ୍ପର୍କ ବୃଦ୍ଧି ପାଇପାରେ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। ମନ ପ୍ରସନ୍ନ ରହିବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଧାର କରଜ କରିପାରନ୍ତି। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ। ଦାନ ଧର୍ମ କରନ୍ତୁ।

**କନ୍ୟା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ବନ୍ଧୁ ମିଳନରେ ଯୋଗ ଦେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୂର ସମ୍ପର୍କୀୟଙ୍କ ସହିତ ଭେଟ ହୋଇପାରେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାନ ଧର୍ମ କରନ୍ତୁ।

**ବିଛା:** ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। ନୂତନ ଯାନବାହନ କିଣିବା ଯୋଗ ଅଛି। ମାନ ସମ୍ମାନ ବୃଦ୍ଧି ପାଇବ। ମାନସିକ ଶାନ୍ତି ପାଇଁ ପ୍ରାଣାୟମ କରନ୍ତୁ।

**ଧନୁ:** ଅପ୍ରିୟ ସତ କହି ସମସ୍ୟାରେ ପଡ଼ି ପାରନ୍ତି। ବ୍ୟସ୍ତତା ଭିତରେ ଦିନ କଟିବ। ନିଜକୁ ସମୟ ଦିଅନ୍ତୁ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ।

**ମକର:** ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଦୀର୍ଘଦିନର କାମ ପୂରା କରିବେ। କୌଣସି କଥା ମନକୁ ବିଚଳିତ କରିପାରେ। ପୂଜାର୍ଚ୍ଚନା କରନ୍ତୁ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି।

**ମୀନ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପଡୋଶୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ। ବୈବାହିକ ଜୀବନ ସୁଖମୟ ହେବ।

# +୩ ନାମଲେଖା ଆବେଦନରେ ବିଳମ୍ବ

- ଗତବର୍ଷ +୨ ରେଜଲ୍ଟ ପୂର୍ବରୁ ଆରମ୍ଭ ହୋଇଥିଲା ପ୍ରକ୍ରିୟା
- ପାଠପଢ଼ା ବିଳମ୍ବ ହେବା ନେଇ ଶିକ୍ଷାବିତ୍‌ଙ୍କ ଆଶଙ୍କା

ଭୁବନେଶ୍ୱର, ୪।୫(ସମିସ): ଚଳିତ ବର୍ଷ +୩ ନାମଲେଖା ପ୍ରକ୍ରିୟା ଆରମ୍ଭରେ ମାତ୍ରାଧିକ ବିଳମ୍ବ ହୋଇଛି। ଏବେଯାଏଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ପୂର୍ବବର୍ଷ +୨ ରେଜଲ୍ଟ ପ୍ରକାଶ ପାଇବା ପୂର୍ବରୁ ଅର୍ଥାତ୍ ଏପ୍ରିଲ୍ ୧୬ରୁ ଆବେଦନ ଆରମ୍ଭ ହୋଇଥିଲା। ସଠିକ୍ ସମୟରେ ପାଠପଢ଼ା ଆରମ୍ଭ ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ହୋଇଥିବାରୁ ଠିକ୍ ସମୟରେ ପାଠପଢ଼ା ଆରମ୍ଭ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସୂଚନାନୁଯାୟୀ, ଦୁଇବର୍ଷ ହେଲା +୨ ପରୀକ୍ଷା ଫଳ ବାହାରିବା ପୂର୍ବରୁ +୩ ନାମଲେଖା ପାଇଁ ଆବେଦନ ଆରମ୍ଭ ହେଉଥିଲା। ରେଜଲ୍ଟ ବାହାରିବା ପରେ ଛାତ୍ରଛାତ୍ରୀମାନେ ସେମାନଙ୍କ ମାର୍କ ଅପଡେଟ୍ କରୁଥିଲେ। ଠିକ୍ ସମୟ ଅର୍ଥାତ୍ ଜୁଲାଇ ୧୦ ତାରିଖରୁ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ଏହି ପଦକ୍ଷେପ ନେଇଥିଲା। ମାତ୍ର, ଚଳିତବର୍ଷ ଏହି ଧାରାରେ ବ୍ରେକ୍ ଲାଗିଛି। ରେଜଲ୍ଟ ବାହାରିବା ପରେ ହିଁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଆବେଦନ ପ୍ରକ୍ରିୟା ଆରମ୍ଭ ହେବାରେ ବିଳମ୍ବ ହେଲେ ସମ୍ପୂର୍ଣ୍ଣ ନାମଲେଖା ପ୍ରକ୍ରିୟା ବିଳମ୍ବିତ ହେବ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଅପରପକ୍ଷେ, ସାମସ୍‌ମାଧ୍ୟମରେ ନାମଲେଖା ପ୍ରକ୍ରିୟା ବହୁ ବିଳମ୍ବ ହେଉଥିବାରୁ ନିର୍ଦ୍ଧାରିତ ସମୟରେ ପାଠପଢ଼ା ନେଇ ମଧ୍ୟ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। କରୋନା ମହାମାରୀ ସମୟରୁ ବିଗିଡ଼ି ଯାଇଥିବା ଶିକ୍ଷାବର୍ଷକୁ ସଜାଡ଼ିବାକୁ ବିଭାଗ ପଦକ୍ଷେପ ନେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏଥିରୁ ଓହରିଯିବା ପିଲାଙ୍କ ପାଠପଢ଼ାକୁ ପ୍ରଭାବିତ କରିବ ଏବଂ ପୁଣି ଥରେ ପାଠପଢ଼ା ଓ ପରୀକ୍ଷା ମଧ୍ୟରେ ସମନ୍ୱୟ ରହିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି।


## OFFICE OF THE PURI MUNICIPAL CORPORATION, PURI

13001/349/2627

Letter No. 4295 / Dated: 30/04/26

Mail ID: purim.hud@nic.in, purim_hud@gmail.com

**QUOTATION CALL NOTICE 2026-27**

Sealed quotations are invited from the intending persons/ Agencies for auction of parking place at Multi Level Car Parking at Old Jail Road, Puri for the financial year 2026-27. The intending persons/agencies are required to visit the website: www.purimunicipality.nic.in & www.puri.nic.in and download the auction papers along with the terms and conditions between from dt.02.05.2026 10 A.M. to dt.13.05.2026 up to 5 P.M. The quotation must reach the office of the undersigned by registered post/speed post on or before dt.13.05.2026 by 5 P.M. and will be opened on dt.14.05.2026 at 11.00 A.M. in presence of the Commissioner & quotationers or their authorized representatives. Puri Municipal Corporation will in no way be responsible for delay in reaching of the quotations.

Commissioner
Puri Municipal Corporation, Puri

OIPR-13001/13159/1/26-27/0004



32001/138/2627

## ଓଡ଼ିଶା ସରକାର
## ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଶୁଦ୍ଧିପତ୍ର

No. 291 — Date 20.03.2026

ମୟୂରଭଞ୍ଜ ଜିଲ୍ଲାରେ ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ (Appropriate Government) ବ୍ୟୟରେ ମୌଜା -**ଅଁଳାବଣି** , ଥାନା -ଯଶିପୁର ନଂ - ୧୦୧ , ତହସିଲ -ଯଶିପୁର , ଜିଲ୍ଲା – ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୭.୧୦ ଭୂମି ଅର୍ଜନ ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R ACT, 2013) ର ୧୧ (୧) ଧାରା ରେ ଭାରପ୍ରାପ୍ତ ହୋଇ ମୟୂରଭଞ୍ଜ ଜିଲ୍ଲାପାଳ ଜମି ଅଧିଗ୍ରହଣ ନିମନ୍ତେ ବିଭାଗ ତରଫରୁ ନିର୍ଗମିତ ପ୍ରାରମ୍ଭିକ ଅଧିସୂଚନା ନଂ. ୩୬୪ /LA ତା ୦୫.୦୮.୨୦୨୫ ରେ ନିମ୍ନଲିଖିତ ପରିବର୍ତ୍ତନ କିମ୍ବା ସନ୍ନିବେଶ କରାଗଲା ।

ଶୁଦ୍ଧିପତ୍ର

| ଅଧିସୂଚନା ନଂ। ୩୬୪ /LA | ମୋଟ ରକବା (ଏକର ) | ଶଂଶୋଧିତ ମୋଟ ରକବା(ଏକର ) |
|---|---|---|
| ତା ୦୫.୦୮.୨୦୨୫ | ୧୨.୦୬ | ୮.୯୦ |

ଶୁଦ୍ଧିପତ୍ର

| ଖାତା | ପ୍ଲଟ ନଂ | କିସମ | ମୋଟ ରକବା | ଅଧିକୃତ ରକବା | ସଂଶୋଧିତ ଅଧିକୃତ ରକବା |
|---|---|---|---|---|---|
| ୭ | ୨୮୧ | ଆଶୁ | ୦.୨୬ | ୦.୦୧୭ | ୦.୧୭ |

ଶୁଦ୍ଧିପତ୍ର

| ଖାତା | ପ୍ଲଟ ନଂ | କିସମ | ପ୍ରଜାର ବାସସ୍ଥାନ | ସଂଶୋଧିତ ପ୍ରଜାର ବାସସ୍ଥାନ |
|---|---|---|---|---|
| ୧୪ | ୩୬୮/୩୯୨ | ଡାହି ଦୁଇ | ବା -ନିଜଗାଁ | ବା -ଯଶିପୁର |
| ୬୩ | ୩୫୭,୩୫୮ | ଆଶୁ | ବା -ନିଜଗାଁ | ବା -ଯଶିପୁର |
| ୭୯ | ୩୬୮/୩୯୧ | ଡାହି ଦୁଇ | ବା -ନିଜଗାଁ | ବା -ଯଶିପୁର |
| ୯୧/୫ | ୩୬୫ | ଆଶୁ | ବା -ନିଜଗାଁ | ବା -ଅଁଳାବଣି |

ଏଥି ସହିତ ଅଧିସୂଚନା ସଂଖ୍ୟା ୩୬୪ /LA ତା ୦୫.୦୮.୨୦୨୫ ରିଖରେ ଉଲ୍ଲେଖ କରାଯାଇଥିବା ଅନ୍ୟ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

ଜିଲ୍ଲାପାଳ, ମୟୂରଭଞ୍ଜ

OIPR-32001/32560/3/26-27/0003



## OFFICE OF THE TAHASILDAR, BIRIDI
### DIST - JAGATSINGHPUR
### PUBLIC NOTICE

भारत का राजपत्र
The Gazette of India

ଅସାଧାରଣ (EXTRAORDINARY)
ଭାଗ II–ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)
ପ୍ରାଧିକର୍ତ୍ତାଙ୍କ ଦ୍ୱାରା ପ୍ରକାଶିତ
(PUBLISHED BY AUTHORITY)

ନୂଆଦିଲ୍ଲୀ, ସୋମବାର, ଏପ୍ରିଲ ୨୦, ୨୦୨୬/ଚୈତ୍ର 30, 1948
NEW DELHI, MONDAY, APRIL 20, 2026/CHAITRA 30, 1948

## MINISTRY OF ROAD TRANSPORT AND HIGHWAYS
### NOTIFICATION

New Delhi, the 20th April, 2026

S.O. 1964(E).— In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building for widening and strengthening 2L+PS of Kandarpur-Balikuda from Km. 277.44 to Km. 292.62 of NH-55 in the district of Jagatsinghpur in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the Competent Authority, namely, Tahasildar, Biridi in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

Sd/- Tahasildar, Biridi, Dist - Jagatsinghpur

### SCHEDULE

**Brief Description of the land to be acquired with or without structures for widening and strengthening to 2L+PS Kandarpur-Balikuda from Km. 277.44 to Km. 292.62 of NH-55 in the district of Jagatsinghpur in the state of ODISHA**

State: ODISHA — District: Jagatsinghpur

| Sl. No. | Survey/Plot Number | Type of Land | Nature of Land | Area (in Local Unit) | Area (in Hectares) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Taluk: Biridi | | | | | |
| Village: Uttarasasan Mahajansahi | | | | | |
| 1 | 2512/2744 | Private | Agriculture | 0.004 (Hectare ) | 0.004 |
| Village: Madhyasasan | | | | | |
| 2 | 2633/3534 | Private | Agriculture | 0.0041 (Hectare ) | 0.0041 |
| 3 | 2858 | Private | Residential | 0.0047 (Hectare ) | 0.0047 |
| 4 | 2858/3574 | Private | Agriculture | 0.0036 (Hectare ) | 0.0036 |
| 5 | 2858/3575 | Private | Agriculture | 0.0029 (Hectare ) | 0.0029 |
| 6 | 2862 | Private | Agriculture | 0.0849 (Hectare ) | 0.0849 |
| 7 | 2863 | Private | Agriculture | 0.0071 (Hectare ) | 0.0071 |
| 8 | 2864 | Private | Agriculture | 0.1074 (Hectare ) | 0.1074 |
| 9 | 2866 | Private | Agriculture | 0.0192 (Hectare ) | 0.0192 |
| 10 | 2868 | Private | Agriculture | 0.0356 (Hectare ) | 0.0356 |
| 11 | 3390 | Private | Residential | 0.0233 (Hectare ) | 0.0233 |
| Village: Nuadhana | | | | | |
| 12 | 1616 | Private | Residential | 0.004 (Hectare ) | 0.004 |
| 13 | 1708 | Government | Non Agriculture | 0.0025 (Hectare ) | 0.0025 |
| 14 | 1709 | Private | Agriculture | 0.0089 (Hectare ) | 0.0089 |
| 15 | 1710 | Private | Agriculture | 0.0086 (Hectare ) | 0.0086 |
| 16 | 1711 | Private | Agriculture | 0.0137 (Hectare ) | 0.0137 |
| 17 | 1733 | Private | Residential | 0.002 (Hectare ) | 0.002 |
| 18 | 1741 | Private | Residential | 0.005 (Hectare ) | 0.005 |
| 19 | 1745 | Private | Agriculture | 0.0036 (Hectare ) | 0.0036 |
| 20 | 1746 | Private | Residential | 0.004 (Hectare ) | 0.004 |
| 21 | 1747 | Government | Non Agriculture | 0.0486 (Hectare ) | 0.0486 |
| 22 | 1748 | Government | Non Agriculture | 0.0607 (Hectare ) | 0.0607 |
| 23 | 1749 | Government | Non Agriculture | 0.0486 (Hectare ) | 0.0486 |
| 24 | 1750 | Government | Non Agriculture | 0.0119 (Hectare ) | 0.0119 |
| 25 | 1751 | Government | Non Agriculture | 0.012 (Hectare ) | 0.012 |
| 26 | 1752 | Private | Agriculture | 0.0133 (Hectare ) | 0.0133 |
| Village: Kulakaijanga | | | | | |
| 27 | 572 | Private | Residential | 0.003 (Hectare ) | 0.003 |
| 28 | 661 | Private | Agriculture | 0.001 (Hectare ) | 0.001 |
| 29 | 662 | Private | Agriculture | 0.1134 (Hectare ) | 0.1134 |
| 30 | 663 | Private | Agriculture | 0.0972 (Hectare ) | 0.0972 |
| 31 | 667 | Private | Agriculture | 0.0364 (Hectare ) | 0.0364 |
| 32 | 668 | Private | Agriculture | 0.0324 (Hectare ) | 0.0324 |
| 33 | 669 | Private | Agriculture | 0.0648 (Hectare ) | 0.0648 |
| 34 | 670 | Private | Agriculture | 0.0473 (Hectare ) | 0.0473 |
| 35 | 671 | Private | Agriculture | 0.0073 (Hectare ) | 0.0073 |
| 36 | 672 | Private | Agriculture | 0.0243 (Hectare ) | 0.0243 |
| 37 | 686/3030 | Private | Residential | 0.1093 (Hectare ) | 0.1093 |
| 38 | 687 | Private | Agriculture | 0.0486 (Hectare ) | 0.0486 |
| 39 | 688 | Private | Residential | 0.0405 (Hectare ) | 0.0405 |
| 40 | 689 | Private | Residential | 0.0567 (Hectare ) | 0.0567 |
| 41 | 690 | Private | Agriculture | 0.0263 (Hectare ) | 0.0263 |
| 42 | 691 | Private | Agriculture | 0.0041 (Hectare ) | 0.0041 |
| 43 | 692 | Private | Agriculture | 0.0202 (Hectare ) | 0.0202 |
| 44 | 695 | Private | Agriculture | 0.0008 (Hectare ) | 0.0008 |
| 45 | 711 | Private | Non Agriculture | 0.0324 (Hectare ) | 0.0324 |
| 46 | 714 | Private | Agriculture | 0.0219 (Hectare ) | 0.0219 |
| 47 | 715 | Private | Agriculture | 0.0426 (Hectare ) | 0.0426 |
| 48 | 716 | Private | Agriculture | 0.0037 (Hectare ) | 0.0037 |
| 49 | 767/1690 | Private | Agriculture | 0.0254 (Hectare ) | 0.0254 |
| 50 | 768 | Private | Agriculture | 0.0253 (Hectare ) | 0.0253 |
| 51 | 768/1924 | Private | Agriculture | 0.0252 (Hectare ) | 0.0252 |
| 52 | 768/1939 | Private | Agriculture | 0.0253 (Hectare ) | 0.0253 |
| 53 | 768/1946 | Private | Agriculture | 0.0253 (Hectare ) | 0.0253 |
| 54 | 768/1955 | Private | Agriculture | 0.1014 (Hectare ) | 0.1014 |
| 55 | 778 | Private | Agriculture | 0.1053 (Hectare ) | 0.1053 |
| 56 | 779 | Private | Agriculture | 0.0283 (Hectare ) | 0.0283 |
| 57 | 780 | Private | Agriculture | 0.0364 (Hectare ) | 0.0364 |
| 58 | 781 | Private | Agriculture | 0.0769 (Hectare ) | 0.0769 |
| 59 | 782 | Private | Agriculture | 0.1296 (Hectare ) | 0.1296 |
| 60 | 789 | Government | Non Agriculture | 0.0041 (Hectare ) | 0.0041 |
| 61 | 790 | Private | Residential | 0.0041 (Hectare ) | 0.0041 |
| 62 | 791 | Private | Agriculture | 0.0324 (Hectare ) | 0.0324 |
| 63 | 792 | Private | Agriculture | 0.0607 (Hectare ) | 0.0607 |
| 64 | 793/3034 | Private | Residential | 0.085 (Hectare ) | 0.085 |
| Village: Chandpur | | | | | |
| 65 | 699 | Private | Agriculture | 0.0122 (Hectare ) | 0.0122 |
| 66 | 700 | Private | Agriculture | 0.0065 (Hectare ) | 0.0065 |
| 67 | 700/3341 | Private | Residential | 0.0033 (Hectare ) | 0.0033 |
| 68 | 703 | Private | Non Agriculture | 0.0037 (Hectare ) | 0.0037 |
| 69 | 708 | Private | Residential | 0.0168 (Hectare ) | 0.0168 |
| 70 | 708/3379 | Private | Residential | 0.0051 (Hectare ) | 0.0051 |
| 71 | 709 | Private | Agriculture | 0.0049 (Hectare ) | 0.0049 |
| 72 | 729/3441 | Private | Residential | 0.0116 (Hectare ) | 0.0116 |
| 73 | 730 | Private | Residential | 0.0092 (Hectare ) | 0.0092 |
| 74 | 731 | Private | Residential | 0.01 (Hectare ) | 0.01 |
| 75 | 732 | Private | Agriculture | 0.0103 (Hectare ) | 0.0103 |
| 76 | 733 | Private | Residential | 0.0105 (Hectare ) | 0.0105 |
| 77 | 733/3470 | Private | Residential | 0.0017 (Hectare ) | 0.0017 |
| 78 | 734 | Private | Agriculture | 0.0142 (Hectare ) | 0.0142 |
| 79 | 735 | Private | Agriculture | 0.005 (Hectare ) | 0.005 |
| 80 | 736 | Private | Agriculture | 0.0049 (Hectare ) | 0.0049 |
| 81 | 752/3467 | Private | Residential | 0.0114 (Hectare ) | 0.0114 |
| 82 | 808 | Private | Non Agriculture | 0.0018 (Hectare ) | 0.0018 |
| 83 | 809 | Private | Residential | 0.002 (Hectare ) | 0.002 |
| 84 | 809/3331 | Private | Residential | 0.0005 (Hectare ) | 0.0005 |
| 85 | 811 | Private | Agriculture | 0.0011 (Hectare ) | 0.0011 |
| 86 | 812 | Private | Residential | 0.0014 (Hectare ) | 0.0014 |
| 87 | 813 | Private | Residential | 0.0008 (Hectare ) | 0.0008 |
| 88 | 816 | Private | Residential | 0.0018 (Hectare ) | 0.0018 |
| 89 | 817 | Private | Residential | 0.0012 (Hectare ) | 0.0012 |
| 90 | 818 | Private | Agriculture | 0.0015 (Hectare ) | 0.0015 |
| 91 | 819 | Private | Residential | 0.0012 (Hectare ) | 0.0012 |
| 92 | 820 | Private | Residential | 0.0025 (Hectare ) | 0.0025 |
| Village: Hajipur | | | | | |
| 93 | 1121 | Private | Agriculture | 0.0026 (Hectare ) | 0.0026 |
| 94 | 1122 | Private | Residential | 0.0026 (Hectare ) | 0.0026 |
| 95 | 1125 | Private | Residential | 0.0013 (Hectare ) | 0.0013 |
| 96 | 1125/2990 | Private | Residential | 0.0013 (Hectare ) | 0.0013 |
| 97 | 1127 | Private | Residential | 0.001 (Hectare ) | 0.001 |
| 98 | 1127/3941 | Private | Residential | 0.0045 (Hectare ) | 0.0045 |
| 99 | 1128 | Private | Residential | 0.0025 (Hectare ) | 0.0025 |
| 100 | 1145 | Government | Non Agriculture | 0.0008 (Hectare ) | 0.0008 |
| 101 | 1146 | Private | Agriculture | 0.0027 (Hectare ) | 0.0027 |
| 102 | 1147 | Private | Residential | 0.0076 (Hectare ) | 0.0076 |
| 103 | 1149 | Private | Residential | 0.003 (Hectare ) | 0.003 |
| 104 | 1150 | Government | Non Agriculture | 0.0003 (Hectare ) | 0.0003 |
| Village: Nuapari | | | | | |
| 105 | 378 | Private | Agriculture | 0.0891 (Hectare ) | 0.0891 |
| 106 | 384 | Private | Agriculture | 0.0486 (Hectare ) | 0.0486 |
| 107 | 386 | Private | Agriculture | 0.0121 (Hectare ) | 0.0121 |
| Village: Pandia | | | | | |
| 108 | 186 | Private | Non Agriculture | 0.0029 (Hectare ) | 0.0029 |
| Village: Anantabrahmapur | | | | | |
| 109 | 328/362 | Private | Residential | 0.0012 (Hectare ) | 0.0012 |
| 110 | 328/375 | Private | Residential | 0.0036 (Hectare ) | 0.0036 |
| Village: Budhapara | | | | | |
| 111 | 1002 | Government | Agriculture | 0.0027 (Hectare ) | 0.0027 |
| 112 | 1003 | Government | Agriculture | 0.0031 (Hectare ) | 0.0031 |
| 113 | 1201 | Private | Agriculture | 0.0142 (Hectare ) | 0.0142 |
| 114 | 1202 | Private | Agriculture | 0.0122 (Hectare ) | 0.0122 |
| 115 | 1203 | Private | Agriculture | 0.0107 (Hectare ) | 0.0107 |
| 116 | 1206/1565 | Private | Residential | 0.0071 (Hectare ) | 0.0071 |
| 117 | 1207 | Private | Agriculture | 0.0184 (Hectare ) | 0.0184 |
| 118 | 1208/1453 | Private | Agriculture | 0.01 (Hectare ) | 0.01 |
| 119 | 1209 | Private | Residential | 0.0248 (Hectare ) | 0.0248 |
| 120 | 1214 | Private | Residential | 0.0114 (Hectare ) | 0.0114 |
| 121 | 1215 | Private | Residential | 0.0128 (Hectare ) | 0.0128 |
| 122 | 1216 | Private | Residential | 0.0081 (Hectare ) | 0.0081 |
| 123 | 1217 | Private | Residential | 0.005 (Hectare ) | 0.005 |
| 124 | 1220 | Private | Residential | 0.0071 (Hectare ) | 0.0071 |
| 125 | 294 | Private | Non Agriculture | 0.0056 (Hectare ) | 0.0056 |
| 126 | 299 | Private | Residential | 0.006 (Hectare ) | 0.006 |
| 127 | 300 | Private | Residential | 0.0013 (Hectare ) | 0.0013 |
| 128 | 301 | Private | Residential | 0.0016 (Hectare ) | 0.0016 |
| 129 | 320 | Private | Residential | 0.0009 (Hectare ) | 0.0009 |
| 130 | 321 | Private | Residential | 0.0006 (Hectare ) | 0.0006 |
| 131 | 322 | Private | Residential | 0.0016 (Hectare ) | 0.0016 |
| 132 | 325 | Private | Residential | 0.0021 (Hectare ) | 0.0021 |
| 133 | 326 | Private | Residential | 0.0024 (Hectare ) | 0.0024 |
| 134 | 330 | Private | Residential | 0.0027 (Hectare ) | 0.0027 |
| Village: Gopinathpur | | | | | |
| 135 | 181/3331 | Private | Residential | 0.0043 (Hectare ) | 0.0043 |
| 136 | 181/3373 | Private | Residential | 0.0043 (Hectare ) | 0.0043 |
| 137 | 560/3337 | Private | Residential | 0.0072 (Hectare ) | 0.0072 |
| 138 | 561 | Private | Agriculture | 0.0102 (Hectare ) | 0.0102 |
| 139 | 562 | Private | Agriculture | 0.0141 (Hectare ) | 0.0141 |
| 140 | 563 | Private | Agriculture | 0.0105 (Hectare ) | 0.0105 |
| 141 | 564 | Private | Agriculture | 0.0093 (Hectare ) | 0.0093 |
| 142 | 565 | Private | Agriculture | 0.0031 (Hectare ) | 0.0031 |
| 143 | 567 | Private | Agriculture | 0.0115 (Hectare ) | 0.0115 |
| 144 | 568 | Private | Agriculture | 0.0144 (Hectare ) | 0.0144 |
| 145 | 575 | Private | Residential | 0.0004 (Hectare ) | 0.0004 |
| 146 | 575/3387 | Private | Residential | 0.0004 (Hectare ) | 0.0004 |
| 147 | 575/3388 | Private | Residential | 0.0004 (Hectare ) | 0.0004 |
| 148 | 95 | Private | Agriculture | 0.0055 (Hectare ) | 0.0055 |
| Village: Tanchanabrahmapur | | | | | |
| 149 | 271 | Private | Agriculture | 0.001 (Hectare ) | 0.001 |
| 150 | 271/591 | Private | Residential | 0.001 (Hectare ) | 0.001 |
| 151 | 271/592 | Private | Residential | 0.002 (Hectare ) | 0.002 |
| 152 | 428/590 | Private | Residential | 0.002 (Hectare ) | 0.002 |
| 153 | 430 | Private | Residential | 0.0056 (Hectare ) | 0.0056 |
| 154 | 430/591 | Private | Residential | 0.0039 (Hectare ) | 0.0039 |
| 155 | 431 | Private | Residential | 0.0114 (Hectare ) | 0.0114 |
| 156 | 432 | Private | Agriculture | 0.0503 (Hectare ) | 0.0503 |
| Village: Anakhia | | | | | |
| 157 | 178/410 | Private | Residential | 0.0025 (Hectare ) | 0.0025 |
| 158 | 246 | Private | Agriculture | 0.0008 (Hectare ) | 0.0008 |
| 159 | 246/406 | Private | Residential | 0.0035 (Hectare ) | 0.0035 |
| 160 | 246/429 | Private | Residential | 0.0017 (Hectare ) | 0.0017 |
| 161 | 246/439 | Private | Residential | 0.0009 (Hectare ) | 0.0009 |
| 162 | 247 | Private | Residential | 0.003 (Hectare ) | 0.003 |
| 163 | 248 | Private | Agriculture | 0.0068 (Hectare ) | 0.0068 |
| 164 | 350 | Government | Non Agriculture | 0.0071 (Hectare ) | 0.0071 |
| 165 | 351 | Private | Agriculture | 0.0084 (Hectare ) | 0.0084 |
| Village: Dandilo | | | | | |
| 166 | 11/836 | Private | Residential | 0.0012 (Hectare ) | 0.0012 |
| 167 | 29/870 | Private | Commercial | 0.004 (Hectare ) | 0.004 |
| Village: sarheisasan | | | | | |
| 168 | 2540 | Private | Agriculture | 0.0041 (Hectare ) | 0.0041 |
| 169 | 362 | Private | Agriculture | 0.004 (Hectare ) | 0.004 |
| 170 | 363 | Private | Agriculture | 0.0019 (Hectare ) | 0.0019 |
| 171 | 367 | Private | Agriculture | 0.0016 (Hectare ) | 0.0016 |
| 172 | 368 | Private | Residential | 0.01 (Hectare ) | 0.01 |
| 173 | 862 | Private | Agriculture | 0.0081 (Hectare ) | 0.0081 |
| 174 | 940 | Private | Agriculture | 0.0061 (Hectare ) | 0.0061 |
| 175 | 940/3540 | Private | Agriculture | 0.0036 (Hectare ) | 0.0036 |
| 176 | 941 | Private | Agriculture | 0.0055 (Hectare ) | 0.0055 |
| 177 | 942 | Private | Agriculture | 0.0061 (Hectare ) | 0.0061 |
| 178 | 943 | Private | Agriculture | 0.0067 (Hectare ) | 0.0067 |
| 179 | 944 | Private | Residential | 0.0073 (Hectare ) | 0.0073 |
| 180 | 945 | Private | Agriculture | 0.0073 (Hectare ) | 0.0073 |
| 181 | 946 | Private | Agriculture | 0.0109 (Hectare ) | 0.0109 |
| | | | | Total | 2.9822 |

[F. No. RO/BBSR/11011/NH/IAHE/39/Smbp-Nuagaon/2017/3A]
SHAIKH AMINKHAN, Director

## ପାଟଣା ରେଞ୍ଜରେ ୪ ହାତୀ; ଭାଙ୍ଗିଲେ ୨ ଘର



ଡୁରୁମୁଙ୍ଗା,୪।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ସୋମବାର ସକାଳୁ ୪ ଟିକିଆ ହାତୀପଲ ଅଟେଇ ଜଙ୍ଗଲରୁ ଆସି ମଲ୍ଲୀପଶି ଗାଁରେ ପଶିଥିଲେ। ଗ୍ରାମର ରଜାଭାବି ସାହି ନିକଟ ଜଙ୍ଗଲରେ ହାତୀଗୁଡ଼ିକ ଡେରା ପକାଇ ରହିଥିବା ଜଣାପଡ଼ିଛି। ଏହି ହାତୀପଲ କୁମୁଳାବାହାଲି ଗ୍ରାମର ଚମ୍ପାମୁଣ୍ଡାଙ୍କ ଘର ସହ ଜାମୁଲେଇ ବେଢ଼ାର ସୂର୍ଯ୍ୟ ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି। ଅଞ୍ଚଳରୁ ହାତୀଗୁଡ଼ିକୁ ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ତେଲକୋଇରେ ମାଟ୍ରିକ ଫଳ ନୈରାଶ୍ୟଜନକ

# ଦୁଇବର୍ଷ ହେଲା ମିଳୁନି 'ଏ -୧' ଗ୍ରେଡ୍, ଚିନ୍ତାରେ ଅଭିଭାବକ

ତେଲକୋଇ,୪।୫(ସମିସ): ଚଳିତ ଶିକ୍ଷା ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍‌ରେ ମାଟ୍ରିକ ଫଳନୈରାଶ୍ୟଜନକ ହୋଇଛି। ଫଳରେ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଭବିଷ୍ୟତକୁ ନେଇ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି। ଚଳିତ ବର୍ଷ ଏ-୧ ଗ୍ରେଡ୍ ଶୂନ ହୋଇଥିବା ବେଳେ ପୂର୍ବ ବର୍ଷ ମଧ୍ୟ ଶୂନ ହୋଇଥିଲା। ଲଗାତାର ଦୁଇବର୍ଷ ହେବ ତେଲକୋଇ ବ୍ଲକ୍‌ରେ ଏ-୧ ଫଳାଫଳ ନୈରାଶ୍ୟ ଜନକ ହୋଇଛି। ଜିଲ୍ଲାର ଆଉ ସମସ୍ତ ବ୍ଲକ୍‌ରେ ଊଣା ଅଧିକେ ଏ-୧ ଗ୍ରେଡ୍ ମିଳିଥିବା ବେଳେ ତେଲକୋଇ ବ୍ଲକ୍‌ରେ କେହି ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇନାହାନ୍ତି। ଏହା ଶିକ୍ଷା କ୍ଷେତ୍ରରେ ତେଲକୋଇ ବ୍ଲକ୍ ନିମ୍ନଗାମୀ ହେଉଥିବା ଦର୍ଶାଉଛି ବୋଲି ଅଭିଯୋଗ ହୋଇଛି। ଏଥିପାଇଁ ଶିକ୍ଷା ବିଭାଗ, ବିଦ୍ୟାଳୟ କର୍ତ୍ତୃପକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ନା ଅଭିଭାବକ କିଏ ଦାୟୀ? ତାହା ଏବେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗକୁ ଏଭଳି ହେଲେ ଶିକ୍ଷାର ବିପର୍ଯ୍ୟୟ ସୁନିଶ୍ଚିତ ବୋଲି ଅଭିଭାବକ ମହଲରେ ମତପ୍ରକାଶ ପାଇଛି। ତେବେ ତେଲକୋଇ ବ୍ଲକରେ ୩୫ ବିଦ୍ୟାଳୟର ୧୫୬୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୧୫୨୭




ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ ହାର ଶତକଡ଼ା ୯୭.୫୦ ପ୍ରତିଶତ ହୋଇଥିବା ବେଳେ ଏ-୧ ଗ୍ରେଡ୍ ଶୂନ ରହିଛି। ୮୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ସି, ଡି ଓ ଇ ଗ୍ରେଡ୍‌ରେ ପାସ୍ କରିଛନ୍ତି। ଏଥିରୁ ଅନୁମେୟ ତେଲକୋଇ ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା କେତେ ସୁଦୃଢ଼। ଅନ୍ୟପଟେ ଦୀର୍ଘ ଦୁଇ ବର୍ଷରୁ ଅଧିକ ହେବ ତେଲକୋଇ ଶିକ୍ଷା ବିଭାଗ ମୁରବୀ ବିହୀନ ହୋଇପଡ଼ିଛି। ଫଳରେ ବ୍ଲକ୍ ଅଞ୍ଚଳରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମନମାନି ବୃଦ୍ଧି ପାଇଛି। କେତେକ ଶିକ୍ଷକ ଶିକ୍ଷୟିତ୍ରୀ ପରୋକ୍ଷରେ ରାଜନୀତିରେ ମସଗୁଲ ରହିଛନ୍ତି। ଆଉ କେତେକ ଶିକ୍ଷକ ଟୁଲ, ମହୁଲଠାରୁ ଆରମ୍ଭ କରି ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ କାରବାରରେ ସଂଶ୍ଳିଷ୍ଟ ରହିଥିବା ବେଳେ ଆଉ କେତେକ ଠିକାଦାରୀ ସାଜିଛନ୍ତି। ଶିକ୍ଷାଦାନ ଅପେକ୍ଷା ରାଜନୀତି ଓ ନିଜସ୍ୱ କାରବାରକୁ ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ ହୋଇଛି। ଫଳରେ ତେଲକୋଇ ବ୍ଲକ୍ ଶିକ୍ଷା କ୍ଷେତ୍ରରେ କ୍ରମାଗତ ନୈରାଶ୍ୟଜନକ ଫଳ ଦେଖୁଥିବା ଚର୍ଚ୍ଚା ହେଉଛି। ଏଥିପ୍ରତି ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଅନ୍ଧାରରେ ଆମ୍ବଗଡ଼ିଆ ଛକ; ଆଲୋକୀକରଣ ଦାବି

ହାଟଡ଼ିହୀ,୪।୫(ସମିସ): ସନ୍ଧ୍ୟା ମାତ୍ରକେ ହାଟଡ଼ିହୀ ବ୍ଲକ୍ ଢେଙ୍କା ପଞ୍ଚାୟତ ଅନ୍ତର୍ଗତ ଆମ୍ବଗଡ଼ିଆ ଛକଟି ଅନ୍ଧାର ଭିତରେ ହଜିଯାଉଛି। ରାତି ବଢ଼ିଲେ ଚୋରି, ଡକାୟତି, ଛିନତାଇ ଆଦି ଅଘଟଣ ଘଟିବା ନେଇ ଆଶଙ୍କା ବୃଦ୍ଧି ପାଉଛି। ପୂର୍ବରୁ ଏହି ଛକ ନିକଟରେ ଦିନବେଳା ଶିକ୍ଷୟିତ୍ରୀ, ବ୍ୟବସାୟୀ ଆଦିଙ୍କୁ ଅଟକାଇ ଟଙ୍କା, ସୁନାଗହଣା ଲୁଟ୍ ହୋଇଥିବାର ଦୃଷ୍ଟାନ୍ତ ମଧ୍ୟ ରହିଛି। ଏଠାରେ ଏକ ବସଷ୍ଟାଣ୍ଡର ଆବଶ୍ୟକତା ରହିଛି। ଦୀର୍ଘବର୍ଷରୁ ରହିଥିବା ଯାତ୍ରୀ ବିଶ୍ରାମଗାର ଘରଟି ଭାଙ୍ଗିରୁଜି ଯାଇଥିବା ବେଳେ ଉକ୍ତ ଘରର ଛାତ ଗଳି ଯିବାକୁ ବସିଲାଣି କ୍ଷ ଏପରିକି ବିଶ୍ରାମଗାର ଭିତର ଅଳିଆ ଆବର୍ଜନାରେ ପୂରିଯାଇଛି। ତେବେ, ସରକାରଙ୍କ ଯୋଜନା ମୁତାବକ ଗାଁ ଠୁ ଛକ ବଜାର ଚାରିଆଡ଼େ ଆଲୁଅ ବ୍ୟବସ୍ଥା ହୋଇ ଚାଲିଥିବା ବେଳେ ଆମ୍ବଗଡ଼ିଆ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଛକ ଉପରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ନପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ଏହି ଛକରେ ବସକୁ ଅପେକ୍ଷା



କରି ଯାତ୍ରୀମାନେ ଭଦ୍ରକ, ବାଲେଶ୍ୱର, କଟକ, ଭୁବନେଶ୍ୱର, ରାଉରକେଲା ମୟୂରଭଞ୍ଜ, କେନ୍ଦୁଝର ସଦର ମହକୁମା, ଭଳି ପ୍ରମୁଖ ସହରମାନଙ୍କୁ ଯାଇଥାନ୍ତି। ବିଶ୍ରାମଗାର ନଥିବାରୁ ଗନ୍ତବ୍ୟସ୍ଥଳକୁ ଯିବା ପୂର୍ବରୁ ବସ୍‌କୁ ରାସ୍ତାକଡ଼ କିମ୍ବା ଗଛମୂଳେ ବସିବାକୁ ପଡୁଛି। ଛକଟି ହଦଗଡ଼ ଅଭୟାରଣ୍ୟ ନିକଟବର୍ତ୍ତୀ ହୋଇଥିବାରୁ ରାତି ହେଲେ ବନ୍ୟଜନ୍ତୁଙ୍କ ଭୟ ସହ ନିଛାଟିଆ ନିର୍ଜନ ସ୍ଥାନ ହୋଇଥିବାରୁ ଚୋରି, ଡକାୟତି, ଛିନତାଇ ଆଦିର ଭୟ ଲାଗି ରହୁଛି। ଆନନ୍ଦପୁର ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ତୁରନ୍ତ ଆଲୋକୀକରଣ ବ୍ୟବସ୍ଥା ସହ ଏକ ସୁରକ୍ଷିତ ବିଶ୍ରାମଗାର ନିର୍ମାଣ କରାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଅଲେଖ ମହିମା ଧର୍ମର ଇତିହାସ 'ଧ୍ୱନି ଗ୍ରନ୍ଥ' ଉନ୍ମୋଚିତ



ଆନନ୍ଦପୁର,୪।୫(ସମିସ): ସିଦ୍ଧ ସାଧୁ ବିଶ୍ୱନାଥ ବାବାଙ୍କ ମହିମା ଧର୍ମର ଇତିହାସ ଧର୍ମଗ୍ରନ୍ଥ ଉନ୍ମୋଚିତ ହୋଇଯାଇଛି। ୩୬୮ ପୃଷ୍ଠାର ଗ୍ରନ୍ଥକୁ ଅତାସାହି ପାଟଣାର ଅବସରପ୍ରାପ୍ତ ଶିକ୍ଷକ ବିବେକାନନ୍ଦ ସାହୁ ଗଦ୍ୟ ଅନୁବାଦ କରିଛନ୍ତି। ଅତାସାହି ପାଟଣା ଗ୍ରାମରେ ଅନୁଷ୍ଠିତ ଉନ୍ମୋଚନ କାର୍ଯ୍ୟକ୍ରମରେ ବ୍ରହ୍ମାବଧୂତ ଅନ୍ତର୍ଯ୍ୟାମୀ ବାବା, ଆକୁଳି ବାବା, ଶୁକଦେବ ବାବା, ମୋହନ ବାବା, ଭୀମ ବାବା, ନବ ବାବା, ଅନାମ ବାବା, ଗୋପାଳ ବାବା ପ୍ରମୁଖ ଉନ୍ମୋଚନ କରିଥିଲେ। ସାଧୁ କ୍ଷମାନନ୍ଦ ଦାସ, ଅଲେଖ ଦାସ, ମୁକୁନ୍ଦ ଦାସ, ଅଭୟ, ଦୟାନିଧି ଦାସ, ରବି ଦାସ, ଅଜୁ ଦାସ, କାର୍ତ୍ତିକ ଦାସ, ଅଧ୍ୟାପକ ସୁଶାନ୍ତ ମହାନ୍ତ, ନରୋତ୍ତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ଆଘାତରେ ଶ୍ରମିକ ମୃତ

ହାଟଡ଼ିହୀ,୪।୫(ସମିସ): ନନ୍ଦିପଦା ଥାନା ବିଷ୍ଣୁପୁର ଗ୍ରାମରେ ଅଘଟଣ ଘଟିଛି। ବିଷ୍ଣୁପୁର ଗ୍ରାମର ଜୈନିକ ବ୍ୟକ୍ତିଙ୍କ ଘରେ ଫାଇବାର ଝରକା ଲଗାଉଥିବା ବେଳେ ଅସାବଧାନତାବଶତଃ ଜଣେ ଶ୍ରମିକଙ୍କ ଦେହରେ ବିଦ୍ୟୁତ ଆଘାତ ଲାଗିଥିଲା। ବିଦ୍ୟୁତ ଆଘାତରେ ଶ୍ରମିକ ଜଣକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ ଶାଳଣିଆଁ ଗୋଷ୍ଠୀ ଚିକିତ୍ସାକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ଉକ୍ତ ଶ୍ରମିକଙ୍କ ଘର ଭଦ୍ରକ ଜିଲ୍ଲା ବନ୍ତ ଥାନା ପଦନପଡ଼ା ଗ୍ରାମରେ ହୋଇଥିବା ବେଳେ ବନ୍ତ ବଜାରରେ ତାଙ୍କର ଏକ ୱେଲ୍ଡିଂ ଦୋକାନ ରହିଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମ୍ବର୍ଦ୍ଧନା ଉତ୍ସବ




ଡୁରୁମୁଙ୍ଗା,୪।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଚଳିତ ମାଟ୍ରିକ ପରୀକ୍ଷାରେ ଭଲ ଫଳାଫଳ କରିଛନ୍ତି। ବିଦ୍ୟାଳୟରେ ଶତ ପ୍ରତିଶତ ଫଳ ହୋଇଥିବାବେଳେ ସୋମବାର ବିଦ୍ୟାଳୟ ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଦଶମ ଶ୍ରେଣୀ ପରୀକ୍ଷାରେ ଏ ୧ ଗ୍ରେଡ୍‌ରେ ସ୍ଥାନ ପାଇଥିବା ବିଦୁସ୍ମିତା ମହାନ୍ତ ଏବଂ ଏ ୨ ଗ୍ରେଡ ସ୍ଥାନ ପାଇଥିବା ଅମର ପ୍ରସାଦ ପଣ୍ଡା, ଅର୍ଚ୍ଚନା ସାହୁ, ସୌଦାମିନୀ ସାହୁ, ପ୍ରଭୋଲ୍ଲିକା ସାହୁ, ଅପରାଜିତା ସାହୁ ଓ ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭା ଓ ପ୍ରାଦେଶିକ ମେଧା ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା କାବ୍ୟେଶ ବେହେରା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇପିଏସ୍ ଶୁଭସ୍ମିତା ସେଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ସହିତ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥିଭାବେ ଉତ୍ତର ସମ୍ଭାଗ ସଂଯୋଜକ କ୍ଷେତ୍ରମୋହନ ଦାଶ, ସମ୍ପାଦକ ପ୍ରମୋଦ କୁମାର ସାହୁ, ଉପସଭାପତି ସୁଧାଂଶୁ ଶେଖର ସାହୁ, ଅଶୋକ କୁମାର ସାହୁ, ମୋଚିରାମ ସାହୁ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ଦେବକୀ ମହାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟ ଗୋକୁଳ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଯବାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କେନ୍ଦୁଝର,୪।୫(ସମିସ): କେନ୍ଦୁଝର ସଦର ବ୍ଲକ୍ ବଉଳମାଳ ଗାଁର ଯବାନ ନାରଦ ଚନ୍ଦ୍ର ନାୟକ ଦୀର୍ଘ ୩୬ ବର୍ଷ ଦେଶ ସେବାରେ ନିଜକୁ ନିୟୋଜିତ କରି ଅବସର ପରେ ରବିବାର ଘରକୁ ଫେରିଛନ୍ତି। ତାଙ୍କ ଫେରିବା ଖୁସିରେ ଜନ୍ମମାଟି ଉତ୍ସବମୁଖର ହୋଇଉଠିଛି। ସେ ଗାଁରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀ ତଥା ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇବା ସହିତ ଗ୍ରାମ ପରିକ୍ରମା କରାଯାଇ ଘରକୁ ନିଆଯାଇଥିଲା। ସେ ୧୯୯୦ ମସିହାରେ ୨୨ ବାଟାଲିୟନ ବିଏସ୍‌ଏଫ୍ କନେଷ୍ଟବଲ ଭାବେ ଭାରତୀୟ ସେନାରେ ଯୋଗ ଦେଇଥିଲେ। ମେଘାଳୟସ୍ଥିତ ହଜାରିବାଗ ଟ୍ରେନିଂ ସେଣ୍ଟରରେ ଟ୍ରେନିଂ ସାରି ଭାରତର ଜାମୁକାଶ୍ମୀର, ଲଦାଖ, ଇଣ୍ଡୋ-ଚାଇନା ବର୍ଡର, ପଞ୍ଜାବ, ୱେଷ୍ଟବେଙ୍ଗଲ ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଥିଲେ। ନିଜର ଚାକିରିକାଳ ମଧ୍ୟରେ ୨ ଥର ପଦୋନ୍ନତି ପାଇଥିଲେ। ଜଣେ ଦେଶପ୍ରେମୀ ସୈନିକ ଭାବେ ପରିଚିତ ନାରଦ ଚନ୍ଦ୍ର ନାୟକ ୧୯୯୯ ମସିହା କାର୍ଗିଲ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ମେଘାଳୟର ସିଲିଂ ଜିଲ୍ଲାରେ ଚାକିରି କାର୍ଯ୍ୟକାଳର ଶେଷ ସମୟ ବିତାଇଥିଲେ।

## ଦନେଇପୁରରୁ ହରିଣ ଉଦ୍ଧାର



ହାଟଡ଼ିହୀ,୪।୫(ସମିସ): ହଦଗଡ଼ ବନାଞ୍ଚଳ ଅଧୀନ ଦନେଇପୁର ନିକଟରୁ ଏକ ହରିଣ ଉଦ୍ଧାର ହୋଇଛି। ଗତକାଲି ଅପରାହ୍ନ ସମୟରେ ହଦଗଡ଼ ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣରେ ଚାଲିଆସି ଗାଁ ଅଭିମୁଖେ ଚାଲିଆସିଥିବା ଏହି ମାଈ ହରିଣଟିକୁ ଦେଖି କୁକୁର ଭୁକିବାରୁ ଲୋକେ ଜାଣିପାରିଥିଲେ। ସ୍ଥାନୀୟ ଲୋକଙ୍କ ନଜରକୁ ଆସିବାରୁ ସେମାନେ ହରିଣକୁ ଉଦ୍ଧାର କରିଥିଲେ। ଉଦ୍ଧାରବେଳେ କୁକୁର ଦ୍ୱାରା ହରିଣଟି ଆହତ ହୋଇଥିବା ଜଣାପଡ଼ିଥିଲା। ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ସେଠାରୁ ହରିଣଟିକୁ ଉଦ୍ଧାର କରି ଚିକିତ୍ସା କରାଉଥିବା ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ କହିଛନ୍ତି।

# କୁଶଳେଶ୍ୱର ସ୍କାଉଟ ପକ୍ଷରୁ ପାନୀୟ ଜଳ ସେବା

ଆନନ୍ଦପୁର,୪।୫(ସମିସ): ଘସିପୁରା ବ୍ଲକ୍ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ରୋଭର ଓ ରେଞ୍ଜର ବିଭାଗ ତରଫରୁ ଏକ ବିଶୁଦ୍ଧ ପାନୀୟ ଜଳ ସେବା ଶିବିର ସେଣ୍ଟେଇ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କଲେଜର ଅଧକ୍ଷ ସଞ୍ଜୟ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଡ. ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଅଧ୍ୟାପକ ଭବାନୀ ପ୍ରସାଦ ବଳ, ସୁଧାକର ଜେନା, ମହେଶ୍ୱର ପାତ୍ର, କ୍ଷେତ୍ରବାସୀ ସୋରେନ, ଗଣେଶ ହେମ୍ବ୍ରମ, ବିଜୟ କୁମାର ଚକ୍ର, ଅଧ୍ୟାପିକା ଇଲାବତୀ ଖୁଣ୍ଟିଆ, ମିତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରୋଭର ସତ୍ୟବ୍ରତ ସାହୁ, ଶୁଭମ ଓଝା, ସୁବ୍ରତ କୁମାର ଜେନା, ରେଞ୍ଜର ଶକ୍ତିରୂପା ବଳ, ଲିଜାରାଣୀ ଦାସ, ପ୍ରୀତିପ୍ରଜ୍ଞା ରାଉତ, ଜ୍ୟୋତିର୍ମୟୀ ଜେନା ପ୍ରମୁଖ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।



## ଭିନ୍ନକ୍ଷମ ସଚେତନତା କର୍ମଶାଳା




କେନ୍ଦୁଝର,୪।୫(ସମିସ): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦଭାବନା ପକ୍ଷରୁ ସ୍ଥାନୀୟ ଝୁମ୍ପୁରା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ଦିନିକିଆ ଭିନ୍ନକ୍ଷମ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଝୁମ୍ପୁରା ବ୍ଲକ୍‌ର ନହବେଡା, ଖେଣ୍ଡରା, ବାଲିବନ୍ଧ, ଖୁଣ୍ଟାପଡ଼ା, ଝୁମ୍ପୁରା ଓ ଅର୍ଶଳା ପଞ୍ଚାୟତରୁ ୬୫ରୁ ଉର୍ଦ୍ଧ୍ୱ ଅଙ୍ଗନବାଡ଼ି କର୍ମୀ ଯୋଗ ଦେଇଥିଲେ। ସମାଜରେ ଭିନ୍ନକ୍ଷମ ଲୋକ ସାମାଜିକ ମର୍ଯ୍ୟାଦା ନେଇ ବଞ୍ଚିବା ସହ କିପରି ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ, ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଥିଲା। ତୃଣମୂଳ ସ୍ତରରୁ ଏଥି ପ୍ରତି କାର୍ଯ୍ୟ କରିବାର ଅଛି ବୋଲି ସ୍ଥିର କରି ଆଜି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଭିନ୍ନକ୍ଷମତା କ'ଣ, ଭିନ୍ନକ୍ଷମ ହେବାର ସମ୍ଭାବ୍ୟ କାରଣ, ଆଦ୍ୟ ଚିହ୍ନଟିକରଣ, ସେମାନଙ୍କ ଲାଗି ଥିବା ସରକାରୀ ଯୋଜନା ଓ ଯୋଜନା ଉପଲବ୍ଧ କରାଉଥିବା ସଂସ୍ଥା ଗୁଡ଼ିକ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଝୁମ୍ପୁରା ବ୍ଲକ୍‌ର ସାମାଜିକ ସୁରକ୍ଷା ଅଧିକାରୀ ବନ୍ଦନା ଗିରି, ସମ୍ମାନିତ ଅତିଥି ଭାବେ ସାଇବାଣୀ ବେହେରା ଯୋଗ ଦେଇଥିଲେ। ଏହି କର୍ମଶାଳାକୁ ସଦ୍‌ଭାବନା ଅନୁଷ୍ଠାନର କର୍ମୀ ପରିଚାଳନା କରିଥିଲେ।

# ଆନନ୍ଦପୁରରେ କେବେ ଖୋଲିବ ଏଆର୍‌ଟିଓ

ଆନନ୍ଦପୁର,୪।୫(ସମିସ): ଆନନ୍ଦପୁର ଉପଖଣ୍ଡରେ ଏଆର୍‌ଟିଓ କେବେ ଖୋଲିବ ବୋଲି ପ୍ରଶ୍ନ ଉଠୁଛି। ବିଭିନ୍ନ ଅଞ୍ଚଳରୁ, ଏପରିକି ପ୍ରାୟ ୧୩୦ କିଲୋମିଟର ଦୂରରୁ କେନ୍ଦୁଝର ମୁଖ୍ୟାଳୟକୁ ପରିବହନ ସମ୍ପର୍କିତ କାର୍ଯ୍ୟରେ ଲୋକେ ଯାଉଥିବାବେଳେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆନନ୍ଦପୁର ଉପଖଣ୍ଡରେ ଗାଡ଼ିମୋଟର ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଥିବା ବେଳେ ଗାଡ଼ିର ନଥିପତ୍ର ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ଏ ସମ୍ପର୍କିତ କାର୍ଯ୍ୟ ପାଇଁ ଲୋକଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ରାଜ୍ୟ ସରକାର ଏହାର ସ୍ଥାୟୀ ସମାଧାନ କରିବା ପରିବର୍ତ୍ତେ ଶାଳପଡ଼ାର ଇନ୍ଦିର ଇନ୍ଦିରା ପଡ଼ିଆଠାରେ ଆରମ୍ଭ କରିଥିବା ଗାଡ଼ିର ଫିଟନେସ୍ କ୍ୟାମ୍ପ ମାତ୍ର କିଛିଦିନ ପରେ ବନ୍ଦ ହୋଇଯାଇଛି। ହେଲେ ଜିଲ୍ଲାର ଚମ୍ପୁଆ ଉପଖଣ୍ଡ ଅଧିବାସୀଙ୍କୁ ସୁବିଧା ଦେବା ପାଇଁ ବଡ଼ବିଲଠାରେ ଏଆର୍‌ଟିଓ କାର୍ଯ୍ୟାଳୟ ଖୋଲାଯାଇଥିବା ବେଳେ ଆନନ୍ଦପୁରଠାରେ ଏଆର୍‌ଟିଓ କାର୍ଯ୍ୟାଳୟ ଖୋଲୁନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝରଠାରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ବାରମ୍ବାର ଯିବାକୁ ପଡୁଥିବାରୁ ଆନନ୍ଦପୁର ଉପଖଣ୍ଡର ଜନସାଧାରଣ ନାହିଁନଥିବା ହୀନସ୍ତା ହେଉଛନ୍ତି। ପରିବହନ କାର୍ଯ୍ୟାଳୟ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ଥିବାରୁ ଲୋକେ କାଗଜପତ୍ର ଓ ଲାଇସେନ୍ସ ପାଇଁ ହଇରାଣ ହେଉଛନ୍ତି। ଜିଲ୍ଲାର ଚମ୍ପୁଆ ଉପଖଣ୍ଡର ବଡ଼ବିଲରେ ୧୫ବର୍ଷ ତଳୁ ଏଆର୍‌ଟିଓ କାର୍ଯ୍ୟାଳୟ ଖୋଲାଯାଇଥିବା ବେଳେ ଆନନ୍ଦପୁରକୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ଉପଖଣ୍ଡର ଜନସଂଖ୍ୟା ପ୍ରାୟ ୮ ଲକ୍ଷ ୫୦ ହଜାରରୁ ଅଧିକ ଓ ଗାଡ଼ି ସଂଖ୍ୟା ପ୍ରାୟ ୮୦ ହଜାରରୁ ଊର୍ଦ୍ଧ୍ୱ। ବର୍ତ୍ତମାନ ଗାଡ଼ି ଚଳାଇବା ପାଇଁ କାଗଜପତ୍ର ଓ ଲାଇସେନ୍ସ ଅତି ଜରୁରୀ ହୋଇପଡ଼ିଛି। ସମସ୍ତ କାଗଜପତ୍ର ଓ ଲାଇସେନ୍ସ ପାଇଁ କେନ୍ଦୁଝର ଜିଲ୍ଲା ପରିବହନ କାର୍ଯ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଛି। ଆନନ୍ଦପୁରରୁ କେନ୍ଦୁଝର ପରିବହନ କାର୍ଯ୍ୟାଳୟ ୮୦ କିମି ଦୂର ହୋଇଥିବା ବେଳେ ଉପଖଣ୍ଡର ଅନେକ ସ୍ଥାନରୁ ଏହାର ଦୂରତା ପ୍ରାୟ ୧୩୦ କିମିରୁ ବି ଊର୍ଦ୍ଧ୍ୱ ରହିଛି। ଗୋଟିଏ ଦିନରେ କେନ୍ଦୁଝରରୁ ଗାଡ଼ିକାର୍ଯ୍ୟ ସାରି ଫେରିବା କଷ୍ଟକର ହୋଇପଡୁଥିବାରୁ ଉପଖଣ୍ଡ ଅଧିବାସୀ ଅସୁବିଧା ଭୋଗୁଛନ୍ତି। ଲାଇସେନ୍ସ କରିବା ପାଇଁ ଓ ବିଭିନ୍ନ କାମ ପାଇଁ ଗଲେ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଲୋକେ ହଇରାଣ ହେବା ସହିତ ଅଯଥା ଖର୍ଚ୍ଚାନ୍ତ ହୋଇ ନିରାଶରେ ଘରକୁ ଫେରୁଛନ୍ତି। ପୂର୍ବରୁ ଏଠାରେ ଏଆର୍‌ଟିଓ କାର୍ଯ୍ୟାଳୟ ଖୋଲିବାକୁ ଆନନ୍ଦପୁରର ବିଧାୟକ ଭାଗୀରଥି ସେଠୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅଦ୍ୟାବଧି ଏହି ପ୍ରସ୍ତାବ ଶୀତଳ ଭଣ୍ଡାରରେ ରହିଛି। ଆନନ୍ଦପୁରରେ ଏଆର୍‌ଟିଓ କାର୍ଯ୍ୟାଳୟ ଖୋଲିବାକୁ ବିଭିନ୍ନ ମହଲରେ ଦୃଢ଼ ଦାବି ହୋଇଛି।

### ଜିଲ୍ଲାରେ ନାହିଁ ସୈନିକ ବୋର୍ଡ

# ପୂର୍ବତନ ସୈନିକ ପୁନର୍ବାସ ଯୋଜନାରେ ପ୍ରତିଷ୍ଠା ଦାବି


**ବାରିପଦା, ୪।୫(ସମିସ)**

ଦେଶର ସୁରକ୍ଷାରେ ଅହରହ ନିୟୋଜିତ ହେଉଥିବା ସୈନିକଙ୍କ ପାଇଁ ୧୯୯୮ରୁ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ସୈନିକ ବୋର୍ଡ ନାହିଁ। ଏହା କାର୍ଯ୍ୟକ୍ଷମ ନ ହେବାରୁ ପୂର୍ବତନ ସୈନିକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୈନିକଙ୍କ ସମସ୍ୟା ବୁଝିବା ପାଇଁ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାରେ ଜିଲ୍ଲା ସୈନିକ ସେଲର, ଏୟାରମ୍ୟାନ ବୋର୍ଡ (ଡିଏସଏସଏ ବୋର୍ଡ) ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଅଧୀନରେ କାର୍ଯ୍ୟ କରୁଥିଲା। ଉକ୍ତ ବୋର୍ଡ ଜରିଆରେ କାର୍ଯ୍ୟରତ ସୈନିକ, ଅବସରପ୍ରାପ୍ତ ସୈନିକ, ଯୁଦ୍ଧରେ ସହିଦ ସେନା କର୍ମଚାରୀଙ୍କ ପରିବାର, ଯୁଦ୍ଧରେ ଆହତ ହୋଇଥିବା ସୈନିକ, ବିଭିନ୍ନ ଶାନ୍ତି ଓ ଯୁଦ୍ଧ ସେବା ମେଡାଲ ହାସଲ କରିଥିବା ସୈନିକ, ସେନା କାର୍ଯ୍ୟ କରୁଥିବା ଅବସ୍ଥାରେ ନିଜର ଅଙ୍ଗ ହରାଇଥିବା ସୈନିକ ଓ ତାଙ୍କର ପରିବାରଙ୍କୁ ସ୍ଥାନୀୟ ପ୍ରଶାସନିକ ସହାୟତା ମିଳୁଥିଲା। ଅବସରପ୍ରାପ୍ତ ସୈନିକଙ୍କୁ ପରିଚୟପତ୍ର, ସୈନିକଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ବାବଦରେ ପ୍ରମାଣପତ୍ର ସହିତ ଅନେକ କାର୍ଯ୍ୟ ଏହି ବୋର୍ଡ ଜରିଆରେ ହେଉଥିଲା। ସୈନିକଙ୍କ ପୁନର୍ବାସ, ଥଇଥାନ ପାଇଁ ମଧ୍ୟ ଏହି ବୋର୍ଡର ଆବଶ୍ୟକତା ପଡୁଥିଲା। କିନ୍ତୁ ୧୯୯୮ରେ ଏହି ବ୍ୟବସ୍ଥା ଜିଲ୍ଲାରୁ ଉଚ୍ଛେଦ କରାଯାଇଥିଲା। ପରେ କେନ୍ଦ୍ରୀୟ ସୈନିକ ବୋର୍ଡ ଅଧୀନରେ କାର୍ଯ୍ୟ କରିବାକୁ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ସୈନିକ ବୋର୍ଡ ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟ ସୈନିକ ବୋର୍ଡର ସମ୍ପାଦକ ଓ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପାଦିତ ହେବା କଥା। ସେହିପରି ରାଜ୍ୟ ସୈନିକ ବୋର୍ଡ ଅଧୀନରେ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ସୈନିକ ବୋର୍ଡ ଗଠନ ହେବା ନିୟମ ରହିଛି। ମୟୂରଭଞ୍ଜ ଜିଲ୍ଲାରେ ସୈନିକ ବୋର୍ଡ ନ ଥିବାରୁ ପୂର୍ବତନ ସୈନିକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପାଇଁ ଥିବା ସୁବିଧା ପାଇବାରେ ସମସ୍ୟା ହେଉଛି। ତେଣୁ ଜିଲ୍ଲାରେ ସୈନିକ ବୋର୍ଡ ଗଠନ କରାଯିବାକୁ ଦାବି ହେଉଛି।

ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ସୈନିକ ବୋର୍ଡ ପାଇଁ ଆବଶ୍ୟକ ହିତାଧିକାରୀଙ୍କ ସଂଖ୍ୟା ୭ ହଜାର ୫୦୦ ହେବା ଆବଶ୍ୟକ ବୋଲି ସରକାର ସର୍ତ୍ତ ରଖିଥିଲେ। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ହିତାଧିକାରୀଙ୍କ ସଂଖ୍ୟା କମ୍ ହେଲେ ମଧ୍ୟ ଜିଲ୍ଲା ସୈନିକ ବୋର୍ଡ ରାଜ୍ୟ ସରକାରଙ୍କ ଅନୁଦାନରେ ଚାଲିବା କଥା। ପରିତାପର ବିଷୟ ଯେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ସୈନିକ ବୋର୍ଡ ଗଠିତ ହେବା ପାଇଁ ଆବଶ୍ୟକୀୟ ହିତାଧିକାରୀଙ୍କ ସଂଖ୍ୟା ୧୨ ହଜାର ଟପିଲାଣି। କିନ୍ତୁ ଜିଲ୍ଲା ସୈନିକ ବୋର୍ଡ ଗଠନ ବର୍ତ୍ତମାନ ସୁଦ୍ଧା ହୋଇପାରିଲାନାହିଁ। ଯାହାକି ଦେଶର ସୁରକ୍ଷା ପାଇଁ ବଳିଦାନ ଦେଉଥିବା ସୈନିକଙ୍କ ପ୍ରତି ଏକ ଅସମ୍ମାନ ଅଟେ। ୨୦୧୩ରେ ମୟୂରଭଞ୍ଜ ଜିଲ୍ଲାରେ ଅବସରପ୍ରାପ୍ତ ସୈନିକ ଲିଗ ଗଠନ ହେବା ପରେ ଏହାର ସଭାପତି କର୍ଣ୍ଣେଲ ଡ. ଅଶୋକ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ସମ୍ପାଦକ ଜୁନିୟର ୱାରେଣ୍ଟ ଅଫିସର ଅଶୋକ କୁମାର ଦଳବେହେରା ମୟୂରଭଞ୍ଜ ସୈନିକଙ୍କ ପାଇଁ ଜିଲ୍ଲା ସୈନିକ ବୋର୍ଡ ଏକାନ୍ତ ଆବଶ୍ୟକ ବୋଲି ଅନୁଭବ କରିଥିଲେ। ଏ ନେଇ ରାଜ୍ୟ ସରକାର, ମୁଖ୍ୟ ଶାସନ ସଚିବଙ୍କୁ ଅବଗତ ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ଏପରିକି ଜିଲ୍ଲା ସୈନିକଙ୍କ ସମସ୍ୟା ବାବଦରେ ସ୍ଥାନୀୟ ନେତା ଓ ମନ୍ତ୍ରୀଙ୍କୁ ମଧ୍ୟ ବହୁବାର ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ କୋଣସି ପ୍ରକାର ସଫଳ ନ ହେବାରୁ ହତାଶ ହୋଇ ସମ୍ପାଦକ ଅଶୋକ କୁମାର ଦଳବେହେରା ୨୦୧୭ରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏ ନେଇ ତତ୍କାଳୀନ ଜିଲ୍ଲାପାଳ, ଅତିରିକ୍ତ ଶାସନ ସଚିବଙ୍କୁ ପତ୍ର ଲେଖି ସୂଚନା ପ୍ରଦାନ କରିଥିଲେ। ମାତ୍ର ପତ୍ର ଲେଖାଯିବାର ଦୀର୍ଘ ୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଜିଲ୍ଲା ସୈନିକ ବୋର୍ଡ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ମୟୂରଭଞ୍ଜ ଜିଲ୍ଲାର ପଡୋଶୀ କେନ୍ଦୁଝର ଜିଲ୍ଲାର ସୈନିକ ଓ ପରିବାର ସଦସ୍ୟଙ୍କୁ ମିଶାଇ ୪ ହଜାର ହୋଇଥିଲେ ମଧ୍ୟ ସେଠାକାର ନେତୃବୃନ୍ଦ ନିଜ ଜିଲ୍ଲାର ରାଜ୍ୟ ସରକାରଙ୍କ ସହାୟତାରେ ସୈନିକ କଲ୍ୟାଣ ବୋର୍ଡ ସ୍ଥାପନ କରାଇପାରିଛନ୍ତି। ତେବେ ମୟୂରଭଞ୍ଜ ଜିଲ୍ଲାରେ ଆବଶ୍ୟକ ଭିତ୍ତିଭୂମି ଥାଇ ମଧ୍ୟ ସୈନିକ ବୋର୍ଡ ପ୍ରତିଷ୍ଠା ହୋଇ ନ ପାରିବା କ୍ଷୋଭର ବିଷୟ ଅଟେ। ତେବେ ପୂର୍ବତନ ସୈନିକ ପୁନର୍ବାସ ଯୋଜନାରେ ତୁରନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାରେ ସୈନିକ ବୋର୍ଡ ସ୍ଥାପନ କରି ସୈନିକ ତଥା ସୈନିକ ପରିବାର ମାନଙ୍କର ଥଇଥାନ ଓ ମଙ୍ଗଳ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଅଧିକାରୀଙ୍କ ଛାଡୁନି ଇଂରାଜୀ ମୋହ

**କୁଆଁମରା, ୪।୫(ସମିସ):** ଓଡ଼ିଆ ଅସ୍ମିତା ନାରା ଦେଉଛନ୍ତି ସରକାର। ସୂଚନା ଫଳକ, ଅଫିସ ଚିଠି, ବିଜ୍ଞାପନ ପ୍ରଭୃତିକୁ ଇଂରାଜୀ ବଦଳରେ ଓଡ଼ିଆରେ ଲେଖିବାକୁ ସରକାର ଘୋଷଣା କରିଛନ୍ତି। ପ୍ରତି ସୂଚନା ଫଳକରେ ଓଡ଼ିଆ ଲେଖିବାକୁ ବାଧ୍ୟ ବୋଲି କଡାକଡି ନିର୍ଦ୍ଦେଶ ଦେଇଛନ୍ତି ସରକାର। ମାତ୍ର ନିୟମକୁ ସରକାରୀ ବାବୁ ଫୁ କରି ଦେଉଛନ୍ତି। ଅଧିକାଂଶ ସ୍ଥାନରେ ଏହା କେବଳ ଘୋଷଣାରେ ସୀମିତ ରହିଛି। ନିର୍ଦ୍ଦେଶ ସତ୍ତ୍ୱେ ବିଭାଗୀୟ ଅଧିକାରୀ ଇଂରାଜୀ ମୋହ ଛାଡିପାରୁ ନ ଥିବା ଦେଖିବାକୁ ମିଳୁଛି। ଫଳରେ ଇଂରାଜୀ ଭାଷା ଆଗରେ ଓଡ଼ିଆ ଭାଷା ଗୌଣ ହୋଇପଡୁଛି। ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଶାରେ ଓଡ଼ିଆ ଶାସନ ଓ ଓଡ଼ିଆ ଲେଖାପ୍ରତି ଗୁରୁତ୍ୱ ରହିବ ବୋଲି କହିଥିଲେ। ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଲେଖା ରହିଲେ ସାଧାରଣ ଲୋକ କାର୍ଯ୍ୟ ସମ୍ପର୍କରେ ବୁଝିପାରିବ। ମାତ୍ର ଚିରାଚରିତ ଭାବେ ପୂର୍ବ ଭଳି ଏବେ ବି ଇଂରାଜୀ ଭାଷାରେ ଅନେକ ସ୍ଥାନରେ ସୂଚନା ଫଳକ ରହିଛି। ଫଳରେ ବିଭିନ୍ନ କ୍ଷେତ୍ରରେ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଦୁଇବର୍ଷ ପୂର୍ବରୁ ସରକାରୀ କର୍ମଚାରୀଙ୍କୁ ଓଡ଼ିଆ ଭାଷାରେ ଲେଖା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇଥିଲେ ମଧ୍ୟ କାର୍ଯ୍ୟ ବେଳକୁ ଫଳ ଶୂନ୍ୟ। ପୂର୍ବ ଭଳି ଇଂରାଜୀ ପ୍ରୀତି ଛାଡ଼ିପାରୁନାହାଁନ୍ତି ବିଭାଗୀୟ ଅଧିକାରୀ। ତେବେ ସରକାରଙ୍କ ଘୋଷଣା କାର୍ଯ୍ୟକାରୀ କରିବା ପାଇଁ କଡାକଡି ଆଇନ ପ୍ରଣୟନ କରାଯିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।




### କାକବନ୍ଧ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ରୂପାଲୀ ମୃତ୍ୟୁ ଘଟଣା

## ବଜରଙ୍ଗ ସେନା ଓ ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ଦାବିପତ୍ର



**ବାରିପଦା, ୪।୫(ସମିସ):** ଗତ ଏପ୍ରିଲ ୧୨ ତାରିଖରେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କାକବନ୍ଧ ସରକାରୀ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ପ୍ରାଣ ହରାଇଥିବା ଛାତ୍ରୀ ରୂପାଲୀ ବେହେରାଙ୍କ ମୃତ୍ୟୁକୁ ନେଇ ଜିଲ୍ଲାରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ଅଭାବନୀୟ ଘଟଣାରେ ପରିବାରକୁ ନ୍ୟାୟ ପ୍ରଦାନ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ମୟୂରଭଞ୍ଜ ଜିଲ୍ଲା ବଜରଙ୍ଗ ସେନା ଓ ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।

ରୂପାଲୀଙ୍କ ଶବ ନେଇଯାଉଥିବା ଆମ୍ବୁଲାନ୍ସ ଉପରକୁ କିଛି ଦୁର୍ବୃତ୍ତ ପଥରମାଡ଼ କରିବା ସହ ନିଆଁ ହୁଳା ଫିଙ୍ଗିବା ଭଳି ଏକ ସମ୍ବେଦନଶୀଳ ଅଭିଯୋଗ ସାମ୍ନାକୁ ଆସିଥିଲା। ରୂପାଲୀଙ୍କ ଶବ ନେଇ ଆସିଥିବା ଆମ୍ବୁଲାନ୍ସ କାଚ ଭାଙ୍ଗି ମୃତକଙ୍କ ପରିବାର ଲୋକଙ୍କୁ ମାଡ଼ ମରାଯାଇଥିଲା। ଏପରି ସମ୍ବେଦନଶୀଳ ଘଟଣାରେ ସମ୍ପୃକ୍ତ ଥିବା ଅପରାଧୀଙ୍କୁ ଗିରଫ କରିବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ବଜରଙ୍ଗ ସେନା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ବଳାୟ ମୁର୍ମୁ। ଏହି କାର୍ଯ୍ୟକ୍ରମରେ କାର୍ତ୍ତିକ ମହାନ୍ତ, ଅଭିଜିତ ପଣ୍ଡା, ସଞ୍ଜିତ ବେହେରା, ମାନସ କର୍ମକାର, ସୁମନ୍ତ ଦାଶ, ବ୍ୟୋମକେଶ ସେଜପଡ଼ା, ବିମଳ ଦାସ, ମୋନାଜ୍ ବେହେରା, ଦୁର୍ଗା ସେନାପତି, ସତ୍ୟରଞ୍ଜନ ଗୋଛାୟତ ଙ୍କ ସମେତ ସଙ୍ଘର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ତକତପୁରରେ ଖୋଲିବ ଏଥନିକ୍ ଟ୍ରାଇବାଲ୍ ମଲ୍

**ବାରିପଦା, ୪।୫(ସମିସ):** ଆଦିବାସୀ ପ୍ରଧାନ ମୟୂରଭଞ୍ଜ ଜିଲ୍ଲା ପାଇଁ ଶୁଭ ଖବର। ଜିଲ୍ଲା ପ୍ରଶାସନ ପକ୍ଷରୁ ଏନ୍ଏଚ୍-୧୮ ରାସ୍ତା ପାର୍ଶ୍ୱ ତକତପୁର ନିକଟରେ ଏଥନିକ୍ ଟ୍ରାଇବାଲ୍ ମଲ୍ ଖୋଲିବାକୁ ଯାଉଛି। ଆଦିବାସୀ କଳା, ସଂସ୍କୃତି ଓ ଉଦ୍ୟୋଗିକତାକୁ ପ୍ରୋତ୍ସାହନ ଦେବା ପାଇଁ ଏହି ବିଶେଷ ସ୍ଥାନ କରାଯାଇଛି। ଯେଉଁଥିରେ ଆଦିବାସୀ କାରିଗରମାନଙ୍କୁ ସେମାନଙ୍କ ପ୍ରକୃତ ପ୍ଲାଟଫର୍ମ ମିଳିବ। ଜିଲ୍ଲା ପ୍ରଶାସନର ଏହା ଏକ ଉତ୍କୃଷ୍ଟ ଉଦ୍ୟମ। ଯାହା ଆଦିମ ଐତିହ୍ୟକୁ ଉଦ୍ୟାପିତ କରିବ। ବାରିପଦାସ୍ଥ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ସହଯୋଗରେ ଏହି ଭବନ ନିର୍ମାଣ କରାଯାଇଛି। ଏଥିପାଇଁ ପ୍ରାୟ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।

ଉକ୍ତ ମଲ୍‌ରେ ଆଦିବାସୀ ପୋଷାକ, ସବାଇ ଘାସରେ ତିଆରି ବିଭିନ୍ନ ଜିନିଷ, ମହୁ, ଝୁନା, ବଡ଼ି, ମସଲା, ଚାଉଳରେ ତିଆରି ଅରିସା, କାକରା, ବିରିୟାନି ଓ ମଣ୍ଡିଆରେ ତିଆରି ଅରିସା, କାକରା, ସୁପ୍, କେକ୍, ବିରିୟାନୀ ସମେତ ବେଷ୍ଟ ବେକାରୀ ଜାତୀୟ ଜିନିଷ, ବିଭିନ୍ନ ଆଦିବାସୀ ଉତ୍ପାଦ ଉପଲବ୍ଧ ହେବ। ଏହା ମାଧ୍ୟମରେ ଉଦ୍ୟୋଗିକତା ବିକାଶ ପାଇଁ ପ୍ରୟାସ କରାଯାଉଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରାରମ୍ଭରେ ଦୁଇଜଣ କର୍ମଚାରୀ ଉତ୍ପାଦ ପରିଚାଳନା ପାଇଁ ନିୟୋଜିତ ହେବେ। ଭବିଷ୍ୟତରେ ଆହୁରି ଅଧିକ କର୍ମଚାରୀ ନିୟୋଜିତ ହେବେ। ବ୍ୟବସାୟ କୌଶଳ ଅନୁଯାୟୀ, ଆଦିବାସୀ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ମାନଙ୍କଠାରୁ ଉତ୍ପାଦ ସଂଗ୍ରହ କରାଯିବ। ସମସ୍ତ ଉତ୍ପାଦରେ ବାରକୋଡ୍ ଲଗାଯିବ ଓ ଅନଲାଇନ୍ ମାଧ୍ୟମରେ ଷ୍ଟକ୍, ଦୈନିକ ବ୍ୟବସାୟର ଏଣ୍ଟ୍ରି କରାଯିବ। ଉତ୍ପାଦ ବିକ୍ରି ହେବା ପରେ ଏସ୍ଏଚ୍‌ଜିଙ୍କୁ ସେମାନଙ୍କ ଉତ୍ପାଦର ମୂଲ୍ୟ ପ୍ରଦାନ କରାଯିବ। ଏହା ମାଧ୍ୟମରେ ପରିଚାଳନା ଓ ଏସ୍ଏଚ୍‌ଜି ମଧ୍ୟରେ ସ୍ୱଚ୍ଛତା ବଜାୟ ରହିବ। ସ୍ଥାନ ଚୟନ ସମୟରେ ରାସ୍ତା ସଂଯୋଗ, ପରିବହନ ସୁବିଧା ଓ ଅନ୍ୟାନ୍ୟ ଅବସ୍ଥାପନାକୁ ଦୃଷ୍ଟିରେ ରଖାଯାଇଥିଲା। ଜିଲ୍ଲା ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି ଯେ, ଆଦିବାସୀ ଏସ୍ଏଚ୍‌ଜି ଏହା ମାଧ୍ୟମରେ ସେମାନଙ୍କ ଉତ୍ପାଦ ବିକ୍ରି କରି ଆୟର ଉତ୍ସ ପାଇପାରିବେ। ବହୁ ଆଦିବାସୀ ଉତ୍ପାଦ ଏ ପର୍ଯ୍ୟନ୍ତ ବଜାରରେ ସଠିକ୍ ଭାବେ ପହଞ୍ଚୁନାହିଁ ଓ ସହରାଞ୍ଚଳର ଲୋକେ ସେଗୁଡ଼ିକ ବିଷୟରେ ଅଜ୍ଞାତ ଥାଆନ୍ତି। ଏଥନିକ୍ ଟ୍ରାଇବାଲ୍ ମଲ୍ ଏକ ଉତ୍ତମ ପ୍ଲାଟଫର୍ମ। ଯେଉଁଥିରେ ଆଦିବାସୀ ଏସ୍ଏଚ୍‌ଜିଙ୍କୁ ଆୟର ସୁଯୋଗ ମିଳିବ। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକେ ଏହି ଉତ୍ପାଦ କିଣି ଲାଭ ପାଇପାରିବେ। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଏଥନିକ୍ ଟ୍ରାଇବାଲ୍ ମଲ୍ ପରିଦର୍ଶନ କରି ଉଦ୍‌ଘାଟନର ଅନ୍ତିମ ପ୍ରସ୍ତୁତି ସମୀକ୍ଷା କରିଛନ୍ତି।



## ଧନ୍ଦାମୂଳକ ଶିକ୍ଷାରେ ବାଳିକା ବିଦ୍ୟାଳୟର ଶତପ୍ରତିଶତ ସଫଳତା

**ରାଇରଙ୍ଗପୁର, ୪।୫(ସମିସ):** ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ରାଇରଙ୍ଗପୁରର ଛାତ୍ରୀ ଧନ୍ଦାମୂଳକ ଶିକ୍ଷାରେ ଶତପ୍ରତିଶତ ସହ ଉତୀର୍ଣ୍ଣ ହୋଇଛନ୍ତି। ଏଥିସହିତ ଧନ୍ଦାମୂଳକ ଶିକ୍ଷା (କୃଷି) ବିଷୟରେ ୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯ ଜଣ ଛାତ୍ରୀ ଶତପ୍ରତିଶତ ମାର୍କ ରଖିଛନ୍ତି। ୨୬ ଜଣ ଛାତ୍ରୀ ୯୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏ ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରିସିପ୍ରଭା ମହାନ୍ତ, ଜିଲ୍ଲା ସଂଯୋଜକ ସପନ କୁମାର ପୃଷ୍ଟି, ରାଜ୍ୟ ଧନ୍ଦାମୂଳକ ଶିକ୍ଷା (ଆଇସେକ୍ଟ)ର ମୁଖ୍ୟ ସନ୍ତୋଷ ପାଇକରାୟ ପ୍ରମୁଖ ବିଦ୍ୟାଳୟର ଧନ୍ଦାମୂଳକ କୃଷି ଶିକ୍ଷକ ଦୀପ୍ତିମନ୍ତ ପାଇକରାୟ ଓ ଇଲୋକ୍ଟ୍ରୋନିକ୍ସ ଶିକ୍ଷକ ସତ୍ୟନାରାୟଣ ବେହେରା ଓ ଅଜିତ କୁମାର ମହାପାତ୍ର ପ୍ରମୁଖ ସହିତ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ବିଦ୍ୟାଳୟର ଛାତ୍ରୀ ସିମରନ ଜାହାଁନ ୫୨୧ ମାର୍କ ରଖି ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଧନ୍ଦାମୂଳକ ଶିକ୍ଷାରେ ଶତ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଗୌରବ ଆଣିଛନ୍ତି।

# କେଶଡିହାରେ ପେସା ଗ୍ରାମସଭା



**ଠାକୁରମୁଣ୍ଡା, ୪।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଧୀନ କେଶଡିହା ଗ୍ରାମ ପଞ୍ଚାୟତର କେଶଡିହା ଗ୍ରାମର ରାଇଆଁ ସାହିରେ ସୋମବାର ଦିନ ପେସା ଗ୍ରାମସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଭିତରେ ପେସା ଆଇନ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଏହି ସଭାର ପ୍ରଧାନ ଉଦ୍ଦେଶ୍ୟ ଥିଲା। ସଭା ଆରମ୍ଭର ପୂର୍ବରୁ ଗ୍ରାମ ପ୍ରବେଶ ପଥରେ ଥିବା ପେସା ଆଇନ ୧୯୯୬ ଓ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୪୪(୧) ଲେଖା ଥିବା ପଥର ପାଖରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ମଙ୍ଗଲ ବାନାରାଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା। ଏହି ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପେସା ଗ୍ରାମସଭା କୋର୍ଡିନେଟର କମିଟି ସମ୍ପାଦକ ନାନୁରାମ ମୁର୍ମୁ ଯୋଗ ଦେଇଥିଲେ। ସେଥିରେ ଜିଲ୍ଲା କୋର୍ଡିନେଟରର ଠାକୁରମୁଣ୍ଡା ବ୍ଲକ ସଭାପତି ବୁଦ୍ଧାନ ମୁର୍ମୁ, କପ୍ତିପଦା ବ୍ଲକ ସଭାପତି ସୁନାରାମ ଟୁଡୁ, ଉଦଳା ବ୍ଲକ ସଭାପତି ବାଗେଲ ହାଂସଦା, ସାଧୁଚରଣ କେଣ୍ଡାକେଲ, ପୂର୍ବତନ ସରପଞ୍ଚ ରଘୁନାଥ ନାଏକ ଓ ଆଇନଜୀବୀ ଗଣେଶ ଗାଗାରାୟ ଉପସ୍ଥିତ ଥିଲେ। ଏଥିସହ ଗ୍ରାମର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ସଭାରେ ନାନୁରାମ ମୁର୍ମୁ ପେଶା ଆଇନ ୧୯୯୬ ଓ ସମ୍ବିଧାନର ଅନୁଚ୍ଛେଦ ୨୪୪(୧) ଅନୁଯାୟୀ ସ୍ୱୟଂଶାସନ ବ୍ୟବସ୍ଥାକୁ କିପରି କାର୍ଯ୍ୟକାରୀ କରାଯିବ, ସେ ବିଷୟରେ ବିସ୍ତୃତ ଉପଦେଶ ଦେଇଥିଲେ। ସେ କହିଥିଲେ, ପେସା ଆଇନ ଦ୍ୱାରା ଆଦିବାସୀ ଓ ଗ୍ରାମୀଣ ଲୋକମାନେ ନିଜର ଅଧିକାର ସୁରକ୍ଷିତ କରିପାରିବେ ଓ ସ୍ୱୟଂଶାସନକୁ ମଜବୁତ କରିପାରିବେ। ସଭାରେ ପଞ୍ଚାୟତର ସମସ୍ତ ୱାର୍ଡବାସୀ ପେଶା ନିୟମକୁ ମାନିବା ପାଇଁ ସହମତି ଜଣାଇଥିଲେ। ଏହା ଗ୍ରାମର ସାମୂହିକ ଉନ୍ନତି ଓ ଅଧିକାର ସୁରକ୍ଷା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ଏ ଅବସରରେ କେଶଡିହା ପେଶା ଗ୍ରାମସଭାର ସଭାପତି ଭାବେ ସାଧୁ ଚରଣ କେଣ୍ଡାକେଲ ଓ ସମ୍ପାଦକ ଭାବେ ଘନ ସଏଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ପାତର ବଦରା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରାଯାଇଥିଲା। ଗ୍ରାମ ସ୍ତରରେ ପେଶା ଆଇନ ସମ୍ପର୍କରେ ଏଭଳି ସଚେତନତା ସଭା ଆୟୋଜନ ହେବା ଫଳରେ ଲୋକମାନେ ନିଜର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଅଧିକ ସଚେତନ ହେବେ ବୋଲି ଆଶା କରାଯାଉଛି।

### ବାରିପଦା ବସ୍‌ଷ୍ଟାଣ୍ଡରେ ଦୁର୍ଘଟଣା

## ବସ୍ ଚାପାରେ ଶିଶୁପୁତ୍ର ମୃତ

**ବାରିପଦା, ୪।୫(ସମିସ):** ଅଢେଇ ବର୍ଷର ଶିଶୁପୁତ୍ର ଉପରେ ବସ ମାଡିଯିବାରୁ ମୃତ୍ୟୁ ଘଟିଛି। ବାରିପଦା ଘରୋଇ ବସଷ୍ଟାଣ୍ଡରେ ଏଭଳି ଅଘଟଣ ଘଟିଛି। ପିଲାଟି ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ଧାରୀ ଗ୍ରାମର ବୋଲି ଜଣାପଡ଼ିଥିବାବେଳେ ବସ ଚାଳକଙ୍କ ଅସାବଧାନତା ହେତୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ବସ୍ ଯୋଗେ ନିଜ ଶଶୁର ଘର ବଡସାହି ଥାନା ଅନ୍ତର୍ଗତ ଡଙ୍ଗାଡିହା ଯିବା ପାଇଁ ନିଜ ଘର ଅନ୍ଧାରୀରୁ ଏକ ଅଟୋ ଯୋଗେ ବାରିପଦା ବସଷ୍ଟାଣ୍ଡ ପହଞ୍ଚିଥିଲେ ଟୁନା ହାଁସଦାଙ୍କ ପରିବାର। ସେଠାରେ ବସ୍ ଛାଡିବା ସମୟ ପଚାରିବା ପରେ ପୁଅକୁ ଆଇସକ୍ରିମ ଓ କୁରୁକୁରି କିଣିବା ପାଇଁ ପାଖରେ ଥିବା ଦୋକାନକୁ ଯାଇଥିଲେ। ମଧ୍ୟାହ୍ନ ୧୨.୩୦ ମିନିଟ ସମୟରେ ବାରିପଦାରୁ ଚନ୍ଦନେଶ୍ୱର ଯିବାକୁ ଗୀତାଞ୍ଜଳି ନାମକ ଘରୋଇ ବସ୍ ତରତର ହୋଇ ବସଷ୍ଟାଣ୍ଡ ଭିତରକୁ କିଛି ନ ଦେଖି ମାଡିଯାଉଥିଲାବେଳେ ମାଆ ଓ ଛୁଆ ଲିପୁନକୁ ସାଇଡ୍‌ରୁ ଧକ୍କା ଦେଇଥିଲା। ଫଳରେ ମାଆପୁଅ ତଳେ ପଡ଼ିଯାଇଥିଲେ। ମାଆ ଅଳ୍ପକେ ବର୍ତ୍ତିଯାଇଥିଲାବେଳେ ପୁଅ ଲିପୁନର ଜଙ୍ଘ ଉପରେ ବସ୍ ଚକ ଚଢିଯାଇଥିଲା। ଗୁରୁତର ଅବସ୍ଥାରେ ଲିପୁନକୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଇସିୟୁରେ ଭର୍ତ୍ତି କରାଯାଇଥିଲାବେଳେ ଚିକିତ୍ସାଧୀନ ଅବସ୍ଥାରେ ଲିପୁନର ମୃତ୍ୟୁ ଘଟିଛି। ବାରିପଦା ଟାଉନ ଥାନା ପୁଲିସ ବସଷ୍ଟାଣ୍ଡରୁ ବସ୍‌କୁ ଜବତ ରଖି ତଦନ୍ତ ଜାରି ରଖିଛି।

ଅନ୍ୟପକ୍ଷରେ ବସଷ୍ଟାଣ୍ଡରେ କେତେକ ବସ ମାଲିକ/କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଏପରି ଦୁର୍ଘଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଛୋଟ ସ୍ଥାନରେ ପ୍ରତିଦିନ ଶହ ଶହ ବସ୍ ଯାତାୟାତ କରୁଥିବାବେଳେ ଯାତ୍ରୀଙ୍କ ପାଇଁ କୌଣସି ସୁବିଧା ନ ଥିବାରୁ ଏପରି ଘଟଣା ଘଟିଲା। ବସ୍‌ଗୁଡିକ ଖୁନ୍ଦିଖାନ୍ଦୀ ହୋଇ ପ୍ରବେଶ ଓ ପ୍ରସ୍ଥାନ କରୁଥିବାବେଳେ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ବସ୍‌ଷ୍ଟାଣ୍ଡର ସ୍ଥାନ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ। ନଚେତ ଆଗାମୀ ଦିନରେ ଜନଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଜନସାଧାରଣ ପ୍ରକାଶ କରିଛନ୍ତି। ମ୍ରିୟମାଣ ଟୁନା ହାଁସଦାଙ୍କ ସମସ୍ତ ଆସବାବପତ୍ର ହଜିଯାଇଛି। ଅତ୍ୟନ୍ତ ଗରିବ ପରିବାରର ଲୋକ ହୋଇଥିବା କାରଣରୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରୁଛନ୍ତି।

### ପୁଣି ବଦଳିଲେ ବାମନଘାଟି ଉପଜିଲ୍ଲାପାଳ

## ଉଗ୍ରସେନ ଓରାମ ନୂତନ ଉପଜିଲ୍ଲାପାଳ ନିଯୁକ୍ତ

**ରାଇରଙ୍ଗପୁର, ୪।୫(ସମିସ):** ପ୍ରାୟ ଦୁଇମାସ ହେବ ବାମନଘାଟି ଉପଜିଲ୍ଲାପାଳ ପଦବୀ ଖାଲିପଡ଼ିଛି। ନୂତନ ଉପଜିଲ୍ଲାପାଳ ନିଯୁକ୍ତି ନେଇ ବାରମ୍ବାର ବିଜ୍ଞପ୍ତି ପ୍ରକାଶ ପାଉଥିଲେ ସୁଦ୍ଧା କେହି ଅଧିକାରୀ ଯୋଗ ଦେଉନାହାନ୍ତି। ଇତିମଧ୍ୟରେ ପୁଣି ନୂତନ ଉପଜିଲ୍ଲାପାଳ ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଉଗ୍ରସେନ ଓରାମଙ୍କୁ ନୂତନ ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ରାଜ୍ୟପାଳଙ୍କ ଆଦେଶକ୍ରମେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଶାସନ ସଚିବ ଘାସିରାମ ମୁର୍ମୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଅନ୍ୟତ୍ର ବଦଳି ପରେ ପ୍ରାୟ ମାସେ ହେବ ଉକ୍ତ ସ୍ଥାନ ଖାଲିପଡ଼ିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବରୁ ନୂତନ ଉପଜିଲ୍ଲାପାଳ ଭାବେ ଧର୍ମଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କୀଙ୍କୁ ନିଯୁକ୍ତ କରାଯାଇଥିଲା। କିନ୍ତୁ ବଦଳି ହୋଇଥିବା ସତ୍ତ୍ୱେ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଯୋଗଦାନ କରିଥିଲେ। ଯାହାକୁ ନେଇ ପୁନଶ୍ଚ ଏକ ନୂତନ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଯେଉଁଥିରେ କି ଝାରସୁଗୁଡା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କୁ ବାମନଘାଟି ଉପଖଣ୍ଡରେ ନୂତନ ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଥିଲା। କିନ୍ତୁ ସେ ଉକ୍ତ ସ୍ଥାନରେ ଯୋଗ ଦେଲେନାହିଁ। ତାଙ୍କୁ ପୁନଶ୍ଚ ଝାରସୁଗୁଡାର ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ଇତିମଧ୍ୟରେ ଦୁଇଟି ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଦୁଇଟି ଓଏଏସ ଅଧିକାରୀଙ୍କ ବଦଳି କରାଗଲାଣି। କିନ୍ତୁ କେହି ଅଧିକାରୀ ଯୋଗ ଦେଉନାହାନ୍ତି। ପୁଣି ବିଜ୍ଞପ୍ତି ପ୍ରକାଶ ପାଇଛି। ଏବେ ନୂତନ ଉପଜିଲ୍ଲାପାଳ ଯୋଗ ଦେଉଛନ୍ତି କି ନାହିଁ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଷ୍ଟ୍ରପତିଙ୍କ ଅଞ୍ଚଳରେ ମାସ ମାସ ଧରି ଉପଜିଲ୍ଲାପାଳ ପଦବୀ ଖାଲି ରହିଥିବାବେଳେ ଅଧିକାରୀ ନିଯୁକ୍ତିରେ କିଛି ବାହ୍ୟ ଶକ୍ତି କାର୍ଯ୍ୟ କରୁଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ବାରମ୍ବାର ପ୍ରକାଶ ପାଉଛି ବିଜ୍ଞପ୍ତି, ଯୋଗ ଦେଉନାହାନ୍ତି ଅଧିକାରୀ**

### ନକଲି ମଦର ହବ୍ ପାଲଟିଛି ରାଇରଙ୍ଗପୁର

# ଅସଲି ମଦ ବୋତଲରେ ମିଳୁଛି ନକଲି ମଦ

**ରାଇରଙ୍ଗପୁର, ୪।୫(ସମିସ)**

ବର୍ତ୍ତମାନ ରାଇରଙ୍ଗପୁର ନକଲି ମଦ ବିକ୍ରିର ହବ ପାଲଟିଛି। ନିୟମିତ ନକଲି ମଦ ବିକ୍ରି ହେଉଛି। ସବୁ ଜାଣି ସୁଦ୍ଧା ଅବକାରୀ ବିଭାଗ ନିଦାବିଷ୍ଣୁ ସାଜିଛି। ପଡ଼ୋଶୀ ଝାଡ଼ଖଣ୍ଡ ଓ ରାଇରଙ୍ଗପୁର ଆଖପାଖ ଅଞ୍ଚଳରେ ବେଧଡ଼କ ଭାବେ ନକଲି ମଦ ପ୍ରସ୍ତୁତ ହୋଇ ବିକ୍ରି ହେଉଛି। ବ୍ରାଣ୍ଡେଡ୍ କମ୍ପାନୀ ସହ ଅନ୍ୟାନ୍ୟ ବିଭିନ୍ନ କମ୍ପାନୀର ମଦ ବୋତଲରେ ନକଲି ମଦ ବିକ୍ରି ହେଉଛି। ଯାହାକୁ ପିଉଥିବା ଲୋକଙ୍କ ଅକାଳରେ ପ୍ରାଣହାନି ଘଟୁଛି। ନକଲି ବିଦେଶୀ ମଦ, ଠିପି, ଦେଶୀ ମଦ ଓ ସିଲ୍ ମେସିନ ଆଦି ବ୍ୟବହାର କରି ବିପୁଳ ପରିମାଣର ନକଲି ମଦ ବିକ୍ରି କରୁଛନ୍ତି। ଲୋକ ମଦ ଭାବି ବିଷ ପିଉଛନ୍ତି।

ପ୍ରାୟ ବର୍ଷକ ପୂର୍ବରୁ ଅବକାରୀ ବିଭାଗ ପକ୍ଷରୁ ତିରିଂ ଥାନା ଅଞ୍ଚଳରେ ଚଢ଼ଉ କରି ନକଲି ମଦ ପ୍ରସ୍ତୁତ କାରଖାନା ଠାବ କରିଥିଲେ। ଏହା ସୀମାନ୍ତରେ ଥିବାବେଳେ ଅଞ୍ଚଳରେ ବିପୁଳ ପରିମାଣରେ ବିକ୍ରି ହେଉଥିଲା। ଏ ସମୟରେ ଚଢ଼ଉ କରି ବିପୁଳ ପରିମାଣର ନକଲି ମଦ ଓ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଥିଲା। ଏହି



ପଡ଼ୋଶୀ ଝାଡ଼ଖଣ୍ଡରୁ ଜିନିଷ ଆସି ଉକ୍ତ ସ୍ଥାନରେ ନକଲି ମଦ ପ୍ରସ୍ତୁତ କରୁଥିଲେ। ଯାହାକି ରାଇରଙ୍ଗପୁର ସମେତ ଆଖପାଖ ଚଢ଼ଉକୁ ଅନେକ ଦିନ ବିତିଯାଇଥିଲେ ସୁଦ୍ଧା ଆଉ ଚଢ଼ଉ ପ୍ରକ୍ରିୟା ହେଉନାହିଁ। ରାଜ୍ୟ ବାହାରୁ ବୋତଲ ଓ ଠିପି ମଗାଇ ମଦରେ ରଙ୍ଗ ମିଶାଇ ଏମାନେ ବଜାରରେ ବିକ୍ରି କରୁଥିବା ଜଣାପଡ଼ିଛି। କିଛି ମୁନାଫାଖୋର ବ୍ୟବସାୟୀ ଏଥିରେ ସଂଶ୍ଳିଷ୍ଟ ରହିଥିବା ଜଣାପଡ଼ିଛି। କମ ଦାମରେ ନକଲି ମଦ ମିଳୁଥିବାବେଳେ ଦୋକାନୀ ଏହାକୁ କ୍ରୟ କରି ଅସଲି ମଦ ଦରରେ ଗ୍ରାହକଙ୍କୁ ବିକ୍ରି କରୁଛନ୍ତି। ମଦ ଦୋକାନ, ହୋଟେଲ ଓ ଅନ୍ୟାନ୍ୟ ବିନା ଲାଇସେନ୍ସ ଚୋରା ସ୍ଥାନରେ ମଧ୍ୟ ବିକ୍ରି ହେଉଛି। ସାଧାରଣରେ ଏହା ନକଲି ମଦ ଭଳି ଜଣାପଡୁ ନ ଥିବାବେଳେ ଲୋକେ ପିଇବା ପରେ ରୋଗଗ୍ରସ୍ତ ହେଉଛନ୍ତି। ପେଟ ବଥା କରିବା ସହ କିଡନୀ, ହାର୍ଟ, ଲିଭର ଆଦି ନଷ୍ଟ କରିବା ସହ ଜୀବନହାନି ହୋଇଥାଏ। ରାଜ୍ୟ ସରକାର ମଦ ଲାଇସେନ୍ସ ପ୍ରଦାନ କରିବାରେ ବ୍ୟସ୍ତ ଥିବାବେଳେ ମଦର ମାନ ଯାଞ୍ଚ କରୁନାହାଁନ୍ତି। ନକଲି ମଦ ବିଭିନ୍ନ ବିନା ଲାଇସେନ୍ସ ଥିବା ହୋଟେଲ ଓ ଦୋକାନରେ ଅଧିକ ପରିମାଣର ବିକ୍ରୟ ହେଉଛି। କିନ୍ତୁ ଅବକାରୀ ବିଭାଗ ଦେଖଣାହାରି ସାଜିଥିବା ରାଇରଙ୍ଗପୁର ଅଞ୍ଚଳରେ ଯାଞ୍ଚ ପାଇଁ ଚଢ଼ଉ ହେଉନାହିଁ। ନକଲି ମଦପିଇ ବଡ଼ ଆପଦ ଘଟଣା ଘଟିବାକୁ ଅବକାରୀ ବିଭାଗ ଜଗି ରହିଛି। ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଯାଞ୍ଚ କରିବା ସହ ନକଲି ମଦ ପ୍ରସ୍ତୁତ ସ୍ଥାନରେ ଚଢ଼ଉ କରିବାର ଆବଶ୍ୟକତା ରହିଛି।

**▶▶ ଦେଖଣାହାରି ସାଜିଛି ଅବକାରୀ ବିଭାଗ, ହେଉନି ନିୟମିତ ଯାଞ୍ଚ**

**▶▶ ବଡ଼ ଆପଦ ଘଟଣା ଘଟିବାକୁ ଜଗିଛି ଅବକାରୀ ବିଭାଗ**

## ବେତନଟୀ ବ୍ଲକ୍‌ରେ ପାନୀୟଜଳ ସମସ୍ୟା ଉତ୍କଟ

# ପାଣି ପାଇଁ ଡହଳବିକଳ ଆଦିବାସୀ ପରିବାର

ବେତନଟୀ,୪।୫(ସମିସ)

ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ମୁକ୍ତାପୁର ପଞ୍ଚାୟତ ଅଧୀନ ନୂଆସାହି ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଅଭାବରେ ଆଦିବାସୀ ପରିବାର ଚରମ ଦୁର୍ବିସହ ଅବସ୍ଥାର ସମ୍ମୁଖୀନ ହେଉଛନ୍ତି। କୂଅ ପାଣି ଉପରେ ନିର୍ଭର କରିବା ଫଳରେ ଅଞ୍ଚଳର ଅନେକ ଲୋକ କିଡ୍‌ନୀ

### କୂଅ ପାଣି ପିଇ କିଡ୍‌ନୀ ରୋଗର ଶିକାର



ରୋଗରେ ଆକ୍ରାନ୍ତ ହୋଇ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି।

ନୂଆସାହି ଗ୍ରାମରେ ପ୍ରାୟ୨୫୦ରୁ ଅଧିକ ଆଦିବାସୀ ପରିବାର ବସବାସ କରନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ତତ୍କାଳୀନ ବିଜେଡି ସରକାର ସମୟରେ ବସୁଧା ଯୋଜନାରେ ଗ୍ରାମରୁ ପାଖାପାଖି ୩ କିଲୋମିଟର ଦୂର ଛୋଟରାୟପୁରରେ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ଠିକାଦାର ପାଇପ ଲାଇନ ବିଛାଇ କାର୍ଯ୍ୟ ସମାପ୍ତ କରିଥିଲେ। ଏହାପରେ ମଧ୍ୟ ପାଣି ଯୋଗାଣ ଆରମ୍ଭ ହୋଇନାହିଁ। ଫଳରେ ଗ୍ରାମବାସୀ ପିଲାଠାରୁ ବୃଦ୍ଧ ସମସ୍ତେ କୂଅ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳ, ବିଧାୟକଙ୍କ ଜନଶୁଣାଣି ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଏ ବାବଦରେ ବାରମ୍ବାର ଅଭିଯୋଗ କରିଆସିଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ସେମାନଙ୍କ କହିବା ଅନୁଯାୟୀ, କୋଟି କୋଟି ଟଙ୍କାରେ ନିର୍ମାଣ କରାଯାଇଥିବା ଯୋଜନା ଠିକାଦାର, ଜନପ୍ରତିନିଧି ଓ ଅଧିକାରୀଙ୍କ ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁଁ କେବଳ କାଗଜପତ୍ରରେ ସୀମିତ ରହିଯାଇଛି। ବେତନଟୀ ବ୍ଲକର ଅଧିକାଂଶ ଆଦିବାସୀ ଅଞ୍ଚଳରେ ଏଭଳି ପାନୀୟଜଳ ସଙ୍କଟ ଦେଖାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଦୂଷିତ ଓ ଅନୁପଯୁକ୍ତ ପାଣି ପିଇବା ଫଳରେ କିଡ୍‌ନୀ ରୋଗର ପ୍ରକୋପ ବଢୁଛି। ଯାହା ଗ୍ରାମବାସୀଙ୍କ ପାଇଁ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏ ପରିପ୍ରେକ୍ଷୀରେ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାଣି ଟାଙ୍କିରୁ ତୁରନ୍ତ ପାଣି ଯୋଗାଣ ସୁନିଶ୍ଚିତ କରିବା ସହ ଅନ୍ତରୀଣ ବ୍ୟବସ୍ଥା ଭାବେ ବିକଳ୍ପ ଜଳ ଉତ୍ସର ବ୍ୟବସ୍ଥା କରିବା ଦରକାର। ଖବର ପ୍ରସାରଣ ପରେ ସମ୍ପୃକ୍ତ କର୍ତ୍ତୃପକ୍ଷ କେଉଁ ପଦକ୍ଷେପ ନେଉଛନ୍ତି ତାହା ଏବେ ଦେଖିବାକୁ ବାକି ରହିଲା।

## ମାନସିକ ଭିନ୍ନକ୍ଷମ ମହିଳା ଉଦ୍ଧାର

ଯୋଡ଼ା,୪।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ଦିନକୁ ଦିନ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେମାନଙ୍କର ଭରଣପୋଷଣ ତଥା ଚିକିତ୍ସା ପାଇଁ ନନ୍ଦୀ ଗୋ ସେବା ସଂସ୍ଥା ଆଗକୁ ଆସି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପତ୍ର ଦ୍ୱାରା ଜଣାଇଛି। ତୁରନ୍ତ ମାନସିକ ରୋଗୀଙ୍କ ଚିକିତ୍ସା ପାଇଁ ଅନୁରୋଧ କରିଥିବା ମଧ୍ୟ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଏବେ ଯୋଡ଼ା ଖଣି ଅଞ୍ଚଳରେ



ମହିଳା ପୁରୁଷ ମାନସିକ ବିକାରଗ୍ରସ୍ତ ରୋଗୀ ଅବହେଳିତ ଭାବେ ବୁଲାବୁଲି କରିବା, ଅଳିଆ ଆବର୍ଜନା ସ୍ଥାନରୁ ଖାଦ୍ୟ ସଂଗ୍ରହ କରି ଖାଇବା ଦେଖିବା ପରେ ଯୋଡ଼ା ନନ୍ଦୀ ଗୋ ସେବା ସଂସ୍ଥା ଏହାର ପ୍ରତିକାର ପାଇଁ ଅଣ୍ଟା ଭିଡ଼ିଛି। ନିକଟରେ ଜଣେ ମହିଳା ମାନସିକ ରୋଗୀ ଉପରେ କିଛି ଯୁବକଙ୍କ ଅତ୍ୟାଚାର ନନ୍ଦୀ ଗୋ ସେବା ସଦସ୍ୟଙ୍କୁ ବ୍ୟଥିତ କରିଥିଲା। ତେଣୁ ଉକ୍ତ ମହିଳାଙ୍କ ସୁରକ୍ଷା ସହିତ ଅନ୍ୟ ରୋଗୀଙ୍କ ସୁରକ୍ଷା ଓ ଚିକିତ୍ସା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ। ତେବେ ଆଜି ଉକ୍ତ ଅଧିକାରୀ ଓ ନନ୍ଦୀ ଗୋସେବା ସଂସ୍ଥାର ସଦସ୍ୟଙ୍କ ଦ୍ୱାରା ଉକ୍ତ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରାଯାଇ କେନ୍ଦୁଝରରେ ଥିବା ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ଉତ୍ତମ ଚିକିତ୍ସା ସହ ରହଣୀ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟରେ ନନ୍ଦୀ ଗୋ ସେବା ସଂସ୍ଥାର ସମ୍ପାଦକ କିଶୋର ବାରିକ, ସୁନୀଲ ସେଠୀ, ଧନଞ୍ଜୟ ମହାନ୍ତି, ସତ୍ୟଜିତ ଦାଶ ଉପସ୍ଥିତ ଥିଲେ। ଆଗକୁ ଅନ୍ୟ ସମସ୍ତ ମାନସିକ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ସଂସ୍ଥା ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବ ବୋଲି ସଂସ୍ଥା ପକ୍ଷରୁ ଜଣାପଡ଼ିଛି।

## ଟରଣ୍ଟୋ ସିଏନ୍ ଟାୱାର ପ୍ରତିଯୋଗିତାରେ କୁଆଁର କିସ୍କୁଙ୍କ ରେକର୍ଡ ଅତୁଟ



ବିଶୋଇ,୪।୫(ସମିସ): ଭାରତୀୟ ଧୈର୍ଯ୍ୟଶୀଳତା ଆଥଲେଟ୍ ତଥା ମୟୂରଭଞ୍ଜ ମାଟିର ପୁଅ ବିଶୋଇ ବ୍ଲକ ବାଉତିବେଡ଼ା ପଞ୍ଚାୟତ ମହୁଭଣ୍ଡାର ଗ୍ରାମର କୁଆଁର ଚନ୍ଦ୍ର କିସ୍କୁ ୨୦୨୬ ସଂସ୍କରଣରେ କାନାଡ଼ା ଟରଣ୍ଟୋସ୍ଥ ୧୪୭ ମହଲା ବିଶିଷ୍ଟ ସିଏନ ଟାୱାରର ପାହାଚ ଚଢ଼ା ପ୍ରତିଯୋଗିତାରେ ୨୮.୩୫ ମିନିଟ ସମୟରେ ସମାପ୍ତ କରି ଅସାଧାରଣ ସହନଶୀଳତା ଓ ଦୃଢ଼ତା ପ୍ରଦର୍ଶନ କରି ଏକମାତ୍ର ଭାରତୀୟ ଭାବେ ରେକର୍ଡ ଅତୁଟ ରଖିଛନ୍ତି।

ଏହାପୂର୍ବରୁ କୁଆଁର ୨୦୨୪ରେ ୨୩.୩୬ ମିନିଟର ଉତ୍କୃଷ୍ଟ ସମୟ ମଧ୍ୟରେ ୫୫୩ ମିଟର ଉଚ୍ଚତା ବିଶିଷ୍ଟ ସିଏନ ଟାୱାରର ୧୪୭ ମହଲା ଚଢ଼ି ରେକର୍ଡ ସୃଷ୍ଟି କରିଥିଲେ। ଟରଣ୍ଟୋରେ ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠି ଦ୍ୱାରା ଆୟୋଜିତ ବାର୍ଷିକ ପାହାଚ-ଚଢ଼ିବା ଇଭେଣ୍ଟ ୧୯୯୧ରୁ ଅନୁଷ୍ଠିତ ହୋଇଆସୁଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଙ୍କୁ ସିଏନ୍ ଟାୱାରର ସମସ୍ତ ୨ କିଲୋମିଟର ଦୂରତା ବିଶିଷ୍ଟ ୧୭୭୬ ପାହାଚ ଚଢ଼ିବାକୁ ପଡେ। ୧୯୭୬ରେ ନିର୍ମିତ, ସିଏନ ଟାୱାର ୨୦୦୬ ପର୍ଯ୍ୟନ୍ତ ବିଶ୍ୱର ସବୁଠୁ ଉଚ୍ଚ ମୁକ୍ତ, ସ୍ଥାୟୀ ଢାଞ୍ଚା ଥିଲା। ପ୍ରତ୍ୟେକ ବର୍ଷ ବିଶ୍ୱର ୫ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ପାହାଚ ଚଢ଼ିବା ପ୍ରତିଯୋଗିତାରେ ଭାଗ ନେଇଥା'ନ୍ତି। ଏକମାତ୍ର ଭାରତୀୟ ଭାବେ ଏହି ସଫଳତା ଯାତ୍ରା ଉପରେ ପ୍ରତିଫଳିତ କରି କୁଆଁର କହିଥିଲେ, ଭଗବାନ ସମସ୍ତଙ୍କୁ ଦୁଇଟି ଗୋଡ, ଦୁଇଟି ହାତ, ଦୁଇଟି ଆଖି ଓ ଦୁଇଟି କାନ ଦେଇଛନ୍ତି। କିନ୍ତୁ ଉତ୍କର୍ଷତା ହାସଲ କରିବା ପାଇଁ ଯୋଜନା, କାର୍ଯ୍ୟାନ୍ୱୟନ, ସ୍ୱାସ୍ଥ୍ୟ ପରିଚାଳନା, ସମୟ ପରିଚାଳନା, ବୃତ୍ତିଗତ, ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ଭଳି ଅତିରିକ୍ତ ଗୁଣ ନିଜ ଭିତରେ ବିକାଶ କରିବାକୁ ପଡିବ। ପାହାଚ ଚଢ଼ିବା, ଯାହାକୁ ଟାୱାର ରନିଂ ଭାବେ ମଧ୍ୟ ଜଣାଯାଏ। ଆନ୍ତର୍ଜାତିକ ସ୍ତରର ଏକ ଲୋକପ୍ରିୟ ପ୍ରତିଯୋଗିତାମୂଳକ ଖେଳ, ଯାହା ବିଶ୍ୱ ଟାୱାର ରନିଂ ଆସୋସିଏସନ୍ ଦ୍ୱାରା ପରିଚାଳିତ। ଯାହା ବିଭିନ୍ନ ଦେଶରେ ଇଭେଣ୍ଟ ଆୟୋଜନ କରେ। ତଥାପି ଭାରତରେ ଏହି ଖେଳ ଅପେକ୍ଷାକୃତ କମ୍ ସ୍ୱୀକୃତପ୍ରାପ୍ତ ହୋଇଛି। ବିଶ୍ୱ ସ୍ତରରେ କୁଆଁରଙ୍କ ଏହିପରି ନିରନ୍ତର ଅଂଶଗ୍ରହଣ ଦେଶରେ ପ୍ରେରଣା ଦେବ ଏବଂ ଭାରତର କ୍ରୀଡା ଇକୋସିଷ୍ଟମରେ "ସିଡ଼ି-ଚଢ଼ା" ପ୍ରତିଯୋଗିତାକୁ ଅନ୍ତର୍ଭୁକ୍ତ କରିବାକୁ ଉତ୍ସାହିତ କରିବ ବୋଲି କୁଆଁର ଆଶା କରିଛନ୍ତି। କୁଆଁରଙ୍କ ଏହି ସଫଳତା ପରେ ସମଗ୍ର ମୟୂରଭଞ୍ଜ ଜିଲ୍ଲା ତଥା ଜନ୍ମ ମାଟି ବିଶୋଇରେ ଖୁସିରେ ଲହରି ଖେଳିଯାଇଛି।

## ପିଟାନାଳୀ ଜୁଆଙ୍ଗ ସାହିରେ ଜଳକଷ୍ଟ



ତେଲକୋଇ,୪।୫(ସମିସ): ତେଲକୋଇ ବ୍ଲକ୍ ଓରିଆ ପଞ୍ଚାୟତ ପିଟାନାଳୀ ଗ୍ରାମ ଜୁଆଙ୍ଗ ସାହିରେ ଜଳକଷ୍ଟ ଉତ୍କଟ ରୂପ ନେଇଛି। ସାହିରେ ଥିବା ନଳକୂପ ଅଚଳ ହୋଇ ପଡ଼ିଥିବାରୁ ସାହିବାସୀ ନିକଟସ୍ଥ ନାଳରୁ ଚୁଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଉକ୍ତ ସାହିରେ ୪୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ଏହି ଗ୍ରୀଷ୍ମ ଋତୁରେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ନଳକୂପ ମରାମତି ପାଇଁ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବହୁବାର ଅଭିଯୋଗ କରିଥିଲେ ସୁଦ୍ଧା ନଳ କୂପ ମରାମତି ହୋଇ ପାରୁନଥିବା ଲୋକେ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଶତ ପ୍ରତିଶତ କ୍ଷମତା ପଞ୍ଚାୟତ ପାଖରେ ଥିବା ବେଳେ ତାହା ମଧ୍ୟ ହୋଇ ପାରୁ ନାହିଁ। ତେବେ ଉକ୍ତ ସାହିରେ ଏଲ୍ ଆଣ୍ଡ ଟି ସଂସ୍ଥା ପକ୍ଷରୁ ମେଗା ପାନୀୟ ଜଳ ଯୋଜନାରେ ପାଇପ ସଂଯୋଗ କରାଯାଇଥିଲେ ସୁଦ୍ଧା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାହି ବାସିନ୍ଦା ଦାବି କରିଛନ୍ତି।

## ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

କେନ୍ଦୁଝର,୪।୫(ସମିସ): କେନ୍ଦୁଝର ଧରଣୀଧର କ୍ରୀଡ଼ା କମ୍ପ୍ଲେକ୍ସ ପରିସରରେ ଥିବା ତୀରନ୍ଦାଜ ସ୍କୋୟାରରେ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଦ୍ୱାରା ଏକ ଦୁଇ ଦିନିଆ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କ୍ରୀଡ଼ା ଛାତ୍ରାବାସରେ ପ୍ରବେଶ ପାଇଁ ପ୍ରତିଶ୍ରୁତିବଦ୍ଧ ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରିବା ଲାଗି ଏହି ପଦକ୍ଷେପ ନିଆଯାଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିତ୍ୱ କରି ଏହି କାର୍ଯ୍ୟକ୍ରମରେ ୮ ରୁ ୧୪ ବର୍ଷ ବୟସର ମୋଟ ୭୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦୁଇ ଦିନିଆ କାର୍ଯ୍ୟକ୍ରମ ମଧ୍ୟରେ, ଅଂଶଗ୍ରହଣକାରୀ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କର ଶାରୀରିକ ସୁସ୍ଥତା, ଦକ୍ଷତା ଏବଂ ସମ୍ଭାବନାର ମୂଲ୍ୟାଙ୍କନ ପାଇଁ ପରିକଳ୍ପିତ ମୂଲ୍ୟାୟନ ଏବଂ ପରୀକ୍ଷଣର ଏକ ଶୃଙ୍ଖଳାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ଯୁବ ଆଶାୟୀଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ଏବଂ କ୍ରୀଡ଼ାରେ ବୃତ୍ତିଗତ ତାଲିମ ଗ୍ରହଣ କରିବାରେ ଏକ ପାଦ ଆଗକୁ ନେବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା। କ୍ରୀଡା ଏବଂ ଯୁବ ସେବା ବିଭାଗର ଅଧିକାରୀ ଚୟନ ପ୍ରକ୍ରିୟା ତଦାରଖ କରିଥିଲେ। ସ୍ୱଚ୍ଛତା ଏବଂ ଯୋଗ୍ୟତା-ଆଧାରିତ ମୂଲ୍ୟାଙ୍କନ ସୁନିଶ୍ଚିତ କରିଥିଲେ। ମନୋନୀତ ପ୍ରାର୍ଥୀମାନଙ୍କୁ କ୍ରୀଡ଼ା ଛାତ୍ରାବାସରେ ପ୍ରବେଶ ପାଇଁ ବିଚାର



କରାଯିବ, ଯେଉଁଠାରେ ସେମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ, ତାଲିମ ସୁବିଧା ଏବଂ ସେମାନଙ୍କର କ୍ରୀଡ଼ା ପ୍ରତିଭାକୁ ପୋଷଣ କରିବା ପାଇଁ ସମର୍ଥନ ପାଇବେ। ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ ତୃଣମୂଳସ୍ତରର କ୍ରୀଡ଼ା ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଉଚ୍ଚ ସ୍ତରରେ ଉତ୍କର୍ଷତା ହାସଲ କରିବା ପାଇଁ ଯୁବ ପ୍ରତିଭାକୁ ଉତ୍ସାହିତ କରିବା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ବଳରାମ ଧୀର ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ



ଆନନ୍ଦପୁର,୪।୫(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ପୁରୁଣା ବାନ୍ଧଗୋଡ଼ାସ୍ଥିତ ବଳରାମ ଧୀର ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ ହୋଇଯାଇଛି। ଆଜି ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ଏହି ବଣ୍ଟନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନା ରେ ମୁଖ୍ୟ ଅତିଥି ପୂର୍ବତନ ସରପଞ୍ଚ ବୈଷ୍ଣବ ଚରଣ ସେନାପତି, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବବ୍ରତ ପଟ୍ଟନାୟକ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏଥି ସଙ୍ଗେ ସଙ୍ଗେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅତିଥି ମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କଲା ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଅତିସ ଜେନା, ସୁରେଶ ଭୂୟାଁ, ନାରାୟଣ ଦାସ, ଦେବେନ୍ଦ୍ର ପ୍ରସାଦ ସାହୁ, ବିଶ୍ୱଜିତ ଖୁଣ୍ଟିଆ, ଶୁଭ୍ର ଜ୍ୟୋତି ଧୀର ଶିକ୍ଷୟିତ୍ରୀ ବାସନ୍ତୀ ରଣା, ଲକ୍ଷ୍ମୀପ୍ରିୟା ସାହୁ, ପରିଚାଳନା କରିଥିଲେ।

## ଭାଲୁ ଆକ୍ରମଣରେ ଯୁବତୀ ଗୁରୁତର



ତୁରୁମୁଙ୍ଗା,୪।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସଡ଼ଙ୍ଗ ବାହାଳି ଗ୍ରାମରେ ସୋମବାର ଭାଲୁ ଆକ୍ରମଣରେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ଗୁରୁତର ଯୁବତୀ ହେଲେ ଗ୍ରାମର ଗଙ୍ଗାଧର ମୁଣ୍ଡାଙ୍କ ଝିଅ ଶ୍ରୀଦେବୀ ମୁଣ୍ଡା(୧୮)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ତାଙ୍କ ଦୁଇ ଗୋଡ଼ରେ ଗଭୀର କ୍ଷତ ହୋଇଛି। ସେ ଚାରକୋଳି ତୋଳିବାକୁ ଯାଇଥିବା ସମୟରେ କାଜୁ ଜଙ୍ଗଲରୁ ୩ ଟି ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲେ। କାଜୁ ମଞ୍ଜି ସଂଗ୍ରହ କରିବାକୁ ଯାଇଥିବା ଲୋକେ ପାଟି କରିବାରୁ ଭାଲୁ ପଳାଇଥିଲେ।

## ଜିତୁଙ୍କୁ ଶୁଦ୍ଧିକ୍ରିୟା ପାଇଁ ସହାୟତାର ହାତ ବଢାଇଲେ ଏସ୍‌ଡିସି ଚେୟାରମ୍ୟାନ



ତୁରୁମୁଙ୍ଗା,୪।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡିଆନାଳୀ ଗ୍ରାମର ଜିତୁ ମୁଣ୍ଡା ନିଜ ଭଉଣୀର ଶବକୁ ଖୋଳି ବ୍ୟାଙ୍କକୁ କଙ୍କାଳ ନେଇ ଯିବା ପରେ ଶୁଦ୍ଧି ନ ହେଲେ ଜାତି ଭାଇ ସମାଜରେ ମିଶାଇବେ ନାହିଁ ବୋଲି କହିବାରୁ ଆସନ୍ତା ବୁଧବାର ଜିତୁ ଶୁଦ୍ଧି ହେବେ। ତେବେ ଜିତୁ ମୁଣ୍ଡାଙ୍କ ଶୁଦ୍ଧିକ୍ରିୟା ପାଇଁ ସହାୟତାର ହାତ ବଢ଼ାଇଛନ୍ତି ଏସ୍‌ଡିସି ଚେୟାରମ୍ୟାନ ମମିତା ନାଏକ। ସୋମବାର ଏସ୍‌ଡିସି ଚେୟାରମ୍ୟାନ୍ ଏବଂ ଦଳର ଏକ ପ୍ରତିନିଧି ଦଳ ଡିଆନାଳିସ୍ଥିତ ଜିତୁଙ୍କ ଘରେ ପହଞ୍ଚି ତାଙ୍କୁ ଭେଟିବା ସହ ଶୁଦ୍ଧିକ୍ରିୟା ପାଇଁ ଆଳୁ, ଡାଲି, ଚାଉଳ, ପିଆଜ, ତେଲ ଆଦି ସାମଗ୍ରୀ ଯୋଗାଇ ଦେଇଛନ୍ତି। ଚେୟାରମ୍ୟାନଙ୍କ ସମେତ ମନସୁର ଆଲାମ, ପାଟଣା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ, ପୂର୍ବତନ ମଣ୍ଡଳ ସଭାପତି ରମେଶ ମହାନ୍ତ, ମଣ୍ଡଳ ସମ୍ପାଦକ ମଧୁସୂଦନ ମହାନ୍ତ, ଯୁଧିଷ୍ଠିର ପ୍ରକାଶ ସେଠୀ ପ୍ରମୁଖ ଯାଇ ଶୁଦ୍ଧି କ୍ରିୟା ପାଇଁ ସମସ୍ତ ସାମଗ୍ରୀ ଯୋଗାଇଥିଲେ।

● ମୟୂରଭଞ୍ଜ ପୁଲିସର ନାକା ଚେକିଂ

## ୩୪୨ ଗାଡ଼ି ଯାଞ୍ଚ, ୪.୯୦ ଲକ୍ଷ ଟଙ୍କା ଜରିମାନା



ବାରିପଦା, ୪।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଥାନା ପୁଲିସ୍ ଦ୍ୱାରା ଗତ ରାତିରେ ବ୍ୟାପକ ନାକା ଚେକିଂ ଓ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ପୁଲିସ୍ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ୩ ତାରିଖ ରାତି ୧୦ଟାରୁ ଭୋର ୨ଟା ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଥାନା ଅଧୀନରେ ନାକା ବ୍ଲକିଂ କରାଯାଇଥିଲା। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଟ୍ରାଫିକ୍ ନିୟମ କାର୍ଯ୍ୟକାରୀ କରିବା, ଗୋରୁ ଚୋରାଚାଲାଣ, ଖଣିଜ ଦ୍ରବ୍ୟର ଅବୈଧ ପରିବହନ ରୋକିବା, ଏକ୍ସାଇଜ୍ ଓ ଏନ୍‌ଡିପିଏସ୍ ମାମଲା ଚିହ୍ନଟ କରିବା, ଅସାମାଜିକ ତତ୍ପରତା ଓ ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା। ଏହି ସମୟ ମଧ୍ୟରେ ୩୪୨ଟି ଯାନବାହନ ଯାଞ୍ଚ କରାଯାଇଥିଲା। ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ ପାଇଁ ୪ ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ତନ୍ମଧ୍ୟରୁ ମଦ୍ୟପାନ କରି ଗାଡ଼ି ଚଳାଇବା ସମ୍ପର୍କରେ ୮ଟି ମାମଲା ରୁଜୁ ହୋଇଛି। ୫ଟି ଏକ୍ସାଇଜ୍ ମାମଲାରେ ୩୪ ଲିଟର ଦେଶୀ ମଦ ଓ ୧୬.୯୩୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ସେହିପରି ୩ଟି ବାଲି ବୋଝେଇ ଟ୍ରାକ୍ଟର, ଗୋଟିଏ ମୋରମ ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଜିଲ୍ଲା ପୁଲିସ ଏ ପ୍ରକାର ନିୟମିତ ଅଭିଯାନ ଜାରି ରଖିବା ସହ ଟ୍ରାଫିକ୍ ନିୟମ ପାଳନ ଓ ଅବୈଧ କାର୍ଯ୍ୟକଳାପ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିବ ବୋଲି ଏସପି ବରୁଣ ଗୁଣ୍ଟୁପାଲ୍ଲୀ କହିଛନ୍ତି।

# ବଞ୍ଝୋ ରଥଯାତ୍ରା ପାଇଁ କାଠ ଯୋଗାଣ ଦାବି

### ଡିଏଫ୍‌ଓ ଓ ଉପଜିଲ୍ଲାପାଳଙ୍କୁ ପତ୍ର



ହାଟଡ଼ିହୀ,୪।୫(ସମିସ): ହାଟଡ଼ିହୀ ବ୍ଲକ୍ ବଞ୍ଝୋ ଗ୍ରାମରେ ଶ୍ରୀଶ୍ରୀ ଦାଧିବାମନଜିଉ ବିଜେ ବଞ୍ଝୋଙ୍କ ରଥଯାତ୍ରା୨୦୨୬ ପାଇଁ କାଠ ଯୋଗାଣ ନେଇ ପ୍ରଶାସନ ଚଞ୍ଚଳ ହୋଇଛି। ମା' ସୁଭଦ୍ରାଙ୍କ ରଥ ପୁରୁଣା ଓ ଜୀର୍ଣ୍ଣ ହୋଇପଡ଼ିଥିବାରୁ ଏହାକୁ ନୂତନଭାବେ ନିର୍ମାଣ କରିବା ଅତ୍ୟାବଶ୍ୟକ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦ୍ୱାରା କେନ୍ଦୁଝର ୱାଇଲ୍ଡଲାଇଫ୍ ଡିଭିଜନର ଡିଭିଜନାଲ୍ ଫରେଷ୍ଟ ଅଫିସରଙ୍କୁ ପତ୍ର ଲେଖି ରଥ ନିର୍ମାଣ ପାଇଁ ଆବଶ୍ୟକୀୟ ଭଲ ଏବଂ ଗୁଣ ନାୟକ କାଠ ଶୀଘ୍ର ଯୋଗାଇ ଦେବାକୁ ବଞ୍ଝୋ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ପତ୍ରରେ ଉଲ୍ଲେଖ ଅଛି ଯେ, ରଥର ସୁରକ୍ଷା ଓ ମଜବୁତ ପାଇଁ ଉଚିତ ମାତ୍ରାର କାଠ ଅତ୍ୟନ୍ତ ଜରୁରୀ, ଯାହା ଯଥା ସମୟରେ ମିଳିଲେ ଉତ୍ସବ ପୂର୍ବରୁ କାମ ସମାପ୍ତ କରାଯିବ। ଏ ନେଇ ଜଗନ୍ନାଥ କମିଟି ସଦସ୍ୟ ପ୍ରାଣବଲ୍ଲଭ ପାଢ଼ୀ, ରତିକାନ୍ତ ରାଉତ, ସୁଧାଂଶୁ ରାଉତ, ମୁକେଶ ରାଉତ, ରାଧାଗୋବିନ୍ଦ ଦାସ ଓ ଅଶୋକ ପୁହାଣ ମଧ୍ୟ କାଠ ଯୋଗାଣ ପାଇଁ ଦୃଢ଼ ଦାବି ଉଠାଇଛନ୍ତି। ସେମାନେ କହିଛନ୍ତି ଯେ, ରଥଯାତ୍ରା ଅଞ୍ଚଳର ଏକ ପ୍ରମୁଖ ଧାର୍ମିକ ଉତ୍ସବ ଥିବାରୁ ଯଥା ସମୟରେ ରଥ ତିଆରି ହେବା ଅତ୍ୟାବଶ୍ୟକ ରହିଛି। ଗ୍ରାମବାସୀଙ୍କ ଆଶା ଯେ, ପ୍ରଶାସନ ଏହି ବିଷୟକୁ ଗୁରୁତର ଏବଂ କଣ୍ଠସ୍ପର୍ଶ ଭାବେ ଗ୍ରହଣ କରି ଯଥାଶୀଘ୍ର କାଠ ଯୋଗାଣ ବ୍ୟବସ୍ଥା କରିବେ, ଯାହା ଫଳରେ ଆସନ୍ତା ରଥଯାତ୍ରା ଉତ୍ସବ ସଫଳ ଓ ସୁରକ୍ଷିତ ଭାବେ ଆୟୋଜିତ ହୋଇପାରିବ।

## ମିଳିତ ଜନଶୁଣାଣି ଶିବିର

# ୧୬୯ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ବାରିପଦା, ୪।୫(ସମିସ)



ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ୧୬୯ଟିଳ ଅଭିଯୋଗର ଶୁଣାଣି କରିଥିଲେ।

ଆଜି ବାରିପଦା ଉପଖଣ୍ଡର ୧୬୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରେ ୧୪୭ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଥିବାବେଳେ ୨୨ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା। ତନ୍ମଧ୍ୟରୁ ଗୋଟିଏ ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଛି। ସେହିପରି ଶୁଣାଣି ଶିବିରରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜନଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ମ୍ୟୁନିସିପାଲିଟିର ବିଜେଡି କାଉନ୍‌ସିଲର ଓ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି ।

# ଲାଞ୍ଚ ନେଇ ରାଜକନିକା ଥାନା ଏଏସ୍‌ଆଇ ଗିରଫ

ରାଜକନିକା, ୪।୫ (ସମିସ): କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଇବାକୁ ଜଣେ ମହିଳାଙ୍କଠାରୁ ୨ ହଜାର ଟଙ୍କା ଲାଞ୍ଚ ନେବା ବେଳେ ରାଜକନିକା ଥାନା ଏଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସ ତାଙ୍କୁ ଗିରଫ କରି ସାଙ୍ଗରେ କଟକ ନେଇଯାଇଛି।



ସୂଚନାନୁଯାୟୀ, ଭାରିଗଦା ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଲିଲିମା ବାରିକଙ୍କ ପ୍ଲଟ୍‌ରେ ତାଙ୍କର କିଛି ବିରୋଧୀ ଜୋରଜବରଦସ୍ତ ଘର ତିଆରି କରୁଥିଲେ। ଗତ ଏପ୍ରିଲ ୨୩ ଓ ୨୫ରେ ଏ ସଂପର୍କରେ ଲିଲିମା ରାଜକନିକା ଥାନାରେ ଏତଲା ଦେଇ ନିର୍ମାଣ କାମ ଅଟକାଇବାକୁ ପୁଲିସକୁ ଅନୁରୋଧ କରିଥିଲେ। କିନ୍ତୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଲିଲିମାଙ୍କୁ କୋର୍ଟ-ଅର୍ଡର୍ ଆଣିବାକୁ କହିଥିଲା। ଗତ ୨୮ ତାରିଖରେ କେନ୍ଦ୍ରାପଡ଼ା ସବ୍-କଲେକ୍ଟରଙ୍କ କୋର୍ଟରୁ ଅର୍ଡର୍ ଆଣିବା ପରେ ଲିଲିମା ଏଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ତାହା ଦେଇ କାମ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ମାତ୍ର, ଏଥିପାଇଁ ଲିଲିମାଙ୍କୁ ପାଞ୍ଚ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ପ୍ରଶାନ୍ତ। ସେଦିନ ସନ୍ଧ୍ୟାରେ ଲିଲିମା ଏକ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ବାକି ଟଙ୍କା ନେବାକୁ ଲିଲିମାଙ୍କୁ ଅସ୍ତବ୍ୟସ୍ତ କରିବାରୁ ବାଧ୍ୟ ହୋଇ ସେ ଏ ବାବଦରେ କଟକ ଭିଜିଲାନ୍ସରେ ଏଏସ୍‌ଆଇ ପ୍ରଶାନ୍ତଙ୍କ ବିରୋଧରେ ଅଭିଯୋଗ କରିଥିଲେ।

ପୂର୍ବ ଯୋଜନା ମୁତାବକ, ଆଜି କଟକ ଭିଜିଲାନ୍ସ ଡିଏସ୍‌ପିଙ୍କ ନେତୃତ୍ୱରେ ୮ ଜଣିଆ ଏକ ଭିଜିଲାନ୍ସ ଟିମ୍ ଅପରାହ୍ଣ ପ୍ରାୟ ୪ଟା ବେଳେ ଥାନା ସମ୍ମୁଖ ଆକାଶୀ ଗଛ ମୂଳେ ଲିଲିମାଙ୍କଠାରୁ ଦୁଇହଜାର ଟଙ୍କା ନେଉଥିବା ବେଳେ ସେଠାରେ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଥାନା ଭିତରେ ପ୍ରଶାନ୍ତଙ୍କ ହାତରେ ଥିବା ରସାୟନବୋଳା ଦୁଇହଜାର ଟଙ୍କାକୁ ପାଣିରେ ଧୋଇବା ପରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ଭିଜିଲାନ୍ସ ଅଧିକାରୀମାନେ ପ୍ରଶାନ୍ତଙ୍କ ସରକାରୀ ବାସଭବନରେ ଚଢ଼ଉ କରିଥିଲେ।

# କାଲାରାଙ୍କ ସମାଧି ନିର୍ମାଣ କରିବେ ଜିତୁ ମୁଣ୍ଡା

ତୁରୁମୁଙ୍ଗା, ୪।୫ (ସମିସ):ଭଉଣୀ କାଲାରାଙ୍କ ସମାଧି ନିର୍ମାଣ କରିବେ ଜିତୁ ମୁଣ୍ଡା। ସମାଧି ନିର୍ମାଣ ପରେ ହୋ' ସମାଜର ରୀତିନୀତି ଅନୁସାରେ କାଲାରାଙ୍କ ଶୁଦ୍ଧିକ୍ରିୟା ସଂପନ୍ନ ହେବ। ଆଜି ସନ୍ଧ୍ୟାରେ ହୋ' ସମାଜର



ଲୋକପ୍ରତିନିଧି ଓ ଗାଁ ମୁରବିମାନଙ୍କ ସହ ବୈଠକ ପରେ ଜିତୁ ଏହି ସୂଚନା ଦେଇଛନ୍ତି। ହୋ' ସମ୍ପ୍ରଦାୟ ପାଟଣା ସରପଞ୍ଚ ବିନତି ବାନାରା, ପଲାଶଘାଟି ପଞ୍ଚାୟତ ନାଏବ ସରପଞ୍ଚ ମିଥୁନ ମୁଣ୍ଡା, ସ୍ଥାନୀୟ ୱାର୍ଡମେମ୍ବର ସନ୍ତୋଷ ମୁଣ୍ଡା, କରମୁ ମୁଣ୍ଡା, ସୁନିଆ ମୁଣ୍ଡା, ବାଇଧର ମୁଣ୍ଡା, ଶୁକ୍ରା ମୁଣ୍ଡା, ସାଲୁ ମୁଣ୍ଡା, ୨୩ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିବା ବେଳେ ଆସନ୍ତାକାଲି ସମାଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହ ବୁଧବାର ଶୁଦ୍ଧିକ୍ରିୟା ପରେ ଜିତୁ ନିଜ ଜାତିରେ ମିଶିବେ ବୋଲି ନିଷ୍ପତ୍ତି ହୋଇଛି।

# ଜାମିନ ପ୍ରଦାନ ବେଳେ ଆଇନର ସଠିକ ଅନୁପାଳନ ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

କଟକ.୪।୫(ସମିସ):ଜଣେ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଭଞ୍ଜନଗର ଏସଡିଜେଏମ୍ ଏକ ସମ୍ବେଦନଶୀଳ ମାମଲାରେ ଆଇନର ବ୍ୟବସ୍ଥାକୁ ସଠିକ ଭାବେ ଅନୁଧ୍ୟାନ ନକରି ଏକ ହତ୍ୟା ଘଟଣାରେ ସହ-ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଥିବାରୁ ହାଇକୋର୍ଟ ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ସମ୍ପୃକ୍ତ ଯୁବ ବିଚାର ବିଭାଗୀୟ ଅଧିକାରୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଭଞ୍ଜନଗର ଥାନା ଅନ୍ତର୍ଗତ ଏକ ହତ୍ୟା ମାମଲାରେ ଅଭିଯୁକ୍ତ ଆଦିକନ୍ଦ ସ୍ୱାଇଁ ଓ ଅନ୍ୟ ଜଣେ ବ୍ୟକ୍ତି ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ଏହି ମାମଲାଟି ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୫ ଅଧୀନରେ ଆସୁଥିଲା, ଯେଉଁଥିରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ କିମ୍ବା ଅତି କମ୍‌ରେ ୫ବର୍ଷର ଜେଲ୍ ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ଭଞ୍ଜନଗର ଏସ୍‌ଡିଜେଏମ୍ ପୂର୍ବରୁ ଏହି ମାମଲାରେ ସହ-ଅଭିଯୁକ୍ତମାନଙ୍କୁ ଜାମିନ ପ୍ରଦାନ କରିଥିଲେ। ସେମାନଙ୍କୁ ବିଏନ୍‌ଏସ୍‌ଏସ୍‌ର ଧାରା ୩୫(୩) ଅନୁଯାୟୀ ନୋଟିସ୍ ଜାରି କରାଯାଇଥିବା ଦର୍ଶାଇ ଜାମିନ ଦିଆଯାଇଥିଲା, ଯାହାକି କେବଳ ୭ ବର୍ଷରୁ କମ ସଜା ଥିବା ଅପରାଧ ପାଇଁ ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ ହୋଇଥିଲା। ଯେହେତୁ ବିଏନ୍‌ଏସ୍‌ର ଧାରା ୧୦୫ରେ ଆଜୀବନ କାରାଦଣ୍ଡର ପ୍ରାବଧାନ ରହିଛି, ତେଣୁ ବିଏନ୍‌ଏସ୍‌ଏସ୍‌ର ଧାରା ୪୮୧(୧)(ଆଇ) ଅନୁଯାୟୀ ଏପରି ମାମଲାରେ ସହଜରେ ଜାମିନ ଦିଆଯାଇପାରିବ ନାହିଁ। କିନ୍ତୁ, ନିମ୍ନ ଅଦାଲତ ଏହି ଆଇନକୁ ଅଣଦେଖା କରିଥିଲେ। ଏହି ନିର୍ଦ୍ଦେଶର ଏକ ନକଲ ଗଞ୍ଜାମ ଜିଲ୍ଲା ଦୌରାଜଜ୍‌ଙ୍କ ଜରିଆରେ ସମ୍ପୃକ୍ତ ଏସ୍‌ଡିଜେଏମଙ୍କ ପାଖକୁ ପଠାଇବାକୁ କୁହାଯାଇଛି। ହାଇକୋର୍ଟ ମାମଲାର ସ୍ଥିତି ଓ ତଦନ୍ତ ପ୍ରକ୍ରିୟାର ଅଗ୍ରଗତିକୁ ଦୃଷ୍ଟିରେ ରଖି ଆବେଦନକାରୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଙ୍ଗ ବିଜୟ ଅବିସ୍ମରଣୀୟ...

କରିଛନ୍ତି। ଏହାସହ ଜନଶକ୍ତି ବିଜୟୀ ହୋଇଛି ଏବଂ ବିଜେପିର ସୁଶାସନ ରାଜନୀତି ବିଜୟୀ ହୋଇଛି ବୋଲି କହିବା ସହ ତାଙ୍କ ଦଳ ପଶ୍ଚିମବଙ୍ଗର ଲୋକଙ୍କ ସ୍ୱପ୍ନ ଏବଂ ଆକାଂକ୍ଷା ପୂରଣ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଶେଷରେ ରାଜ୍ୟରେ ଦଳର ଐତିହାସିକ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ବିଜେପି କାର୍ଯ୍ୟକର୍ତ୍ତା ମାନଙ୍କ ଅକ୍ଲାନ୍ତ ପରିଶ୍ରମ ପାଇଁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଆସାମରେ ବିଜେପିର ବିଜୟ ପାଇଁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ, ଆସାମ ପୁଣିଥରେ ବିଜେପି-ଏନଡିଏକୁ ପୂର୍ଣ୍ଣ ଆଶୀର୍ବାଦ ଦେଇଛି। ବିଧାନସଭା ନିର୍ବାଚନରେ ବିଜେପି-ଏନଡିଏର ଏହି ବିଜୟ ବିକାଶ ଏବଂ ଜନ କଲ୍ୟାଣର ରାଜନୀତିରେ ଲୋକଙ୍କ ଅଟଳ ବିଶ୍ୱାସର ପ୍ରତୀକ। ଏହି ପ୍ରଚଣ୍ଡ ଜନମତ ପାଇଁ ମୁଁ ଆସାମରେ ମୋ ପରିବାରର ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଉଛି। ମୁଁ ସେମାନଙ୍କୁ ଆଶ୍ୱାସନା ଦେଉଛି ଯେ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଆମେ ଅକ୍ଲାନ୍ତ ପରିଶ୍ରମ କରିବୁ। ସେହିପରି କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀର ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏନ. ରଙ୍ଗାସାମୀଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ଏନ୍‌ଡିଏ ମେଣ୍ଟ ଉପରେ ଜନତା ପୁଣି ଆସ୍ଥା ପ୍ରକଟ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଏବଂ ଅଞ୍ଚଳରେ ସୁଶାସନକୁ ଆହୁରି ବୃଦ୍ଧି କରିବା ପାଇଁ ଆମର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

### ୫ ବରଯାତ୍ରୀ...

ନାୟକ, ଗୀତା ପୂର୍ତ୍ତି, ବଲ୍ଲା ମୁଣ୍ଡା ଓ ମାଳତି ମୁଣ୍ଡା। ଧର୍ମଶାଳା ମେଡ଼ିକାଲରେ ୩ ଜଣଙ୍କ ମରଶରୀର ରହିଥିବା ବେଳେ ବଡ଼ଚଣା ମେଡ଼ିକାଲରେ ୨ଜଣଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ସୌଭାଗ୍ୟବଶତଃ ଉକ୍ତ ଗାଡ଼ିରେ ଥିବା ୨ଜଣ ଶିଶୁ ସାମାନ୍ୟ ଆହତ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟତମ ସଂପର୍କୀୟଙ୍କୁ ୪ ଲକ୍ଷ ଟଙ୍କାର ସରକାରୀ ସହାୟତା ଘୋଷଣା କରିଛନ୍ତି। ଘଟଣାସ୍ଥଳରେ ଦୁର୍ଘଟଣାଗ୍ରସ୍ତ ବୋଲେରୋ ଗାଡ଼ିରେ ଥିବା ଯାତ୍ରୀମାନେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତରମାନଙ୍କୁ ଧର୍ମଶାଳା ଏବଂ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଯାଜପୁର ରୋଡ୍ ଏସ୍‌ଡିପିଓ, ବଡ଼ଚଣା ପୁଲିସ, ଜେନାପୁର ପୁଲିସ ପହଞ୍ଚି ତଦନ୍ତ ଚଳାଇଛନ୍ତି। ବର ଏବଂ ତାଙ୍କ ପରିବାର ଲୋକେ ସୁରକ୍ଷିତ ଭାବେ ଘରେ ପହଞ୍ଚିଛନ୍ତି। ସେମାନଙ୍କ ସୂଚନା ଅନୁଯାୟୀ, ରବିବାର ରାତିରେ ବଡ଼ଚଣାରୁ ୩୦ରୁ ଊର୍ଦ୍ଧ୍ୱ ବରଯାତ୍ରୀ କେନ୍ଦୁଝର ଯାଇଥିଲେ। ସୋମବାର ଭୋର୍‌ରୁ ଏକ ବୋଲେରୋ ୧୪ ବରଯାତ୍ରୀଙ୍କୁ ନେଇ ବଡ଼ଚଣା ଅଭିମୁଖେ ଫେରୁଥିଲା। ଗତକାଲି ବିଳମ୍ବିତ ରାତିରେ ନ ଫେରିବା ପାଇଁ ବରଯାତ୍ରୀଙ୍କୁ କୁହାଯାଇଥିଲା। ହେଲେ ସେମାନେ କଥା ମାନିନଥିଲେ। ବିଳମ୍ବିତ ରାତିରେ ବୋଲେରୋରେ ସେଠାରୁ ବାହାରି ଆସିଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 465, dated 30.04.2026 I, BHAJAN NAYAK, S/o - Late. Jitendra Nayak, Permanent Resident of - Dhabasahi, Nabarangpur, Po- Nabarangpur, Ps- Nabarangpur, Dist- Nabarangpur, Odisha, Pin - 764059, declare that I have changed the name of my Daughter from AKHYANSRI NAYAK to ARASHI NAYAK. Henceforth, She shall be known as **ARASHI NAYAK** for all purposes.

Sd/- Bhajan Nayak

**AFFIDAVIT**

By virtue of an affidavit sworn before the Executive Magistrate, Chandahandi, Dist- Nabarangpur, Vide no- 368/2026, dated. 30.04.2026 I, JUBRAJSING SUNA , S/o.- Pabansing Suna, Resident of Village- Koradangari, Po.- Jamadarpada, Ps.- Chandahandi, Dist- Nabarangpur, Odisha,Pin - 764077, declare that I have changed my name from JUBARAJ SUNA to JUBRAJSING SUNA. Henceforth, I shall be known as **JUBRAJSING SUNA** for all purposes.

Sd/- Jubrajsing Suna

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 712, dated 20.04.2026 I, URDHAB NAYAK, S/o - Laba Nayak, Permanent Resident of Village - Narasingguda, Po- Dhandra, Ps- Tentulikhunti, Dist- Nabarangpur, Odisha, Pin - 764049, declare that I have changed the name of my Son from GUPTA PRASAD NAYAK to CHANDAN NAYAK. Henceforth, he shall be known as **CHANDAN NAYAK** for all purposes.

Sd/- Urdhab Nayak

**LOST**

I, Malay Kumar Maity, S/o Ashok Kumar Maity, resident of Jamunadeipur, Ward No. 18, Baripada, Dist. Mayurbhanj, Odisha, hereby inform that my bag containing original educational certificates (HSC, +2, Diploma, B.Tech, Autocad, Tally, Web Design, etc.) was lost on 25/04/2026 near Bhanjpur Market.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide No.: 759, dated: 28.04.2026, I, Biswajeeta Padhy, wife of Mukteswar Padhy, resident of Village: Janiguda, P.O.: Koraput, P.S.: Koraput Town, District.: Koraput, Odisha, PIN-764002, hereby declare that my former name was Biswajeeta Bagh. I have changed my name to **Biswajeeta Padhy** with effect from 29 April 2026, and henceforth I shall be known and identified by the name **Biswajeeta Padhy** for all purposes.

Sd/- Biswajeeta Padhy

**ଘୋଷଣା ନାମା**

ମୁଁ ବାଲୁଙ୍କେଶ୍ୱର ପ୍ରଧାନ, ପିତା- ଜଟାଧାରି ପ୍ରଧାନ, ବାସସ୍ଥାନ/ପୋ- ଦାଣ୍ଡମୁକୁନ୍ଦପୁର, ଥାନା- ପିପିଲି, ଜିଲ୍ଲା- ପୁରୀ, ଓଡ଼ିଶା ଏହିଠାରେ ଘୋଷଣା କରୁଛି କି ମୋର ଅରିସଲ ମଉଜା, ତହସିଲ ଡେଲାଙ୍ଗରେ ଖାତା ନଂ ୮୭୯/୫୯୪, ପ୍ଲଟ୍ ନଂ - ୧୧୮୮, କ୍ଷେତ୍ର ଏକର ୦.୦୪ ଡିସିମିଲ / ଖାତାନଂ ୮୭୯/୫୯୩, ପ୍ଲଟ୍ ନଂ ୧୧୯୨, କ୍ଷେତ୍ର ଏକର ୦.୧୯ ଡିସିମିଲ / ଖାତାନଂ ୮୭୯/୫୯୫, ପ୍ଲଟ୍ ନଂ ୧୧୮୯, କ୍ଷେତ୍ର ଏକର ୦.୧୩ ଡିସିମିଲ ଏବଂ ମୁକୁନ୍ଦପୁର ମଉଜା ତହସିଲ ପିପିଲି ରେ ଖାତାନଂ ୪୯୨/୫୮୩, ପ୍ଲଟ୍ ନଂ ୫୪, କ୍ଷେତ୍ର ଏକର ୧.୨୮ ଡିସିମିଲ।

ଉପରୋକ୍ତ ଜାଗା ଗୁଡିକର ବିକ୍ରୟ କବଲା ନଂ ୧୧୬୬ ତା ୨୧/୦୫/୧୯୯୯, ପିପିଲି ସବ୍ ରେଷ୍ଟର ଅଫିସ୍, କବଲା ନଂ ୪୯୫ ତା ୨୫/୦୮/୨୦୦୦, ଡେଲାଙ୍ଗ ସବ୍ ରେଷ୍ଟର ଅଫିସ୍, କବଲା ନଂ ୪୯୬ ତା ୨୫/୦୮/୨୦୦୦, ଡେଲାଙ୍ଗ ସବ୍ ରେଷ୍ଟର ଅଫିସ୍, କବଲା ନଂ ୧୧୫୫୨୧୧୦୦୩୭୬ ତା ୧୧/୦୬/୨୦୨୧, ଡେଲାଙ୍ଗ ସବ୍ ରେଷ୍ଟର ଅଫିସ୍ ଏବଂ କବଲା ନଂ ୮୨୭ ତା ୧୬/୦୫/୧୯୯୪, ପିପିଲି ସବ୍ ରେଷ୍ଟର ଅଫିସ୍ ଅଧିନରେ ରେଜିଷ୍ଟ୍ରୀ କରଣ କରିଥିଲି କିନ୍ତୁ ଦୁର୍ଭାଗ୍ୟଜନକ ଉକ୍ତ ଓରିଜିନାଲ ପାଟ୍ଟା ଓ କବଲା ଗୁଡିକ୍ କେଶାର୍କରୁ ରାମଚଣ୍ଡୀ ଜିବା ସମୟରେ କେଉଁଠାରେ ହଜିଜାଇ ଅଛି ।

ଯଦି କୌଣସି ସହୃଦୟବ୍ୟକ୍ତି ଉପରୋକ୍ତ କାଗଜ ଗୁଡିକୁ ପାଇଥାନ୍ତି ତେବେ ମୋର ଉପରୋକ୍ତ ଠିକଣାରେ ପଠାଇବାକୁ ଅନୁରୋଧ ।

**AFFIDAVIT**

I, Nilandri Nanda, aged about 50 years, wife of Nandalal Nanda, resident village of Kumelsingha, PS- Attabira, Dist- Bargarh, PIN -768111 as mentioned in my govt document (Residence Certificate- E/RES/2026/690062) of this affidavit date 02/05/2026 in front of notary public, Sambalpur that now onwards I shall be known as **Nilendri Nanda** for all future purpose.

**AFFIDAVIT**

By virtue of an Affidavit sworn before Executive Magistrate, Bargarh, C.F No- 899/26, dated 4th May 2026, I Mugdha Dash, D/o- Harekrishna Dash, Permanent Resident At Ward no 19, Brahma Bihar colony, At/Po/Dist.- Bargarh, State- Odisha, Pin- 768028, declared that I have changed my son's name from **Debajyoti Mahapatra** to **Atharv Dash**. Henceforth, he shall be known as **Atharv Dash** for all purposes.

**Mugdha Dash**- Deponent

**AFFIDAVIT**

By virtue of an affidavit no. 528, before the **Executive Magistrate, Nabarangpur, dtd. 27.08.2024,** I, Jagesh Nayak, S/o Khama Nayak, resident of Maidalpur, Nabarangpur, Odisha, hereby declare that my name was wrongly recorded as Yageshwar Nayak in my Aadhaar Card. That both names refer to the same person i.e. myself. Henceforth, I shall be known as **Jagesh Nayak** for all purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 04/05/2026. I, **Bikram Bariha** (applicant name), S/o- Dharmu Bariha, permanent & current resident of AT: Sialjhudungi, PO: Manigaon, PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor son's name from **Dekock Bariha** (old name) to **Hemsagar Bariha** (new name). Henceforth, he shall be known as **Hemsagar Bariha** (new name) for all future purposes.

**(Bikram Bariha)**

**AFFIDAVIT**

I, Sanjay Kumar Mohini, aged about 47 years, S/o- Saheb Mohini, resident of At-Sarbahal, Jharsuguda, Dist-Jharsuguda, Pin- 768201, Odisha do hereby declare by this affidavit No. 916, dtd- 04/05/2026, that now onwards I shall be known as **SANJAYA KUMAR MOHINI** for all future purposes.

**AFFIDAVIT**

By virtue of an affidavit (No.03, date: 20/11/2025) sworn before the Executive Magistrate, Nuapada. I, **Naresh Kumar Neora,** S/o Gangeswar Neora, permanent & current resident of Jamseth, PO: Jamseth,PS : Paikmal ,Dist: Bargarh, State: Odisha, PIN: 768050 declare that I have change my minor son's name from **Youhesh Neora** to **Yogesh Neora.** Henceforth, he shall be known as **Yogesh Neora** (new name) for all purposes.

**(Naresh Kumar Neora)**

**NOTICE**

By virtue of an affidavit sworn before Notary Public, Bhubaneswar, dated- 4th May 2026, I, **Soumya Sudatta Nanda**, permanent resident of Flat No. 7, 4th Floor, Plot No. N3/450, Suryamani Apartment, IRC Village, Nayapalli, IRC Village, PO: IRC Village, Bhubaneswar, DIST: Khorda, Odisha, Pin-751015 declare that I have changed my name from **Sudatta Nanda** to **Soumya Sudatta Nanda**. Henceforth, I shall be known as **Soumya Sudatta Nanda** for all purposes.

**Soumya Sudatta Nanda**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 751, dated. 27.04.2026 I, DAIMATI AMANATYA , W/o.- Gopi Amanatya, Permanent Resident of Village- Maliguda, Po.- B. Maliguda, Ps.- Nabarangpur, Dist- Nabarangpur, Odisha,Pin - 764078, presently residing at- P W D Colony, Jeypore, Po/Ps- Jeypore, Dist - Koraput, Odisha, Pin- 764001 declare that I have changed my name from DOMANI AMANATYA to DAIMATI AMANATYA. Henceforth, I shall be known as **DAIMATI AMANATYA** for all purposes.

Sd/- Daimati Amanatya

13001/360/2627

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender ID: 2026_ORULB_127815**

**Bid Reference No. MC(CMC)CTC_Div-II_No.03/2026-27**

**Tender Call Notice No. 4423 (PW), Date: 28.04.2026**

**Name of Works: Civil Works**
**No of Works: 10 Nos**
**Bid Value: Rs. 4.02 Lakh to Rs. 29.79**
**Date of Completion: One Calendar Month to Three Calendar Months**
**Date and Time schedule:**

| Start | End | Opening |
|---|---|---|
| 3.00 PM on dt. 30.04.2026 | 5.00 PM on dt. 11.05.2026 | 11.00 A.M. on dt. 14.05.2026 |

**Tender Details: can be seen from the procurement portal: www.tendersorissa.gov.in**

**Executive Engineer, City Div-II**

OIPR-13001/13031/1/26-27/0017

24001/47/2627

**ଓଡିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

**No. RDM-LAA-MBJ-0017-2025-49122/R&DM, Dated 30.12.2025**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- **ଗଡିଗାଁ**, ଥାନା- ମୋରଡା, ନଂ. ୮୫, ତହସିଲ- ମୋରଡା, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ଟଫସିଲ ମତେ ପ୍ରାୟ **ଏ. ୧.୭୫** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ବେତନଟୀ କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ ଜିଲ୍ଲାପାଳ, ବାରିପଦା ।

**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ମୋରଡା | ଗଡିଗାଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୯୫ | ଏ. ୧.୭୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୨୬/୨୦୨୪**
**ଏ.୧.୭୫ ଡେ.ମି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ**
**ମୌଜା- ଗଡିଗାଁ, ଥାନା- ମୋରଡା ନଂ-୮୫, ତହସିଲ- ମୋରଡା, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 108 ରୟତ | 781/1574 | 0.80 | 0.48 | ଡାହି ଏକ | ଦିବାକର ମହାକୁଡ, ଭାସ୍କର ମହାକୁଡ, ପ୍ରଭାକର ମହାକୁଡ, ଜକୁ ମହାକୁଡ ପି: ଚନ୍ଦ୍ରଶେଖର ମହାକୁଡ ଜା: ଗୋପାଳ ବା: ନିଜଗାଁ |
| 178 ରୟତ | 781/1576 | 0.65 | 0.33 | ଡାହି ଏକ | ବୈକୁଣ୍ଠ ମହାକୁଡ ପି: ଗୋରା ମହାକୁଡ, ମହେଶ୍ୱର ମହାକୁଡ, ଗଣେଶ୍ୱର ମହାକୁଡ ପି: ଗୌର ମହାକୁଡ, ସୂର୍ଯ୍ୟ ମହାକୁଡ ସ୍ୱା: ଗୌର ମହାକୁଡ, ଶତ୍ରୁଘନ ମହାକୁଡ, ଏକାଦଶି ମହାକୁଡ ପି: କାଳିଆ ମହାକୁଡ ଜା: ମଗଧା ଗଉଡ ବା: ନିଜଗାଁ |
| 230 ରୟତ | 1096 | 0.16 | 0.16 | ଡାହି ଏକ | ରାଧୁ ଦାସ ପି:କାଳି ଚରଣ ଦାସ ଜା: ବୈଷ୍ଣବ ବା: ନିଜଗାଁ |
| 256 ରୟତ | 781/1575 | 0.37 | 0.21 | ଡାହି ଏକ | ଲାଲ ମହାନ୍ତ, ମୋହନ ମହାନ୍ତ, ସହନ ମହାନ୍ତ ପି: ବଡ଼ ପ୍ରହରାଜ ମହାନ୍ତ, ଧନିରାମ ମହାନ୍ତ, କୁଶ ମହାନ୍ତ, ଲବଘନ ମହାନ୍ତ ପି: କାଳିଆ ମହାନ୍ତ, ସୁକୁ ମହାନ୍ତ, ପବନ ମହାନ୍ତ ପି: ନକୁଳ ମହାନ୍ତ ଜା: କୁଡୁମି ବା: ଫୁଲବାଡ଼ିଆ |
| 318/351 ରୟତ | 1097 | 0.75 | 0.41 | ଡାହି ଏକ | ଚୈତନ୍ୟ ମହାନ୍ତ ପି: ନିଳକଣ୍ଠ ମହାନ୍ତ ଜା: କୁଡୁମି ବା: ଛାଞ୍ଚ, ବାରିପଦା, ବାସନ୍ତି ମହାନ୍ତ ସ୍ୱା: ପୁରୁଷୋତ୍ତମ ମହାନ୍ତ, ପରେଶ ମହାନ୍ତ, ଛତିଶ ମହାନ୍ତ ପି: ଗଣେଶ ମହାନ୍ତ, ଝୁନୁପୁଳି ମହାନ୍ତ ସ୍ୱା: ଭକ୍ତୁ ମହାନ୍ତ, ସାରଥି ମହାନ୍ତ, ହୀରାମଣି ମହାନ୍ତ ପି: ଭକ୍ତୁ ମହାନ୍ତ, ଗଗନ ମହାନ୍ତ ପି: ପୁରୁଷୋତ୍ତମ ମହାନ୍ତ ଜା: କୁଡୁମି ବା: ରାଘବପୁର,ଥାନା-ରାସଗୋବିନ୍ଦପୁର |
| 318/350 ରୟତ | 1097/2472 | 0.11 | 0.11 | ଡାହି ଏକ | ନବୀନ ଚନ୍ଦ୍ର ମହାନ୍ତ ପି:ଉମାକାନ୍ତ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 318/349 ରୟତ | 1097/2473 | 0.11 | 0.05 | ଡାହି ଏକ | ପର୍ଶୁରାମ ମହାନ୍ତ ପି:ଉମାକାନ୍ତ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| ମୋଟ | ୦୭ ପ୍ଲଟ | ଏ.୨.୯୫ ଡେ.ମି. | ଏ.୧.୭୫ ଡେ.ମି. | | |

L.A., S.I.P Laxmiposi | Revenue Inspector L.A. Zone, S.I.P Laxmiposi | Zone Office-cum-L.A. Collector S.I.P., Laxmiposi Zone | Spl. Land Acquisition Officer S.I.P., Baripada

OIPR-24001/24001/3/26-27/0002

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**

Grand Road, Medical Square, Puri, Pin No-752002
Phone No-06752-222124(O) & 232294©, E Mail: cdspuri@gmail.com

10001/105/2627

**TENDER CALL NOTICE**

No. 2028Sub Store Puri, Dated: 28.04.26

**Supply of Drugs, Medical Consumables & EIF for Puri District**

Sealed Tenders are invited from the intending manufacturers/authorized distributors for supply of drugs & Medical Consumable.
For detail regarding this tender call notice please visit the web site www.puri.nic.in or contact office of the undersigned during the office hour in all working days.
Last Date & Time of receipt of Tender: 14.05.2026 upto 11 A.M.
Pre Bid Discussion: 07.05.2026 at 11.30 A.M.
Date & Time of opening of Tender: 14.05.2026 at 12 NOON
Venue: Office Chamber of CDM & PHO, Puri
The authority reserves full rights to accept or reject any or all tenders without assigning any reason thereof.


Sd/-Chief District Medical & Public Health Officer, Puri

OIPR-10001/10021/1/26-27/0006

**● ଆଇପିଏଲ୍ ଇଞ୍ଜୁରି ଅପ୍‌ଡେଟ୍**

## ଚିକିତ୍ସା ପାଇଁ ଲଣ୍ଡନ ଫେରିଲେ ଫିଲ୍ ସଲ୍ଟ

ନୂଆଦିଲ୍ଲୀ,୪।୫(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ରନ୍, ଚୌକା ଓ ଛକାର ବର୍ଷା ଯେପରି ହୋଇଛି, ଠିକ୍ ସେହିପରିମାଣରେ ଖେଳାଳିଙ୍କ ଆହତ ସମସ୍ୟା ବୃଦ୍ଧି ପାଇଛି। ଏହା ମଧ୍ୟରେ ଆଙ୍ଗୁଠିରେ ଆଘାତ ଲାଗିଥିବାରୁ ତାହାର ଚିକିତ୍ସା କରିବା ଲାଗି ବେଙ୍ଗାଲୁରୁର ଓପନ ଫିଲ ସଲ୍ଟ ସ୍ୱଦେଶ ବା ଲଣ୍ଡନ ଫେରିଯାଇଛନ୍ତି। ସେଠାରେ ସେ ଆଘାତ ସ୍ଥାନରେ ସ୍କାନ୍ କରିବା ପରେ ଚିକିତ୍ସିତ ହେବେ। ତାଙ୍କ ସ୍ଥାନରେ ଜ୍ୟାକବ ବେଥେଲ ଏବେ ଖେଳିବେ। କିନ୍ତୁ ସଲଟ ଖୁବ୍ ଶୀଘ୍ର ଦଳ ସହ ଯୋଗଦେବେ ବୋଲି ବେଙ୍ଗାଲୁରୁ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି।



**ଆଉଟ୍, ଆଉଟ୍**: ଏହା ମଧ୍ୟରେ ଚେନ୍ନଇ ସୁପର କିଙ୍ଗ୍‌ସ ପକ୍ଷରୁ ଡେବ୍ୟୁ କରିଥିବା ପେସ୍ ବୋଲିଂ ଅଲରାଉଣ୍ଡର ରାମକ୍ରିଷ୍ଣା ଘୋଷ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଶନିବାର ମୁମ୍ବଇ ଇଣ୍ଡିଆନ୍ସ ବିପକ୍ଷରେ ମ୍ୟାଚ୍ ଖେଳିଲାବେଳେ ତାଙ୍କ ଗୋଡ ମୋଡି ହୋଇଯିବାରୁ ଭାଙ୍ଗିଯାଇଛି ଓ ସେ ଚଳିତବର୍ଷ ଆଉ ଖେଳିବା ନେଇ ସମ୍ଭାବନା ନାହିଁ। ଚେନ୍ନଇ ଟିମ୍‌ରୁ ଚଳିତ ସିଜନରେ ବାଦ୍ ପଡ଼ିବାରେ ସେ ହେଉଛନ୍ତି ଚତୁର୍ଥ ଖେଳାଳି ଏବଂ ତୃତୀୟ ପେସ୍ ବୋଲର। ପୂର୍ବରୁ ନାଥାନ ଏଲିସ୍, ଖଲୀଲ ଅହମ୍ମଦ୍ ଓ ବ୍ୟାଟର ଆୟୁଷ ମାହତ୍ରେ ବାଦ୍ ପଡ଼ିଥିଲେ।

**ଇଂଲିଶ ଇନ୍**: ୮.୬୦ କୋଟି ଟଙ୍କାରେ କିଣାଯାଇଥିବା ଅଷ୍ଟ୍ରେଲିଆର ୱିକେଟକିପର ବ୍ୟାଟର ଜୋଶ ଇଂଲିଶ ଆଜି ଲକ୍ଷ୍ନୌ ସୁପରଜାଏଣ୍ଟସ (ଏଲଏସ୍‌ଜି) ପକ୍ଷରୁ ଡେବ୍ୟୁ କରିଛନ୍ତି। ବିବାହଯୋଗୁଁ ସେ ଆଇପିଏଲ୍‌ର ପ୍ରଥମାର୍ଦ୍ଧରେ ଉପଲବ୍ଧ ହୋଇପାରି ନ ଥିଲେ। ଆଜି ଖେଳାଯାଇଥିବା ମୁମ୍ବଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସେ ମିଚେଲ ମାର୍ଶଙ୍କ ସହ ଇନିଂସ ଓପନ କରିଥିଲେ। କିନ୍ତୁ ଦଳରେ ସାମିଲ ଥିବା ଦକ୍ଷିଣ ଆଫ୍ରିକୀୟ ବ୍ୟାଟର ମାଥ୍ୟୁ ବ୍ରିଜ୍‌କେ ବ୍ୟକ୍ତିଗତ କାରଣ ଯୋଗୁଁ ସ୍ୱଦେଶ ଫେରିଯାଇଛନ୍ତି। ସେହିପରି ଆଜିର ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ମୁମ୍ବଇ ଇଣ୍ଡିଆନ୍ସର ନେତୃତ୍ୱ ନେଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଅସୁସ୍ଥ ଥିବାରୁ ତାଙ୍କୁ ଦଳରେ ସାମିଲ କରା ନ ଯାଇ ବିଶ୍ରାମ ଦିଆଯାଇଛି।



**ଲକ୍ଷ୍ନୌ ସୁପର ଜାଏଣ୍ଟସ ବନାମ ମୁମ୍ବଇ ଇଣ୍ଡିଆନ୍ସ**

# ୧୬ ବଲ୍‌ରେ ପୂରନଙ୍କ ୫୦ ରନ୍ ପୂରଣ

ମୁମ୍ବଇ,୪।୫(ଏଜେନ୍ସି)

ବିସ୍ଫୋରକ ଅର୍ଦ୍ଧଶତକ ସହ ଫର୍ମକୁ ଫେରିଛନ୍ତି ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି)ର ୱେଷ୍ଟଇଣ୍ଡିଆନ୍ ବ୍ୟାଟର ନିକୋଲସ ପୂରନ। ଏଠାରେ ମୁମ୍ବଇ ଇଣ୍ଡିଆନ୍ସ ବିପକ୍ଷ ମୁକାବିଲାରେ ପୂରନ ମାତ୍ର ୧୬ ରନ୍‌ରେ ୫୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ସେ ମୋଟ ୨୧ଟି ବଲ୍‌ରୁ ଗୋଟିଏ ଚୌକା ଓ ୮ଟି ଛକା ସହ ୬୩ ରନ୍ କରିବା

**ଆଜିର ଆଇପିଏଲ୍ ମ୍ୟାଚ୍**
ଚେନ୍ନଇ ବନାମ ଦିଲ୍ଲୀ
ଭେନ୍ୟୁ - ଦିଲ୍ଲୀ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏସ୍‌ଜି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୨୮ ରନ୍ ସଂଗ୍ରହ କରିନେଇଛି। ଖେଳ ବନ୍ଦରହିଲା ବେଳକୁ ହିମ୍ମତ ସିଂ ୩୧ବଲ୍‌ରେ ୪୦ ଓ ଆଇଡେନ୍ ମାରକ୍ରମ ୨୫ବଲ୍‌ରେ ୩୧ରନ୍ କରି ଅପରାଜିତ ରହିଥିଲେ। ଏମାନେ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରେ ୪୭ବଲ୍‌ରୁ ୬୮ ରନ୍ ଉଠାଇବା ଫଳରେ ଏଲ୍‌ଏସ୍‌ଜି ୨୦୦ ରନ୍ ମାର୍କ ଅତିକ୍ରମ କରିଥିଲା। ପୂର୍ବରୁ ଏଲ୍‌ଏସ୍‌ଜି ୨୯ରନ୍‌ରେ ଇଂଲିଶଙ୍କ ୱିକେଟ ହରାଇବା ପରେ ମାର୍ଶ ଓ ପୂରନ ଦ୍ୱିତୀୟ ୱିକେଟ ଭାଗୀଦାରିରେ ୩୪ବଲ୍‌ରୁ ୯୪ ରନ୍ ଉଠାଇ ଦଳକୁ ଏକ ବିଶାଳ ସ୍କୋରର ମୂଳଦୁଆ ପକାଇଥିଲେ। ଏଲଏସ୍‌ଜି ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ ଟି-୨୦ କ୍ୟାପ୍ଟେନ ମିଚେଲ ମାର୍ଶ ୨୫ବଲ୍‌ରେ ୪୪, ଡେବ୍ୟୁଟାଣ୍ଟ ଜୋଶ ଇଂଲିଶ ୫ବଲ୍‌ରେ ୧୩, ଅଧିନାୟକ ଋଷଭ ପନ୍ତ୍ ୧୫, ଅକ୍ଷୀ ରଘୁବଂଶୀ ୧୧ରନ୍ କରିଛନ୍ତି। ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ କର୍ବିନ ବୋଶ୍ଚ ୨ଟି, ଆଲା ଘଜନଫର, ୱିଲ ଜ୍ୟାକ୍ସ, ରଘୁ ଶର୍ମା ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି।



ଏହି ମ୍ୟାଚ୍ ପୂର୍ବରୁ ଉଭୟ ଦଳ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପଏଣ୍ଟ ଟେବଲର ଶେଷ ଦୁଇ ସ୍ଥାନରେ ରହିଥିଲେ। ମୁମ୍ବଇ ୯ମ ଓ ଏଲ୍‌ଏସ୍‌ଜି ୧୦ମ ସ୍ଥାନରେ ରହିଥିଲା। ମୁମ୍ବଇ ଇଣ୍ଡିଆନ୍ସର ନିୟମିତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପିଠିରେ ଯନ୍ତ୍ରଣା ହେବାରୁ ଏହି ମ୍ୟାଚରୁ ତାଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ସ୍ଥାନରେ ଟିମ୍ ଇଣ୍ଡିଆ କ୍ୟାପ୍ଟେନ ସୂର୍ଯ୍ୟକୁମାର ଯାଦବ ମୁମ୍ବଇ ଇଣ୍ଡିଆନ୍ସର ନେତୃତ୍ୱ ନେଇଛନ୍ତି। ଏହି ମ୍ୟାଚ୍‌ରେ ରୋହିତ ଶର୍ମା ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ କେବଳ ବ୍ୟାଟିଂ କରିବେ। ରଘୁ ଶର୍ମାଙ୍କୁ ଦଳରେ ସ୍ଥାନ ମିଳିଛି। ସେହିପରି ଏଲ୍‌ଏସ୍‌ଜି ଦଳରେ ଜୋଶ ଇଂଲିଶଙ୍କୁ ପ୍ରଥମଥର ସାମିଲ କରିଛି। ଏଠାରେ ସେ କିନ୍ତୁ ମାତ୍ର ୫ ବଲ୍‌ରେ ୧୩ ରନ୍ କରିଥିଲେ।

## ଗୁଜରାଟକୁ ଜିତାଇଲେ ହୋଲ୍ଡର

ଅହମ୍ମଦାବାଦ: ଜେସନ ହୋଲ୍ଡର (୪/୨୪)ଙ୍କ ଘାତକ ବୋଲିଂ ଏବଂ ସାଇ ସୁଦର୍ଶନ (୪୧ବଲ୍‌ରେ ୫୭ରନ୍)ଙ୍କ ଅର୍ଦ୍ଧଶତକ ବଳରେ ଆଇପିଏଲ୍‌ର ୪୬ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ୪ ୱିକେଟରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପଞ୍ଜାବ ପ୍ରଦତ୍ତ ୧୬୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଆରମ୍ଭରୁ ୱିକେଟ ହରାଇଥିଲା। କିନ୍ତୁ ସାଇ ସୁଦର୍ଶଙ୍କ ୫୭, ୱାଶିଂଟନ ସୁନ୍ଦରଙ୍କ ଅପରାଜିତ ୪୦ ରନ୍ ସହାୟତାରେ ଗୁଜରାଟ ଗୋଟିଏ ବଲ ବାକିଥାଇ ୬ ୱିକେଟ୍ ହରାଇ ମ୍ୟାଚ୍‌କୁ ଜିତିନେଇଥିଲା।.

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୯ | ୬ | ୨ | ୧ | ୧୩ | +୦.୮୫୫ |
| ବେଙ୍ଗାଲୁରୁ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ହାଇଦରାବାଦ | ୧୦ | ୬ | ୪ | ୦ | ୧୨ | +୦.୬୪୪ |
| ରାଜସ୍ଥାନ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନଇ | ୯ | ୪ | ୫ | ୦ | ୮ | +୦.୦୦୫ |
| ଦିଲ୍ଲୀ | ୯ | ୪ | ୫ | ୦ | ୮ | -୦.୮୯୫ |
| କୋଲକାତା | ୯ | ୩ | ୫ | ୧ | ୭ | -୦.୫୩୯ |
| ମୁମ୍ବଇ* | ୯ | ୨ | ୭ | ୦ | ୪ | -୦.୮୦୩ |
| ଲକ୍ଷ୍ନୌ* | ୮ | ୨ | ୬ | ୦ | ୪ | -୧.୧୦୬ |


ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ମାଦ୍ରିଦ ଓପନ୍ ଜିତି ସିନ୍ନରଙ୍କ ରେକର୍ଡ

ମାଦ୍ରିଦ, ୪।୫ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ଜାନିକ ସିନ୍ନର କ୍ୟାରିୟରର ପ୍ରଥମଥର ଲାଗି ମାଦ୍ରିଦ ଓପନ୍ ଟାଇଟଲ୍ ଜିତିଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସିନ୍ନର ୬-୧, ୬-୨ ସିଧାସଳଖ ସେଟ୍‌ରେ ବିଶ୍ୱର ୩ ନମ୍ବର ଖେଳାଳି ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସିନ୍ନରଙ୍କୁ ମାତ୍ର ୫୮ ମିନିଟ ସମୟ ଲାଗିଥିଲା। ଇଟାଲୀର ସିନରଙ୍କ ଏହା କ୍ରମାଗତ ପଞ୍ଚମ ମାଷ୍ଟର-୧୦୦୦ ଟାଇଟଲ୍। ଏଥିପୂର୍ବରୁ ସେ ଚଳିତ ବର୍ଷ ଇଣ୍ଡିଆନ ୱେଲ୍ସ, ମିଆମି ଓ ମୋଣ୍ଟେ କାର୍ଲୋରେ ବାଜିମାତ୍ କରିଥିଲେ। ସେହିଭଳି ୫ ମାସ ତଳେ ଫ୍ରେଞ୍ଚ ଓପନ୍‌ରେ ଚାମ୍ପିଅନ ହୋଇଥିଲେ। ଫଳରେ ବିଶ୍ୱର ପ୍ରଥମ ପୁରୁଷ ଟେନିସ ଖେଳାଳି ଭାବେ ୨୪ ବର୍ଷୀୟ ସିନର କ୍ରମାଗତ ୫ଟି ମାଷ୍ଟର-୧୦୦୦ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ନୋଭାକ ଜୋକୋଭିଚ ଓ ରାଫେଲ ନାଡାଲ କ୍ରମାଗତ ୪ଟି ମାଷ୍ଟର୍ସ ଜିତି ଏହି ରେକର୍ଡର ଅଧିକାରୀ ରହିଥିଲେ।



## କିମି ଆଣ୍ଟୋନେଲି ଜିତିଲେ ମିଆମି ଗ୍ରାଁ ପ୍ରି



ମିଆମି,୪।୫(ଏଜେନ୍ସି): ବିଶ୍ୱର ପ୍ରଥମ ଡ୍ରାଇଭର ଭାବେ ଇଟାଲୀର କିମି ଆଣ୍ଟୋନେଲି ଏଠାରେ ଅନୁଷ୍ଠିତ ମିଆମି ଓପନ ଗ୍ରାଁ ଚାମ୍ପିଅନ ହୋଇଛନ୍ତି। ଏହା ଫଳରେ ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ ପୋଲ ପୋଜିସନ ହାସଲ କରିବା ପରେ ଟାଇଟଲ ଜିତିବାରେ ସମର୍ଥ ହୋଇ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ମର୍ସିଡିଜ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କିମି ଓ ଜର୍ଜ ରସେଲ ଗତ ୪ଟି ଫର୍ମୁଲା ୱାନ୍ ରେସ୍‌ରେ ପୋଲ ପୋଜିସନ ହାସଲ କରିବା ସହ ଚାମ୍ପିଅନ ହୋଇଛନ୍ତି। କିନ୍ତୁ ଏଠରେ ଅନୁଷ୍ଠିତ ସ୍ପ୍ରିଣ୍ଟ ରେସ୍‌ରେ ମ୍ୟାକ୍‌ଲରେନ୍‌ର ଡ୍ରାଇଭର ଲାଣ୍ଡୋ ନୋରିସ୍ ଓ ଓସ୍କାର ପିଆଷ୍ଟ୍ରି ପ୍ରଥମ ଦୁଇଟି ସ୍ଥାନରେ ରହିଥିଲେ। ଚଳିତ ସିଜନରେ ମର୍ସିଡିଜ୍ ଏହି ଇଭେଣ୍ଟରେ କୌଣସି ସଫଳତା ପାଇ ପାରି ନାହିଁ।

## ଦ୍ୱିତୀୟଥର ପିଏସଏଲ୍ ଟାଇଟଲ୍ ଜିତିଲା ପେଶାୱର

ଲାହୋର, ୪।୫ (ଏଜେନ୍ସି): ପାକିସ୍ତାନ ସୁପର୍ ଲିଗ୍ (ପିଏସଏଲ)ର ଏକାଦଶ ସଂସ୍କରଣରେ ପେଶାୱାର ଜାଲମି ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ପେଶାୱାର ୫ ୱିକେଟରେ ହାଇଦରାବାଦ କିଙ୍ଗ୍‌ସମେନ ଦଳକୁ ପରାସ୍ତ କରିଥିଲା। ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ଆରୋନ ହାର୍ଡି (୪ ୱିକେଟ୍ ଓ ଅପରାଜିତ ୫୬ ରନ) ଦମଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ପେଶାୱାରଙ୍କୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମାର୍ନସ ଲାବୁଶ୍ୱେନଙ୍କ ନେତୃତ୍ୱାଧୀନ ହାଇଦରାବାଦ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୧୨୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସଇମ ଆୟୁବ ସର୍ବାଧିକ ୫୦ ବଲରେ ୫୪ ରନ କରିଥିଲେ। ଜବାବରେ ପେଶାୱାର ୧୫.୨ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ହାର୍ଡି ୩୯ ବଲରେ ଅପରାଜିତ ୫୬ ରନ କରି ଦଳକୁ ଚାମ୍ପିଅନ କରାଇଥିଲେ। ଅଧିନାୟକ ବାବର ଆଜମ ଖାତା ଖୋଲିବାରେ ବିଫଳ ହୋଇଥିଲେ। ପ୍ରତିପକ୍ଷ ବୋଲର ମହମ୍ମଦ ଅଲିଙ୍କୁ ୩ଟି ୱିକେଟ ମିଳିଥିଲା। ଚାମ୍ପିଅନ ପେଶାୱାର ଦଳକୁ ଟ୍ରଫି ସହ ୫ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୪.୭୪ କୋଟି) ଓ ହାଇଦରାବାଦକୁ ୩ ଲକ୍ଷ ଡଲାର (୨.୮୪ କୋଟି ଟଙ୍କା) ପୁରସ୍କାର ପ୍ରଦାନ କରାଯାଇଥିଲା।

## ଦକ୍ଷିଣ କୋରିଆ ଉବର ଓ ଚୀନ୍ ଥୋମାସ କପ୍ ଚାମ୍ପିଅନ

କୋପେନହେଗେନ୍,୪।୫(ଏଜେନ୍ସି): ହର୍ସେନଠାରେ ଚାଲିଥିବା ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ମହିଳା ବିଭାଗ ଟିମ୍ ଚାମ୍ପିଅନସିପ୍‌ରେ ଦକ୍ଷିଣ କୋରିଆ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ଦକ୍ଷିଣ କୋରିଆ ୩-୧ ସେଟ୍‌ରେ ଶକ୍ତିଶାଳୀ ଚୀନ୍‌କୁ ପରାସ୍ତ କରିଥିଲା। କିନ୍ତୁ ପୁରୁଷ ବିଭାଗରେ ଚୀନ୍ ଥୋମାସ କପ୍ ବଜାୟ ରଖିବାରେ ସମର୍ଥ ହୋଇଛି। ଫାଇନାଲରେ ଚୀନ୍ ମଧ୍ୟ ୩-୧ ବ୍ୟବଧାନରେ ଚ୍ୟାଲେଞ୍ଜର ଫ୍ରାନ୍ସକୁ ପରାସ୍ତ କରି ଟାଇଟଲ ବଜାୟ ରଖିଥିଲା। ପ୍ରଥମଥର ଲାଗି ଫ୍ରାନ୍ସ ବିଶ୍ୱର ଏହି ଶକ୍ତିଶାଳୀ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏଥିରେ ଭାରତ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛି।

## ଇଣ୍ଟର ମିଲାନକୁ ସେରୀ-ଏ ଟାଇଟଲ

ମିଲାନ୍,୪।୫(ଏଜେନ୍ସି): ଇଣ୍ଟର ମିଲାନ ଇଟାଲୀର ସର୍ବୋଚ୍ଚ କ୍ଲବ୍ ଫୁଟବଲ ଚାମ୍ପିଅନସିପ୍ ସେରୀ-ଏ' ଟାଇଟଲ ବିଜୟୀ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଇଣ୍ଟର ମିଲାନ ୨-୦ ଗୋଲରେ ପାର୍ମାକୁ ହରାଇ ୨୧ଥର ଲାଗି ଏହି ଟାଇଟଲ କବ୍‌ଜା କରିଥିଲେ। ପାର୍ମାକୁ ହରାଇବା ପରେ ଇଣ୍ଟରର ପଏଣ୍ଟ ସଂଖ୍ୟା ୮୨ରେ ପହଞ୍ଚିଛି ଓ ଏହା ଦ୍ୱିତୀୟ ସ୍ଥାନରେ ଥିବା ନାପୋଲିଠାରୁ ୧୨ ପଏଣ୍ଟ ଆଗୁଆ ରହିଛି। ଏହା ଫଳରେ ପରବର୍ତ୍ତୀ ମ୍ୟାଚ୍ ଗୁଡିକର ଫଳାଫଳ ଯାହା ହେଉନା କାହିଁକି, ନାପୋଲି ଆଉ ଇଣ୍ଟରର ପଏଣ୍ଟ ସଂଖ୍ୟା ଅତିକ୍ରମ କରିବା ସମ୍ଭବ ହେବ ନାହିଁ। ବିଜୟୀ ଇଣ୍ଟର ପକ୍ଷରୁ ମାର୍କସ ଥୁରମ ଓ ହେନ୍‌ରିକ୍ ମିଖିତାରାୟନ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।



## ବିରଳ: ଦକ୍ଷିଣ କୋରିଆରେ ଖେଳିବ ଉତ୍ତର କୋରିଆ ମହିଳା ଫୁଟବଲ ଦଳ

ପ୍ୟୋଙ୍ଗୟାଙ୍ଗ, ୪।୫ (ଏଜେନ୍ସି): ଉତ୍ତର କୋରିଆ ମହିଳା ଫୁଟବଲ୍ ଦଳ ଚଳିତ ମାସ ଶେଷ ଭାଗରେ ଦକ୍ଷିଣ କୋରିଆରେ ଏକ ମହାଦେଶୀୟ ଟୁର୍ଣ୍ଣାମେଣ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଯାହା ଯୁଦ୍ଧ-ବିଭକ୍ତ ଦୁଇ ଚିରଶତ୍ରୁ ଦେଶ ମଧ୍ୟରେ ଏକ ବିରଳ କ୍ରୀଡ଼ା ପ୍ରତିଯୋଗିତା ହେବାକୁଯାଉଛି। ପ୍ୟୋଙ୍ଗୟାଙ୍ଗସ୍ଥିତ ନାଏଗୋୟାଙ୍ଗ ଓମେନ ଏଫ୍‌ସି ଦଳ ଓ ସୁଓନ ଏଫ୍‌ସି ମଧ୍ୟରେ ମେ ୨୦ରେ ଏଏଫ୍‌ସି ଓମେନ୍ସ ଚାମ୍ପିଅନସିପ୍ ଲିଗ୍‌ର ସେମିଫାଇନାଲ ଖେଳାଯିବ। ଦକ୍ଷିଣ କୋରିଆର ସିଅଲ ସହରରେ ଏହି ମ୍ୟାଚ୍ ଆୟୋଜିତ ହେବ। ଏହି ହାଇଭୋଲଟେଜ ମ୍ୟାଚ୍ ଖେଳିବାକୁ ଯାଉଥିବା ଉତ୍ତର କୋରିଆର ମହିଳା ଫୁଟବଲ ଦଳର ତାଲିକା ଦକ୍ଷିଣ କୋରିଆ ଫୁଟ୍‌ବଲ ମହାସଂଘ କେଏଫ୍‌ଏ ନିକଟରେ ଦାଖଲ କରାଯାଇସାରିଛି। ଯଦି ଉତ୍ତର କୋରିଆ ଦଳ ଏହି ସେମିଫାଇନାଲ ମ୍ୟାଚ୍ ଖେଳିବାକୁ ନ ଆସିବ ତେବେ ଏସୀୟ ଫୁଟବଲ୍ କନଫେଡେରେସନ (ଏଏଫ୍‌ସି) ଦ୍ୱାରା ଦଣ୍ଡିତ ହେବ। ଏଠାରେ ଉଲ୍ଲେଖଯୋଗ୍ୟ, ଉତ୍ତର କୋରିଆ ଶେଷଥର ପାଇଁ ୨୦୧୮ ରେ ଏକ ଟେବଲ ଟେନିସ ଟୁର୍ଣ୍ଣାମେଣ୍ଟ ଖେଳିବା ଲାଗି ଏହାର ଖେଳାଳିଙ୍କୁ ଦକ୍ଷିଣ କୋରିଆ ପଠାଇଥିଲା। ସେହିଭଳି ଉତ୍ତର କୋରିଆ ମହିଳା ଫୁଟବଲ ଦଳ ଶେଷଥର ଲାଗି ୨୦୧୪ରେ ଇଞ୍ଚିଅନ ଏସୀୟ କ୍ରୀଡ଼ା ଖେଳିବା ଲାଗି ଦକ୍ଷିଣ କୋରିଆ ଗସ୍ତରେ ଯାଇଥିଲା।

**ପବିତ୍ର ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ୍ ଚେସ୍**

## ସତ୍ୟମ୍ ଚାମ୍ପିଅନ, ଧ୍ରୀତିମାନ୍ ରନର୍ସଅପ୍



ଭୁବନେଶ୍ୱର,୪।୫(ସମିସ)

ସତ୍ୟମ ସ୍ୱରୂପ ସାହୁ ୬ଷ୍ଠ ପବିତ୍ର ମୋହନ ସ୍ମାରକୀ ରାଜ୍ୟ ଓପନ ସ୍କୁଲ ଚେସ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସର୍ବାଧିକ ୪.୫ ପଏଣ୍ଟ ପାଇ ପ୍ରଥମସ୍ଥାନରେ ରହିଥିଲେ। ତାଙ୍କ ପଛକୁ ଦୁଇଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଫ୍ୟୁଚର ଭୁବନେଶ୍ୱର ସ୍କୁଲ୍‌ର ଧ୍ରୀତିମାନ ଦେ' ରନର୍ସଅପ୍ ଓ ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ଭୁବନେଶ୍ୱର ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲ୍‌ର ଶ୍ରେୟାଂଶ ଦେଓ ଚତୁର୍ଥ ଓ ନୂଆପଲ୍ଲୀ ନାରାୟଣ ପବ୍ଲିକ୍ ସ୍କୁଲ୍‌ର ଆୟାବନ୍ତ ମହାନ୍ତି ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତା ଶେଷରେ କେଶୁରା ପବ୍ଲିକ୍ ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ ଓ ଓଡ଼ିଶା ରାଜ୍ୟ ଚେସ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ସ୍ୱର୍ଗତ ପବିତ୍ରମୋହନ ମହାନ୍ତି ରାଜ୍ୟର ଜଣେ ଶ୍ରେଷ୍ଠ ଚେସ୍ ଖେଳାଳିଭାବେ ପ୍ରତିଷ୍ଠା ଲାଭ କରିଥିଲେ। ସେ ୧୬ଥର ରାଜ୍ୟ ସିନିଅର ଚେସ ଚାମ୍ପିଅନ ହୋଇଥିଲାବେଳେ ୨ଥର ନ୍ୟାସନାଲ-ବି' ଚେସ୍ ଚାମ୍ପିଅନ ଓ ଥରେ ନ୍ୟାସନାଲ-ଏ' ରନର୍ସଅପ୍ ହୋଇଥିଲେ। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରୁ ଅବସର ନେବା ପରେ ସେହିଠାରେ ଇହଧାମ ପରିତ୍ୟାଗ କରିଥିଲେ।

## ବାରବାଟୀରେ ଦୌଡ଼କୁଦ ପ୍ରଶିକ୍ଷଣ ଶିବିର




ଭୁବନେଶ୍ୱର,୪।୫(ସମିସ): ଓଡ଼ିଶା ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ୩ ସପ୍ତାହବ୍ୟାପୀ ଦୌଡ଼କୁଦ ପ୍ରଶିକ୍ଷଣ ଶିବିର ବାରବାଟୀ ଷ୍ଟାଡିୟମ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇଛି। ଏହି ଶିବିରକୁ ଅନ୍ତର୍ଜାତୀୟ ମାରାଥନ ଦୌଡାଳି ବିବେକାନନ୍ଦ ତ୍ରିପାଠୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଅନ୍ତର୍ଜାତୀୟ ଆଥ୍‌ଲେଟ ଫାରୁକ ଅଲି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଶିବିରରେ ଖେଳାଳିଙ୍କ ଦକ୍ଷତା ଉନ୍ନତି ସହ ଓଡ଼ିଶା ଆଥ୍‌ଲେଟିକ୍ ଏକାଡେମୀର ଦ୍ୱିତୀୟ ବ୍ୟାଚ୍ ଲାଗି ପ୍ରତିଯୋଗୀ ଚୟନ କରାଯିବ। ଏହି ଶିବିରକୁ ଓଡ଼ିଶାର ବିଶିଷ୍ଟ ଆଥଲେଟିକ୍ କୋଚ୍ ଅରୁଣ ଦାଶ, ନୀଳମାଧବ ଦେଓ, ଚିତ୍ତରଞ୍ଜନ ମହାପାତ୍ର, ଏସ୍‌ପି ବର୍ମା ଏବଂ ବିମଳଚନ୍ଦ୍ର ସେଠୀ ପରିଚାଳନା କରିବେ। ଆଜିର ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଆଥଲେଟିକ୍ ସଂଘ ସମ୍ପାଦକ ଅଭିଜିତ ପାଲ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS